
-40

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ

**✽ ଅଷ୍ଟମ ପୁଷ୍ପ ✽ ତୃତୀୟ ପାଖୁଡ଼ା ✽ ଚତ୍ୱାରିଂଶତମ ସଂଖ୍ୟା ✽**


ସଂପାଦକ : କେଶବଦାସ ବୃନ୍ଦାବନ ।

ପ୍ରକାଶକ : ପୀତାମ୍ବର ଦାସ, ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ ।

ମୁଦ୍ରଣ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ଼,
କଟକ, ଫୋନ- ୦୬୭୧-୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୨୦୧

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ
ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ
ଏବଂ ଇନ୍ ପ୍ରିଣ୍ଟ, କଟକଙ୍କ ଦ୍ୱାରା ମୁଦ୍ରିତ ।


ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ।


✽ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : [illegible] ✽

❋ କେଶବାବ୍ଦ : ଷଟ୍‌ଚତ୍ୱାରିଂଶଦ୍ ❋ ଅଗ୍ନ୍ୟୁଦ୍ଭବ ମାସ ❋ ଅଗ୍ନ୍ୟୁଦ୍ଭବ ପୂର୍ଣ୍ଣିମା ❋

# ପ୍ରବେଶ ପରିଚିତି

❋ ଅଷ୍ଟମ ପୁଷ୍ପ ❋
ତୃତୀୟ ପାଖୁଡ଼ା
ଚତ୍ୱାରିଂଶତମ ସଂଖ୍ୟା

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଦାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବେ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ।।

ତୃତୀୟ ମହକ, କେଶବାବ୍ଦ-୫୫, ଗୁରୁପୂର୍ଣ୍ଣିମା, ଜୁଲାଇ ୨୦୧୦

| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ଶ୍ରୀପାଦପଦ୍ମ ବନ୍ଦନା | ୧ |
| **ସିଂହଦ୍ୱାର** | |
| ଗୁରୁମନ୍ତ୍ର | ୨ |
| **ମୁଖଶାଳା** | |
| ସଂପାଦକୀୟ | ୩ |
| 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ: ଭକ୍ତିର ଲକ୍ଷଣ | ୫ |
| **ଶ୍ରୀମନ୍ଦିର** | |
| ଭଜନ | ୮ |
| ପୁରାଣ ପୃଷ୍ଠାରୁ : ଗଳ୍ପାଂଶ : ସତ୍ୟବତୀ କନ୍ୟାର ଚରିତ | ୯ |
| ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ : 'ମୋହ' | ୧୨ |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୫ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚିବି : ମୂର୍ତ୍ତିନିର୍ମାତାରୁ ମୂର୍ତ୍ତିମନ୍ତ | ୧୯ |
| ଉତିଷ୍ଠତଃ ! ଜାଗ୍ରତଃ !! | ୨୨ |
| ଜିଜ୍ଞାସା : ଜିଜ୍ଞାସୁ : | ୨୫ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୨୭ |
| କେଶବ କୈବଲ୍ୟ କଣିକା | ୩୦ |
| କଲ୍ୟାଣ ଦେଲି ତୋତେ | ୩୧ |
| **ନୀଳଚକ୍ର** | |
| ଚରମର ସଙ୍କେତ : ଉତ୍ସବ ପରିଚିତି | ୩୩ |
| ପରମଜ୍ଞାନ ଗୀତାର ତାତ୍ତ୍ୱିକ ବ୍ୟାଖ୍ୟା | ୩୬ |
| ସତ୍ୟବତୀ କନ୍ୟା ଚରିତ ଗଳ୍ପାଂଶର ବ୍ୟାଖ୍ୟା | ୩୮ |
| ତ୍ରିଜଟାର ସୀତାଙ୍କୁ ପ୍ରବୋଧନା ଗଳ୍ପାଂଶର ବ୍ୟାଖ୍ୟା | ୪୧ |

## ପତ୍ରିକା ବ୍ୟବହାର ବିଧି


୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

– ସଂପାଦକ, 'ଚରମ' ।।



ମୂଳାଧାର କର୍ଣ୍ଣଧାର       ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ       ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ତ       ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା       ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।





## ମଙ୍ଗଳାଚରଣ

ଗୈରିକବାସ ପରିଶୋଭିତ ଶ୍ୟାମତନୁମ୍
ଭାଲେ ଶ୍ରୀଚନ୍ଦନଶୋଭା ନୟନାଭିରାମମ୍ ।
ଶ୍ରୀପାଦପଙ୍କଜଦ୍ୱୟ ପାଦୁକାଳଂକୃତମ୍
ପାତୁନଃ ଦେବଦେବେଶ ମମ ଦୀନବନ୍ଧୋ ।।

## ଶ୍ରୀ ପାଦୁକା ବନ୍ଦନା

ଶ୍ରୀପାଦପଦ୍ମ ପୀଠରେ ପ୍ରଣତି ।
ଶ୍ରୀପାଦପଦ୍ମ ଗୋ ରଖ ମିନତି ।।୧।।
ଶ୍ରୀପାଦପଦ୍ମକୁ କରିଛି ଆଶା ।
ଶ୍ରୀପାଦପଦ୍ମ ମୋ ସର୍ବ ଭରସା ।।୨।।
ଶ୍ରୀପାଦପଦ୍ମ ଅରୂପର ରୂପ ।
ଶ୍ରୀପାଦପଦ୍ମ ଗୋ ବ୍ରହ୍ମସ୍ୱରୂପ ।।୩।।
ଶ୍ରୀପାଦପଦ୍ମ ଧିଆନ ମୂରତୀ ।
ଶ୍ରୀପାଦପଦ୍ମ ଦିଅଇ ଶକତି ।।୪।।
ଶ୍ରୀପାଦପଦ୍ମ ହିଁ ସର୍ବକାରଣ ।
ଶ୍ରୀପାଦପଦ୍ମରେ ନାହିଁ ବାରଣ ।।୫।।
ଶ୍ରୀପାଦପଦ୍ମଟି ବିଶ୍ୱ ବନ୍ଦିତ ।
ଶ୍ରୀପାଦପଦ୍ମରେ ପାପୀ ମୁକତ ।।୬।।
ଶ୍ରୀପାଦପଦ୍ମ ବ୍ରହ୍ମାଣ୍ଡ ବ୍ୟାପିଛି ।
ଶ୍ରୀପାଦପଦ୍ମୁ ପୀୟୁଷ ଝରୁଛି ।।୭।।
ଶ୍ରୀପାଦପଦ୍ମରେ ଥାପିଲେ ମନ ।
ଶ୍ରୀପାଦପଦ୍ମରୁ ଉଦୟ ଜ୍ଞାନ ।।୮।।
ଶ୍ରୀପାଦପଦ୍ମକୁ ଚାହିଁ ବସିଥା ।
ଶ୍ରୀପାଦପଦ୍ମ ଯେ ହରିବ ବ୍ୟଥା ।।୯।।

ଶ୍ରୀପାଦପଦ୍ମରୁ ଜ୍ୟୋତି ଝରଇ ।
ଶ୍ରୀପାଦପଦ୍ମରେ ହୁଅନ୍ତୁ' ବାଇ ।।୧୦।।
ଶ୍ରୀପାଦପଦ୍ମଟି ଗୋଲୋକଧାମ ।
ଶ୍ରୀପାଦପଦ୍ମରେ ଢାଳ ପ୍ରଣାମ ।।୧୧।।
ଶ୍ରୀପାଦପଦ୍ମରେ ଠୁଳ ବିଭୂତି ।
ଶ୍ରୀପାଦପଦ୍ମ ହିଁ ନାଶେ ଦୁର୍ଗତି ।।୧୨।।
ଶ୍ରୀପାଦପଦ୍ମ ଦୁଷ୍କୃତି ନାଶଇ ।
ଶ୍ରୀପାଦପଦ୍ମ ଯେ ସନ୍ଥ ପାଳଇ ।।୧୩।।
ଶ୍ରୀପାଦପଦ୍ମ ହିଁ ମୁକତି ପଥ ।
ଶ୍ରୀପାଦପଦ୍ମକୁ ସ୍ମର ସତତ ।।୧୪।।
ଶ୍ରୀପାଦପଦ୍ମ ହିଁ ଜୀବର ଗତି ।
ଶ୍ରୀପାଦପଦ୍ମରେ ଆତ୍ମାର ସ୍ଥିତି ।।୧୫।।
ଶ୍ରୀପାଦପଦ୍ମରେ ଜୀବ ପ୍ରଳୟ ।
ଶ୍ରୀପାଦପଦ୍ମରେ ଯୁଗ ବିଲୟ ।।୧୬।।
ଶ୍ରୀପାଦପଦ୍ମ ଜୀବର ସହାୟ ।
ଶ୍ରୀପାଦପଦ୍ମ ଦିଅଇ ଅଭୟ ।।୧୭।।
ଶ୍ରୀପାଦପଦ୍ମେ ସାଷ୍ଟାଙ୍ଗେ ପ୍ରଣାମ ।
ଶ୍ରୀପାଦପଦ୍ମ ହିଁ ଚରମ ଧାମ ।।୧୮।।




## ଗୁରୁମନ୍ତ୍ର

ବୀଜମନ୍ତ୍ର ଅବିରତ ଜପୁଥା'ରେ ବାବୁ,
ଶ୍ରୀଗୁରୁ କରୁଣାକଲେ ମୋକ୍ଷ ହୋଇଯିବୁ ।୦।।

ଗୁରୁ ବ୍ରହ୍ମା ମହେଶ୍ୱର ଶ୍ରୀଗୁରୁ ପରମେଶ୍ୱର
ଗୁରୁ ଗତି ମୁକ୍ତି ଦାତା-ତାରିଦେବେ ଭବୁ ।।୧।।

ମନ ମୂଳେ ଏ ଜଗତ ମନକୁ କଲେ ଆୟତ
ମନ ବଳରେ ଅସାଧ ସାଧନ କରିବୁ ।।୨।।

ଲୟ ରଖି ଶ୍ରୀପାଦରେ ଚଳିଲେ ଇହ ସଂସାରେ
ବିଷୟା ବିଷଟି ତୋତେ ନକରିବ କାବୁ ।।୩।।

କରୁଛୁ ଯେଉଁ କରମ ଶ୍ରୀଗୁରୁଙ୍କୁ ସମର୍ପଣ
କଲେ ସେ ବୁଝିବେ ତୋ'ର ହାନିଲାଭ ସବୁ ।।୪।।

ଘୁଞ୍ଚିବ ଭବ ଯାତନା ନଥିବ ଚିନ୍ତା ଭାବନା
ଅହରହ ବୀଜମନ୍ତ୍ର ମାନସେ ଜପିବୁ ।।୫।।

ଭବସାଗର ତରଣୀ ଶ୍ରୀଗୁରୁ ପାଦୁକା ଜାଣି
ଆଣ୍ଠେଧରି ଭବସିନ୍ଧୁ ହେଲେ ପାରି ହେବୁ ।୬।।

ମନ୍ତ୍ରଜପ ଅର୍ଘ୍ୟଦାନ ସାଷ୍ଟାଙ୍ଗ ପ୍ରଣାମ ଧ୍ୟାନ
କରି ଶ୍ରୀପଦପରମ ଲଭି ତରି ଯିବୁ ।।୭।।

❋❋❋

'ଚିନିବସ୍ତା ବୋହୁଥିବା ବଳଦ ସାଜ ନାହିଁ । ବଳଦ ଚିନି ବୋହିନିଏ, ହେଲେ ଚିନିର ସ୍ୱାଦୁ ସେ ଜାଣିପାରେ ନାହିଁ । ସେହିପରି ଅନେକ ଶାସ୍ତ୍ର ପାଠ କରି ତତ୍ତ୍ୱଜ୍ଞାନ ଧରି ତାତ୍ତ୍ୱିକ ଜ୍ଞାନୀ ହେଲେ ମଧ ତାହା ଆଚରଣ ନ କଲେ, ତୁମେ ଭାରବାହୀ ପଶୁଟିଏ ସାଜିଯିବ ସିନା, କିନ୍ତୁ ମଣିଷ ପରି ମଣିଷଟିଏ ହୋଇ ପାରିବ ନାହିଁ ।'

— ଶ୍ରୀଗୁରୁସ୍ୱାମୀ

# ମୁଖଶାଳା

## ସମ୍ପାଦକୀୟ

**ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଭାଷାରେ :**

'ସଂସାର ଅଟଇ ମହାଶିକ୍ଷା ଭୂମି
ତ୍ୟାଗ ମହାନ ସାଧନ ।
ଇତର ପରାଣୀ ସମ ନର ହେଲେ
ଜନମ ତା' ଅକାରଣ ।।'

ଦୁର୍ଲଭ ମାନବଜୀବନ ସାଧନଭଜନ ମାଧ୍ୟମରେ ଭଗବତ୍ ପ୍ରାପ୍ତି ପାଇଁ ପ୍ରକୃଷ୍ଟ । ତେଣୁ ଭାଗବତରେ ଅତିବଡ଼ୀ ଜଗନ୍ନାଥ ଦାସ ମାନବଶରୀରର ମହତ୍ତ୍ୱ ପ୍ରତିପାଦନ କରି କାନ୍ତକୋମଳ ପଦାବଳୀରେ ମାନବ ଜନ୍ମ, ଜୀବନ ଓ ଶରୀରର ଭୂୟସୀ ଗୁଣଗାନ କରିଅଛନ୍ତି । ଏହା ଅମୂଳକ ନୁହେଁ କିମ୍ବା ଯୁକ୍ତିତର୍କ ସାପେକ୍ଷ ମଧ୍ୟ ନୁହେଁ । ସକଳ ଯୁକ୍ତିବାଦର ଉର୍ଦ୍ଧ୍ୱରେ । ସାଧନ ଭଜନ ସମ୍ପର୍କରେ ବହୁ ମତ ଓ ବହୁପଥ ମଧ୍ୟରୁ ତ୍ୟାଗ ସାଧନର ମହତ୍ତ୍ୱ ଅନସ୍ୱୀକାର୍ଯ୍ୟ । ଏପରିକି ଗୃହସ୍ଥାଶ୍ରମରେ ରହିଥିବା ମନୁଷ୍ୟମାନେ ତ୍ୟାଗ ଦ୍ୱାରା ପରମାତ୍ମାଙ୍କୁ ପ୍ରାପ୍ତ କରିବାକୁ ମଧ୍ୟ ସମର୍ଥ । ଯୋଗୀ ଋଷି, ମୁନୀ, ତପସ୍ୱୀ ସମସ୍ତଙ୍କ ପାଇଁ ପରମାତ୍ମାଙ୍କୁ ପ୍ରାପ୍ତ କରିବା ଲକ୍ଷ୍ୟରେ ତ୍ୟାଗ ହିଁ ମୁଖ୍ୟ ସାଧନ ଅଟେ ।।

ସମାଜରେ, ସଂସାରରେ, ଗୃହସ୍ଥ ଜୀବନରେ ଚୋରୀ, ବ୍ୟଭିଚାର, ମିଥ୍ୟା, କପଟତା, ଛଳନା, ଜବରଦସ୍ତି, ହିଂସା, ଈର୍ଷା, ପରଶ୍ରୀକାତରତା, ସନ୍ଦେହ, ସଂଶୟ, ଅବିଶ୍ୱାସ, କୃତଘ୍ନତା, ପ୍ରମାଦ ଏବଂ ଅଭକ୍ଷଭୋଜନ ଆଦି ଶାସ୍ତ୍ର ବିରୁଦ୍ଧ ନିଷିଦ୍ଧ କର୍ମସକଳକୁ ମନ, ବଚନ ଓ ଶରୀର ଦ୍ୱାରା କୃତ କର୍ମ ପ୍ରବାହରୁ କୌଣସି ନା କୌଣସି ପ୍ରକାରରେ ସର୍ବାଦୌ ବର୍ଜନ କରିବା ହିଁ ତ୍ୟାଗ ସାଧନର ପ୍ରଥମ ସୋପାନ ଅଟେ ।।

ସ୍ତ୍ରୀ, ପୁତ୍ର, ଧନ ସମ୍ପତ୍ତି ଆଦି ପ୍ରିୟ ବସ୍ତୁ ସବୁର ପ୍ରାପ୍ତି ଉଦ୍ଦେଶ୍ୟରେ ଏବଂ ରୋଗ, ଶୋକ, ସଙ୍କଟ ଇତ୍ୟାଦିରୁ ନିବୃତ୍ତି ନିମନ୍ତେ ଯଜ୍ଞ, ଦାନ, ତପ, ପୂଜା, ଉପାସନାଦି ସକାମ କର୍ମସମୂହକୁ ଆପଣାର ସ୍ୱାର୍ଥ ସିଦ୍ଧି ନିମନ୍ତେ ନ କରିବା ହିଁ ତ୍ୟାଗ ସାଧନର ଦ୍ୱିତୀୟ ସୋପାନ ଅଟେ ।।

ମାନ, ସମ୍ମାନ, ପ୍ରତିପତ୍ତି, ପ୍ରତିଷ୍ଠା ଏବଂ ସ୍ତ୍ରୀ, ପୁତ୍ର, କନ୍ୟା ଓ ଧନ ସମ୍ପତ୍ତି, ଗାଡ଼ି, ଘୋଡ଼ା, କୋଠା, ବାଡ଼ି ଭଳି ଯେତେସବୁ ଅନିତ୍ୟ ପଦାର୍ଥ ପ୍ରାରବ୍ଧ ଅନୁସାରେ ପ୍ରାପ୍ତ ହେଲେ ମଧ୍ୟ ସେ ସବୁର ଉତ୍ତରୋତ୍ତର ଉନ୍ନତି ବା ବଢ଼ତି ପାଇଁ ପୋଷିତ ଇଚ୍ଛାକୁ ଭଗବତ୍ ପ୍ରାପ୍ତି ପଥର ବାଧକ ମନେକରି ସେସବୁ ତ୍ୟାଗ କରିବାକୁ ତ୍ୟାଗ ସାଧନର ତୃତୀୟ ସୋପାନ ବୋଲି ବିଚାର କରାଯାଏ ।।

ଆପଣାର କ୍ଷୁଦ୍ର ସ୍ୱାର୍ଥ ସାଧନ ପାଇଁ ଅନ୍ୟର ସେବା ଗ୍ରହଣ କରିବା, ଆପଣାର ସୁଖ ପାଇଁ ଅନ୍ୟର ସେବା ବା ଧନାଦି ପଦାର୍ଥ ଯାଚନା କରିବା ବା ବିନା ଯାଚନାରେ ମଧ୍ୟ ଅନ୍ୟ ପ୍ରଦତ୍ତ ଦ୍ରବ୍ୟାଦି ବା ସେବା ଗ୍ରହଣ କରିବା ଉଚିତ ନୁହେଁ । ବ୍ୟକ୍ତିଗତ କ୍ଷୁଦ୍ର ସ୍ୱାର୍ଥ ପାଇଁ ଏପ୍ରକାର ସକଳ କର୍ମାଦି ବର୍ଜନ କରିବା ବାଞ୍ଛନୀୟ । ସ୍ୱାର୍ଥସିଦ୍ଧି

ମନୋଭାବ ପୋଷଣ କରି ଅନ୍ୟର ସେବା କରିବା ବା ଅନ୍ୟକୁ କିଛି ଦେବା ମଧ୍ୟ ଶାସ୍ତ୍ର ନିଷିଦ୍ଧ ଅଟେ । ଏହି ସବୁର 'ତ୍ୟାଗକୁ ତ୍ୟାଗ ସାଧନର ଚତୁର୍ଥ ସୋପାନ କୁହାଯାଏ ।।

ଈଶ୍ୱର ଭକ୍ତି, ଦେବତା ପୂଜନ, ମାତାପିତା ଗୁରୁ ଗୁରୁଜନଙ୍କର ସେବା, ଯଜ୍ଞ, ଦାନ, ପ୍ରାର୍ଥନା, ଉପାସନା, ତପଧ୍ୟାନ, ଭଗବଦ୍ କୀର୍ତ୍ତନ ତଥା ବର୍ଣ୍ଣାଶ୍ରମାନୁସାରେ ଜୀବିକା ଦ୍ୱାରା ଗୃହସ୍ଥ ଆଶ୍ରମ ନିର୍ବାହ ଏବଂ ଶରୀର ପରିଚର୍ଯ୍ୟା ଓ ତତ୍ ସମ୍ବନ୍ଧୀୟ ପାନ ଆହାର ଇତ୍ୟାଦି ଯେତେ ପ୍ରକାର କର୍ତ୍ତବ୍ୟ କର୍ମ ରହିଛି ସେସବୁ କର୍ମ କରିବାରେ ଆଳସ୍ୟ ସହିତ ସବୁପ୍ରକାର ସ୍ୱାର୍ଥ ସମ୍ବଳିତ କାମନା ପରିତ୍ୟାଗ କରିବା ଦ୍ୱାରା ତ୍ୟାଗ ସାଧନର ପଞ୍ଚମ ସୋପାନ ଅତିକ୍ରମ କରାଯାଇଥାଏ ।।

ନିଜର କର୍ତ୍ତବ୍ୟ କର୍ମ ମନେକରି ହାନିଲାଭର ବିଚାର ନ କରି ହାନି ବା ଲାଭକୁ ସମାନ ବିଚାରି ସବୁ ପ୍ରକାର ସ୍ୱାର୍ଥସିଦ୍ଧି ଓ କାମନା ତ୍ୟାଗ କରି ଉତ୍ସାହର ସହିତ ଉପର୍ଯ୍ୟୁକ୍ତ କର୍ମାଦି ସମାପନ କରିବା ଦ୍ୱାରା ତ୍ୟାଗ ସାଧନ ଫଳବତୀ ହୁଏ । ଏପରି ଭାବ ମନରେ ଦୃଢ଼ ବିଶ୍ୱାସ ଓ ନିଷ୍ଠାର ସହିତ ପୋଷଣ କରି କର୍ମ କରିବା ଦ୍ୱାରା କରୁଥିବା ବ୍ୟକ୍ତି କର୍ମଫଳ ଲୋଭରୁ ରହିତ ହେବା କାରଣରୁ ତା' ମଧ୍ୟକୁ କୌଣସି ପ୍ରକାର ଦୋଷ ପ୍ରବେଶ କରେ ନାହିଁ ।।

ସାଂସାରିକ ସକଳ ପଦାର୍ଥ ଓ କର୍ମରୁ ମମତା ଏବଂ ଆସକ୍ତିକୁ ସର୍ବଦା ଓ ସର୍ବଥା ସଂପୂର୍ଣ୍ଣ ରୂପେ ତ୍ୟାଗ ଅବଶ୍ୟ କର୍ତ୍ତବ୍ୟ । ଏହା ଗୃହସ୍ଥମାନଙ୍କର ଈଶ୍ୱରୋପଲବ୍ଧି ନିମନ୍ତେ ପଥ ପରିଷ୍କାର କରିଥାଏ । ଏପରିକି ସଂସାର, ପରିବାର, ଶରୀର ଏବଂ କର୍ମରେ ସୂକ୍ଷ୍ମ ବାସନା ଓ ଅହଂଭାବ ପ୍ରଚ୍ଛନ୍ନରେ ମନୁଷ୍ୟ ମଧ୍ୟରେ ଅନ୍ତଃକରଣରେ ସୂକ୍ଷ୍ମବୀଜ ସ୍ୱରୂପରେ ବିଦ୍ୟମାନ ରହିବା ଅସମ୍ଭବ ବା ଅସ୍ୱାଭାବିକ ନୁହେଁ । ତ୍ୟାଗ ସାଧନ ପଥର ସାଧକ ଏହା ସତର୍କତାର ସହିତ କୌଶଳରେ ପରିତ୍ୟାଗ କରନ୍ତି । ଫଳତଃ ତାଙ୍କର ତ୍ୟାଗ ସାଧନ ସଫଳ ଓ ସାର୍ଥକ ହୁଏ ।।

ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟାଦିର ଅଭାବ ଅନ୍ତଃକରଣରେ ଘଟିଲେ; ହିଂସା, ଈର୍ଷା, ସନ୍ଦେହ, ଅବିଶ୍ୱାସ, ଘୃଣା, କପଟତା, ଛଳନା, ମିଥ୍ୟା, ଇନ୍ଦ୍ରିୟ ପ୍ରବଣତା ଆଦିର ଭାବର ପ୍ରାଚୁର୍ଯ୍ୟରେ ଗୃହସ୍ଥ ସ୍ତ୍ରୀ ପୁରୁଷ ଅତିଷ୍ଠ ହୋଇ ନିଜନିଜର ଜୀବନର ମାଧୁରୀ ହରାଇ ବସନ୍ତି ଏବଂ ଫଳତଃ ବିଷାଦ ଓ ଅବସାଦଗ୍ରସ୍ତ ହୋଇ ସୁଖ, ଶାନ୍ତି, ଆନନ୍ଦ ଅନୁଭବ ବା ଉପଭୋଗରୁ ବଞ୍ଚିତ ହୋଇ ଜୀବନକୁ ଜୀବନ୍ତ ମରଣ ମନେ କରନ୍ତି । ଅନ୍ୟପକ୍ଷରେ ଅନ୍ତଃକରଣରେ ଅବଗୁଣ ସକଳର ଅଭାବ ହେଲେ, ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ, ଅପୈଶୁନତା, ଲଜ୍ଜା, ଅମାନିତ୍ୱ, ନିଷ୍କପଟତା, ଶୌଚ, ସନ୍ତୋଷ, ତିତିକ୍ଷା, ସତ୍‌ସଙ୍ଗ, ସେବା, ଯଜ୍ଞ, ଦାନ, ତପ, ସ୍ୱାଧ୍ୟାୟ, ଶମ, ଦମ, ବିନୟ, ଆର୍ଜବ, ଦୟା, ଶ୍ରଦ୍ଧା, ବିବେକ, ବୈରାଗ୍ୟ, ଏକାନ୍ତବାସ, ଅପରିଗ୍ରହ, ସମାଧାନ, ଉପରାମତା, ତେଜ, କ୍ଷମା, ଧୈର୍ଯ୍ୟ, ଅଦ୍ରୋହ, ଅଭୟ, ନିରହଂକାରତା, ଶାନ୍ତି, ଅନନ୍ୟ ଈଶ୍ୱରଭକ୍ତି, କାନ୍ତି, ଆନନ୍ଦ ଇତ୍ୟାଦି ସଦ୍‌ଗୁଣାବଳୀର ଆବିର୍ଭାବ ସ୍ୱାଭାବିକ ଭାବରେ ହିଁ ହୋଇଥାଏ ।।

ଅତଏବ ଯେତେ ଶୀଘ୍ର ସମ୍ଭବ ସେତେ ଶୀଘ୍ର ପ୍ରତ୍ୟେକେ ତ୍ୟାଗ ସାଧନ ମାର୍ଗର ପଥିକ ହୋଇ ନିଷ୍ଠା ଓ ଆନ୍ତରିକତାର ସହିତ ତ୍ୟାଗ ସାଧନ ଅଭ୍ୟାସରେ ଅଭ୍ୟସ୍ତ ହେଲେ, ପରମ ପ୍ରେମମୟ ଠାକୁରଙ୍କୁ ପ୍ରାପ୍ତ ହେବେ, ଏଥିରେ ସନ୍ଦେହ ନାହିଁ ।।

ଅଳମତି ବିସ୍ତରେଣ !
ଓମିତି ନମସ୍କାରାନ୍ତେ-
ଶ୍ରୀକେଶବ ସମର୍ପଣମସ୍ତୁ !!
ବିନୀତ,
କେଶବଦାସ
ସଂପାଦକ, 'ଚରମ'

# 'ଚରମ' ର ଚିନ୍ତନ : ଏ ପାଖୁଡ଼ାରେ

## ଭକ୍ତିର ଲକ୍ଷଣ

ଅକପଟ ଭାବରେ ଈଶ୍ୱରାନୁସନ୍ଧାନ ହିଁ ଭକ୍ତିଯୋଗ । ଏହାର ଆଦି, ମଧ୍ୟ, ଅନ୍ତ ସବୁଠି ହିଁ ଈଶ୍ୱର ପ୍ରୀତି ଓ ଭଗବଦ୍ ପ୍ରେମ ପୂର୍ଣ୍ଣରୂପେ ବିଦ୍ୟମାନ । ମୁହୂର୍ତ୍ତକ ପାଇଁ ସ୍ଥାୟୀ ରହିଥିବା ଭଗବଦ୍ ପ୍ରେମୋନ୍ମତ୍ତତାରୁ ମଧ୍ୟ ଶାଶ୍ୱତୀ ମୁକ୍ତି ଆସିଥାଏ । ନାରଦୀୟ ଭକ୍ତିସୂତ୍ରରେ ଉଲ୍ଲେଖ ଅଛି – 'ଭଗବାନଙ୍କ ଠାରେ ପରମପ୍ରେମ ହିଁ ଭକ୍ତି ।'' ଏହା ଲାଭ କଲେ, ଜୀବ ସର୍ବଭୂତରେ ପ୍ରେମବାନ୍ ଓ ଘୃଣାଶୂନ୍ୟ ହୁଏ ଏବଂ ଅନନ୍ତ କାଳକାଳ ପାଇଁ ତୃପ୍ତି ଲାଭ କରେ । ଏହି ପ୍ରେମଦ୍ୱାରା କୌଣସି କାମ୍ୟ ବସ୍ତୁ ଲାଭ ହୋଇପାରେ ନାହିଁ, କାରଣ ବିଷୟ ବାସନା ସାମାନ୍ୟତମ ରହିଲେ ଏହି ପ୍ରେମର ଉଦୟ ମଧ୍ୟ ହୁଏ ନାହିଁ । ଦେବର୍ଷି ନାରଦ କହିଛନ୍ତି – 'କର୍ମ, ଜ୍ଞାନ, ଯୋଗ ଠାରୁ ଭକ୍ତି ଅଧିକତର । କାରଣ, କର୍ମ, ଜ୍ଞାନ ଓ ଯୋଗର ଲକ୍ଷ୍ୟ ହେଉଛି ସାଧ୍ୟ ବିଶେଷ, କିନ୍ତୁ ଭକ୍ତି ସ୍ୱୟଂ ହିଁ ସାଧ୍ୟ ଓ ସାଧନ ସ୍ୱରୂପା ।।'

ଆମ ଦେଶର ପ୍ରାୟ ସବୁ ମହାପୁରୁଷ ଭକ୍ତି ତତ୍ତ୍ୱର ଆଲୋଚନା କରିଯାଇଅଛନ୍ତି । ଶାଣ୍ଡିଲ୍ୟ, ନାରଦ ଆଦି ଭକ୍ତି ତତ୍ତ୍ୱର ବିଶିଷ୍ଟ ବ୍ୟାଖ୍ୟାତାଗଣଙ୍କୁ ଛାଡ଼ି ଦେଲେ ମଧ୍ୟ ସ୍ପଷ୍ଟତଃ ଜ୍ଞାନମାର୍ଗ ସମର୍ଥନକାରୀ ବ୍ୟାସସୂତ୍ରର ମହାନ୍ ଭାଷ୍ୟକାର ମଧ୍ୟ ଭକ୍ତି ସମ୍ବନ୍ଧରେ ବହୁତ ଇଙ୍ଗିତ କରିଅଛନ୍ତି । ସାଧାରଣତଃ ଲୋକେ ଜ୍ଞାନ ଓ ଭକ୍ତି ମଧ୍ୟରେ ଯେତେ ପାର୍ଥକ୍ୟ ଅଛି ବୋଲି ମନେ କରନ୍ତି, ବାସ୍ତବରେ ସେତେ ପାର୍ଥକ୍ୟ ହିଁ ନାହିଁ । ଉଭୟ ଭକ୍ତି ଓ ଜ୍ଞାନ ମାର୍ଗରେ ଯିଏ ଗତି କରି ଅଛନ୍ତି ସେ ବୁଝନ୍ତି ଓ ବୁଝାଇ ଦିଅନ୍ତି ଯେ, ଜ୍ଞାନ ଓ ଭକ୍ତି ଶେଷରେ ଗୋଟିଏ ଲକ୍ଷ୍ୟରେ ହିଁ ମିଳିତ ହୁଅନ୍ତି ।।

ଭକ୍ତିଯୋଗର ଗୋଟିଏ ବିଶେଷ ସୁବିଧା ହେଉଛି – ଏହା ଆମକୁ ଚରମ ଲକ୍ଷ୍ୟ ଈଶ୍ୱରଙ୍କଠାରେ ପହଞ୍ଚାଇ ଦେବାର ସର୍ବାପେକ୍ଷା ସହଜ ଓ ସ୍ୱାଭାବିକ ପନ୍ଥା । କିନ୍ତୁ ଭକ୍ତିମାର୍ଗର ବିଶେଷ ବିପଦ ଆଶଙ୍କା ଏହି ଯେ, ନିମ୍ନସ୍ତରର ଭକ୍ତି ଅନେକ ସମୟରେ ଭୟଙ୍କର ଗୁଣ୍ଡାମିର ରୂପ ଧାରଣ କରେ । ହିନ୍ଦୁ ମୁସଲମାନ ଓ ଖ୍ରୀଷ୍ଟିୟାନ ସମ୍ପ୍ରଦାୟ ଅନ୍ତର୍ଗତ ନିମ୍ନସ୍ତରର ଭକ୍ତିସାଧକମାନଙ୍କ ମଧ୍ୟରେ ଗୁଣ୍ଡାମି କରୁଥିବା ଗୁଣ୍ଡାଦଳ ଥିବାର ପରିଲକ୍ଷିତ ହୁଏ । ଯେଉଁ ଇଷ୍ଟ ନିଷ୍ଠା ବ୍ୟତୀତ ପ୍ରକୃତ ପ୍ରେମ ଜନ୍ମେ ନାହିଁ, ସେହି ଇଷ୍ଟନିଷ୍ଠାହିଁ ପୁଣି ଅନେକ ସମୟରେ ଅନ୍ୟ ସବୁ ମତ ଉପରେ ତୀବ୍ର ଆକ୍ରମଣ ଓ ଦୋଷାରୋପର କାରଣ ହୋଇ ଛିଡ଼ା ହୁଏ । ଭକ୍ତିଯୋଗର ଏହି ନିମ୍ନ ସ୍ତରର ସାଧକମାନଙ୍କର ଅବସ୍ଥାକୁ ଗୌଣୀ କୁହାଯାଏ । ଗୌଣୀ ଅବସ୍ଥା ପରିପକ୍ୱ ହୋଇ ପରାଭକ୍ତିରେ ପରିଣତ ହେଲେ ଆଉ ଏପରି ଭୟାନକ ଗୁଣ୍ଡାମିର ଆଶଙ୍କା ନଥାଏ । ପରାଭକ୍ତିର ପ୍ରଭାବରୁ ସାଧକ ପ୍ରେମସ୍ୱରୂପ ଠାକୁରଙ୍କର ଏତେ ନିକଟତା ଲାଭ କରେ ଯେ, ସେ ତା' ଜୀବନରେ ଅନ୍ୟପ୍ରତି କଦାପି ଘୃଣାଭାବ ବିସ୍ତାର କରିପାରେ ନାହିଁ ।।

ଏହି ଗୋଟିଏ ଜୀବନରେ ଯେ ଜଣେ ସକଳ ସାମଞ୍ଜସ୍ୟର ସହିତ ଚରିତ୍ର ଗଢ଼ି ତୋଳି ପାରିବେ, ତାହା ସମ୍ଭବ ନୁହେଁ । ଏଥିପାଇଁ ଜନ୍ମ ପରେ ଜନ୍ମ ମାନବ ଜୀବନ ଲାଭକରି ସାଧନ କରିବାକୁ ହୁଏ । ଯେଉଁ ଚରିତ୍ରରେ ଜ୍ଞାନ, ଭକ୍ତି ଓ ଯୋଗ ଏକତ୍ର ସମନ୍ୱିତ ହୋଇଛି, ସେହି ଚରିତ୍ର ହିଁ ସର୍ବାପେକ୍ଷା ମହତ୍ । ଆକାଶରେ ଉଡ଼ିବା ପାଇଁ ଓ ଦିଗ ପରିବର୍ତ୍ତନ ପାଇଁ ଯେପରି ପକ୍ଷୀର ତିନୋଟି ଜିନିଷ–ଦୁଇଟି ଡ଼େଣା ଓ ଗୋଟିଏ ପୁଚ୍ଛ ଆବଶ୍ୟକ, ସେହିପରି ସାଧକର ମଧ୍ୟ ତିନୋଟି ଜିନିଷ ଲୋଡ଼ା ପଡ଼େ – ଜ୍ଞାନ ଓ ଭକ୍ତି ଦୁଇଟି ଡ଼େଣା ଓ ଉଭୟ ମଧ୍ୟରେ ସାମଞ୍ଜସ୍ୟ ରକ୍ଷା ପାଇଁ ଯୋଗ ହେଉଛି ପୁଚ୍ଛ । ଯେଉଁମାନେ ଏହି ତିନି ପ୍ରକାର ସାଧନ ପ୍ରଣାଳୀ ଏକସଙ୍ଗରେ ସାମଞ୍ଜସ୍ୟର ସହିତ ଅନୁଷ୍ଠାନ କରିନପାରି ଭକ୍ତିକୁ ହିଁ ଏକମାତ୍ର ପଥରୂପେ ଗ୍ରହଣ କରନ୍ତି ବା କରିଛନ୍ତି, ସେମାନେ

ଏକଥା ମଧ୍ୟ ମନେ ରଖିବା ଉଚିତ ଯେ, ବାହ୍ୟ ଅନୁଷ୍ଠାନ ଓ କ୍ରିୟାକଳାପ ପ୍ରାଥମିକ ଅବସ୍ଥାରେ ସାଧକ ପକ୍ଷରେ ଅତ୍ୟନ୍ତ ଆବଶ୍ୟକ ହେଲେ ମଧ୍ୟ ଠାକୁରଙ୍କ ପ୍ରତି ପ୍ରଗାଢ଼ ପ୍ରେମାବସ୍ଥାକୁ ଆଗେଇ ଦେବା ବ୍ୟତୀତ ଏଗୁଡ଼ିକର ଅନ୍ୟ କୌଣସି ଉପଯୋଗିତା ହିଁ ନାହିଁ ।।

ଭକ୍ତିମାର୍ଗୀ ଓ ଜ୍ଞାନୀମାର୍ଗୀମାନଙ୍କ ମଧ୍ୟରେ ସାମାନ୍ୟ ମତଭେଦ ଅବଶ୍ୟ ରହିଛି, ଯଦିଓ ଉଭୟେ ଭକ୍ତିର ପ୍ରଭାବ ଉପରେ ବିଶ୍ୱାସୀ । ଜ୍ଞାନୀମାନେ ଭକ୍ତିକୁ ମୁକ୍ତିର ଉପାୟମାତ୍ର ବୋଲି ମନେ କରିଥାଆନ୍ତି, କିନ୍ତୁ ଭକ୍ତମାନେ ଭକ୍ତିକୁ ଉଭୟ ଉପାୟ ଓ ଉଦ୍ଦେଶ୍ୟ – ଏକାଧାରରେ ଦୁଇଟି ମନେ କରନ୍ତି । ଆମର ବୋଧହୁଏ, ଏହି ପ୍ରଭେଦ କେବଳ ନାମକୁ ମାତ୍ର ପ୍ରଭେଦ । ପ୍ରକୃତପକ୍ଷେ ଭକ୍ତିକୁ ସାଧନ ସ୍ୱରୂପ ଧରିଲେ, ନିମ୍ନସ୍ତରର ଉପାସନାକୁହିଁ ବୁଝାଏ, ଆଉ ଟିକିଏ ଅଗ୍ରସର ହେଲେ ଏହି ନିମ୍ନସ୍ତରର ଉପାସନା ହିଁ ଉଚ୍ଚସ୍ତରର ଭକ୍ତି ସହିତ ଅଭିନନ ଭାବ ଧାରଣ କରେ । ପ୍ରକୃତ ଜ୍ଞାନ ଅଯାଚିତ ହେଲେ ମଧ୍ୟ ପୂର୍ଣ୍ଣଭକ୍ତି ସହିତ ଆସିବ ହିଁ ଆସିବ, ଏବଂ ପୂର୍ଣ୍ଣଜ୍ଞାନ ସହିତ ପ୍ରକୃତ ଭକ୍ତି ମଧ୍ୟ ଅଭିନ୍ନ ।।

ଲୋକମାନଙ୍କ ମଧ୍ୟରେ ଏପରି ଚର୍ଚ୍ଚା ଓ ଆଲୋଚନା ହେବାର ଆମେ ଶୁଣୁ–ଅମୁକ ଗୁରୁର ଭକ୍ତ, ଅମୁକ ବାବାର ଭକ୍ତ । ଯେଉଁ ବ୍ୟକ୍ତି ଗୁରୁ ବା ବାବାଙ୍କର ନିର୍ଦ୍ଦେଶାନୁବର୍ତ୍ତୀ ହୁଏ ଏବଂ ସେହି ନିର୍ଦ୍ଦେଶାନୁବର୍ତ୍ତନକୁ ଏକମାତ୍ର ଲକ୍ଷ୍ୟ ରଖି କାର୍ଯ୍ୟକରେ, ତାକୁ ହିଁ ଭକ୍ତ କୁହାଯାଏ । ଲୋକେ ଏପରି କହିବାର ମଧ୍ୟ ଶୁଣାଯାଏ – ଅମୁକ ପ୍ରତିପ୍ରାଣ ସ୍ତ୍ରୀ ତା'ର ପତିର ଧ୍ୟାନ କରୁଛି । ପତିର ଆବଶ୍ୟକତାକୁ ଧ୍ୟାନରେ ରଖି ସେବା କରୁଛି । ଏଥିରେ ମଧ୍ୟ ଗୋଟିଏ ପ୍ରକାର ସାଗ୍ରହ ଅବିଚ୍ଛିନ୍ନ ସ୍ମୃତି ହିଁ ଲକ୍ଷ୍ୟ କରାଯାଉଛି । ଗୋଟିଏ ପାତ୍ରରୁ ଅନ୍ୟ ଗୋଟିଏ ପାତ୍ରକୁ ନିକ୍ଷିପ୍ତ ଅବିଚ୍ଛିନ୍ନ ତୈଳଧାରା ପରି ପ୍ରବାହିତ 'ଧ୍ୟେୟ'ଙ୍କର ନିରନ୍ତର ସ୍ମରଣର ନାମ ହିଁ ଧ୍ୟାନ । ଯେତେବେଳେ ଠାକୁରଙ୍କ ସମ୍ବନ୍ଧୀୟ ଏପ୍ରକାର ଅବିଚ୍ଛିନ୍ନ ସ୍ମୃତିର ଅବସ୍ଥା ଲବ୍ଧ ବା ପ୍ରାପ୍ତ ହୁଏ, ସେତେବେଳେ ସକଳ ବନ୍ଧନ ନାଶ ହୁଏ । ଏପରି ନିରନ୍ତର ସ୍ମରଣକୁ ମୁକ୍ତିର କାରଣ କୁହାଯାଏ । ଏପରି ସ୍ମରଣ ପୁଣି ଦର୍ଶନ କରିବା ସହିତ ସମାନ । କାରଣ ସେହି ପର ଓ ଅପର (ଦୂର ଓ ସନ୍ନିହିତ) ପୁରୁଷଙ୍କୁ ଦର୍ଶନ କଲେ, ହୃଦୟଗ୍ରନ୍ଥି ନାଶ ହୁଏ, ସକଳ ସଂଶୟ ଛିନ୍ନ ହୋଇଯାଏ ଏବଂ କର୍ମକ୍ଷୟ ମଧ୍ୟ ହୋଇଥାଏ । ଏଠାରେ ସ୍ମରଣ ଓ ଦର୍ଶନକୁ ସମାର୍ଥକ ରୂପେ ବ୍ୟବହାର କରାଯାଇଛି । କାରଣ ଏପରି ସ୍ମରଣ ମାଧ୍ୟମରେ ଦର୍ଶନକୁ ଗୋଟିଏ ପର୍ଯ୍ୟାୟର କାର୍ଯ୍ୟରୂପେ ଗ୍ରହଣ କରାଯାଏ । ସ୍ମରଣ ପ୍ରଗାଢ଼ ହେଲେ ଦର୍ଶନତୁଲ୍ୟ ହୋଇଯାଏ । ଠାକୁରଙ୍କୁ ନିରନ୍ତର ସ୍ମରଣରେ ରଖିବା ହିଁ ପ୍ରକୃଷ୍ଟ ଉପାସନା । ଗୋପୀମାନଙ୍କର ଏହିପରି ସ୍ମରଣ ମାଧ୍ୟମରେ କୃଷ୍ଣଙ୍କର ଉପାସନା ହେଉଥିଲା ଓ ସେମାନେ ନିରନ୍ତର କୃଷ୍ଣଙ୍କୁ ଦର୍ଶନ କରିପାରୁଥିଲେ । ତେଣୁ ସେମାନେ ମୁକ୍ତ ଥିଲେ ଓ ଯୋଗଯୁକ୍ତ ଭକ୍ତ ମଧ୍ୟ ଥିଲେ ।

ଗୋପୀଭାବ ହିଁ ଭକ୍ତି ପରାକାଷ୍ଠାର ପରିଣତି । ଏହା ମୁକ୍ତିର ପଥ ଉନ୍ମୋଚନ କରେ । ଯେତେବେଳେ ସ୍ମୃତି ପ୍ରତ୍ୟକ୍ଷାନୁଭୂତିର ଆକାର ଧାରଣ କରେ, ସେତେବେଳେ ତାହାକୁ ମୁକ୍ତିର ଉପାୟ ବୋଲି କୁହାଯାଏ । ନାନାବିଧ ବିଦ୍ୟା ଦ୍ୱାରା, ବୁଦ୍ଧି ଦ୍ୱାରା କିମ୍ବା ବହୁ ବେଦାଧ୍ୟୟନ ଦ୍ୱାରା ଆତ୍ମା ସୁଲଭ୍ୟ ନୁହେଁ । ଯାହାକୁ ଆତ୍ମା ବରଣ କରେ, ସେ ହିଁ ଆତ୍ମାକୁ ଲାଭ କରନ୍ତି । ତାଙ୍କ ନିକଟରେ ଆତ୍ମା ନିଜର ସ୍ୱରୂପ ପ୍ରକାଶ କରେ । ଶ୍ରବଣ, ମନନ ଓ ନିଦିଧ୍ୟାସନ ଦ୍ୱାରା ଆତ୍ମା ଲବ୍ଧ ହୁଏ ନାହିଁ । ଆତ୍ମା ଯାହାକୁ ବରଣ କରେ, ତାଙ୍କରି ଦ୍ୱାରା ହିଁ ଆତ୍ମା ଲବ୍ଧ ହୁଏ । ଆମେ ଜାଣୁ, ଅତ୍ୟନ୍ତ ପ୍ରିୟ ବା ପ୍ରିୟତମଙ୍କୁ ହିଁ ବରଣ କରାଯାଏ । ଯେ ଆତ୍ମାକୁ ଅତ୍ୟନ୍ତ ଭଲ ପାଆନ୍ତି, ଆତ୍ମା ତାଙ୍କୁ ହିଁ ଅତିଶୟ ଭଲପାଏ ଏବଂ ଏହି ପ୍ରିୟତମ ବ୍ୟକ୍ତି ଯେପରି ଆତ୍ମାକୁ ଲାଭ କରିପାରନ୍ତି, ସେ ବିଷୟରେ ସ୍ୱୟଂ ଠାକୁରେ ତାଙ୍କୁ ସାହାଯ୍ୟ ସହଯୋଗ ସହିତ କରୁଣା ଓ କଲ୍ୟାଣ କରନ୍ତି । କାରଣ ଠାକୁରେ ସ୍ୱମୁଖରେ ପ୍ରକାଶ

କରିଛନ୍ତି - ଯିଏ ନିରନ୍ତର ଆମ୍ଭ ପ୍ରତି ଆସକ୍ତ ଏବଂ ଆମକୁ ସପ୍ରେମ ଓ ସସ୍ପୃହ ଉପାସନା କରେ, ଆମେ ତା'ର ବୁଦ୍ଧିକୁ ଏପରି ଭାବରେ ଚାଳନ କରୁଁ, ଯେପରି ସେ ଆମକୁହିଁ ଲାଭ କରିବ ।

ଈଶ୍ୱର ପ୍ରଣିଧାନରେ ମଧ୍ୟ ସେହି ଗୋଟିଏ ଅର୍ଥ, ଗୋଟିଏ ଲାଭ । ପ୍ରଣିଧାନରେ ସେହିପରି ଭକ୍ତି ନିହିତ ଥାଏ । ଏହାଦ୍ୱାରା ଆମର ସମୁଦାୟ ଫଳାକାଂକ୍ଷା (ଯେପରି ଇନ୍ଦ୍ରିୟଗ୍ରାହ୍ୟ ବିଷୟ ଭୋଗ ଇତ୍ୟାଦି) ପରିତ୍ୟକ୍ତ ହୋଇ ସକଳ କର୍ମ ସେହି ପରମଗୁରୁ ଚରମ ପୁରୁଷଙ୍କ ଶ୍ରୀପାଦପଦ୍ମରେ ସଂପୂର୍ଣ୍ଣ ସମର୍ପିତ ହୁଏ । ପୁଣି ପ୍ରଣିଧାନ ଦ୍ୱାରା ଏପରି ବିଶେଷ ଭକ୍ତଭାବର ଉଦ୍ରେକ ହୁଏ, ଯାହାଦ୍ୱାରା ଯୋଗୀ ନିକଟରେ ସେହି ଚରମପୁରୁଷଙ୍କର କୃପା, କରୁଣା ଓ କଲ୍ୟାଣ ଆବିର୍ଭାବ ହୁଏ ଏବଂ ତା'ର ବାସନା ସକଳ ପୂର୍ଣ୍ଣ ହୁଏ । ଶାଣ୍ଡିଲ୍ୟଙ୍କ ମତାନୁସାରେ ଠାକୁରଙ୍କ ଠାରେ ପରମ ଅନୁରକ୍ତି (ପ୍ରୀତି, ପ୍ରେମ) ହିଁ ଭକ୍ତି । ଭକ୍ତରାଜ ପ୍ରହ୍ଲାଦ ଭକ୍ତିର ଯେଉଁ ସଂଜ୍ଞା ଦେଇଛନ୍ତି, ତାହାହିଁ ସର୍ବାପେକ୍ଷା ଶ୍ରେଷ୍ଠ । ମୂଢ଼ ପାଖରେ ଇନ୍ଦ୍ରିୟ ବିଷୟରେ ଯେପରି ତୀବ୍ର ଆଗ୍ରହ ଦେଖିବାକୁ ମିଳେ, ହେ ପ୍ରଭୁ, ତୁମକୁ ସ୍ମରଣ କରିବା ସମୟରେ ତୁମ ପ୍ରତି ସେହିପରି ତୀବ୍ର ଆସକ୍ତି ଯେପିର ମୋ ହୃଦୟରୁ ଅପସାରିତ ନହୁଏ - ଏତିକି ମାତ୍ର କରୁଣା ମୋତେ ଚିରଦିନ କରିଥିବ । ଏହି ଆସକ୍ତି କାହା ପାଇଁ ? ପରମପ୍ରଭୁ, ଚରମ ପୁରୁଷ, ପୂର୍ଣ୍ଣ ପରଂବ୍ରହ୍ମ, ପରମ ପ୍ରେମମୟ, କରୁଣାସାଗର, ଭକ୍ତବନ୍ଧୁ, ଭାବଗ୍ରାହୀ, ସର୍ବାନ୍ତର୍ଯ୍ୟାମି, ଗୁରୁସ୍ୱାମୀ, ଜୀବନଦେବତା ଠାକୁରଙ୍କ ପାଇଁ ହିଁ ଏହି ଆସକ୍ତି । ପ୍ରଭୁଙ୍କ ବ୍ୟତୀତ ଅନ୍ୟ କାହାକୁ - ସେ ଯେତେ ବଡ଼ ହୁଅନ୍ତୁନା କାହିଁକି- ଭଲପାଇବା, ତୀବ୍ର ଭାବରେ ଭଲ ପାଇବା କଦାପି କେତେବେଳେ ହେଲେ 'ଭକ୍ତି' ବୋଲି କୁହାଯାଇ ନପାରେ । ବ୍ରହ୍ମାଙ୍କ ଠାରୁ ଆରମ୍ଭ କରି କ୍ଷୁଦ୍ର ତୃଣ ପର୍ଯ୍ୟନ୍ତ ଜଗତ ଅନ୍ତର୍ଗତ ସମସ୍ତ ପ୍ରାଣୀ କର୍ମ ଓ କର୍ମଫଳ ହେତୁ ଜନ୍ମ ଓ ମୃତ୍ୟୁର ବଶୀଭୂତ । ସେମାନେ ସମସ୍ତେ ଅବିଦ୍ୟା ଓ ଅଜ୍ଞାନତାର ଅର୍ନ୍ତଗତ ଓ ପରିବର୍ତ୍ତନଶୀଳ ବୋଲି ସାଧକର ଧ୍ୟାନରେ ସହାୟ ହୁଅନ୍ତି ନାହିଁ । ଅନୁରକ୍ତିର ଅର୍ଥ ହେଉଛି - ଅନୁ ଅର୍ଥାତ୍ ପଶ୍ଚାତ୍ ଓ ରକ୍ତି ଅର୍ଥାତ୍ ଆସକ୍ତି । ଅର୍ଥାତ୍ ଠାକୁରଙ୍କର ସ୍ୱରୂପ ଓ ଲୀଳା ମହିମା ଜ୍ଞାନ ଲାଭ କରିବା ପରେ ତାଙ୍କ ପ୍ରତି ଯେଉଁ ଆସକ୍ତି ଆସେ, ତାହାହିଁ ଅନୁରକ୍ତି । ତା' ନହେଲେ ଯେ କୌଣସି ବ୍ୟକ୍ତି ପ୍ରତି, ଯେପରି ସ୍ତ୍ରୀ, ପୁତ୍ର, କନ୍ୟା, ଜାମାତା, ନାତି ନାତୁଣୀ ପ୍ରତି ଜାତ ଅନ୍ଧ ମମତା ଓ ଆସକ୍ତି ମଧ୍ୟ ଭକ୍ତି ହୋଇଯିବ । କିନ୍ତୁ ଏପରି ଅନ୍ଧ ଆସକ୍ତିକୁ କଦାପି ଭକ୍ତି କୁହାଯାଇ ପାରେନା । ଅତଏବ ଆମେ ଦେଖୁଛୁ, ସାଧାରଣ ପୂଜା ଉପାସନା ଠାରୁ ଆରମ୍ଭ କରି ଠାକୁରଙ୍କ ଠାରେ ପ୍ରଗାଢ଼ ଅନୁରାଗ ପର୍ଯ୍ୟନ୍ତ ଆଧ୍ୟାତ୍ମିକ ଅନୁଭୂତି ପାଇଁ ଚେଷ୍ଟା ପରମ୍ପରାର ଅନ୍ୟ ନାମ ହିଁ ଭକ୍ତି ।

ଏହା ହିଁ ସଂକ୍ଷେପରେ ଭକ୍ତିର ଲକ୍ଷଣ ଓ ସ୍ୱରୂପ ।।

***

ଚରମ ପ୍ରାପତି ପଥେ ଚାଲ ଅବିରତ,
ଧର୍ମଧାରା କର୍ମଯୋଗ କରତୁ' ନିୟତ ।
ଭାବ ଭକ୍ତି ଦୃଢ଼ କର ନିଷ୍ଠାଲେ ସତତ,
ଅନ୍ତିମେ ନିଶ୍ଚୟ ହେବ ଚରମ ପ୍ରାପତ ।।

# ଶ୍ରୀମନ୍ଦିର

## ଭଜନ

ନୀଳ ଜରିଆର ଫେନିଳ ଜଳ		ଶୂନ୍ୟ ଆକାଶର ବାୟୁ ଚଞ୍ଚଳ
ମାୟାଧର ତବ ମାୟା କୁଣ୍ଡଳ		କଳାମେଘ ଦେହେ ମାୟା ଅଥଳ ହେ
ସୁବର୍ଣ୍ଣ କ୍ଷେତ୍ରର ସାଇଁ ହେ ସୁବର୍ଣ୍ଣ କ୍ଷେତ୍ରର ସାଇଁ
ତ୍ରିଗୁଣ ରଜ୍ଜୁର କାଳ ସୂତ୍ର ଖେଳେ ବାନ୍ଧିଛ ଜୀବ କିମ୍ପାଇଁ ହେ ।।୧।।

ମୋହ ଉର୍ମ୍ମିମାଳା ଶୂନ୍ୟରେ ଖେଳେ		ପଞ୍ଚଭୂତ ରକ୍ତ ପିଣ୍ଡ ଶଙ୍ଖୋଳେ
ଷଡ଼ ରିପୁ ସଖା, ବଂଧୁଙ୍କ ମେଳେ		ସଜାଇ ବସିଛ ବଗାର କୋଳେ ହେ
ଥଳକୂଳ ମିଳୁନାହିଁ ହେ ଥଳକୂଳ ମିଳୁନାହିଁ
କରୁଣା ସାଗର ନାମ କେଉଁପାଇଁ ବହିଛ କୁହ ଗୋସାଇଁ ହେ ।।୨।।

ଆୟୁ ସୂର୍ଯ୍ୟ ମୋର ଅସ୍ତ ଯାଉଛି		ଚକ୍ଷୁର ଲୋତକ ସରି ଯାଇଛି
କୁଣ୍ଡଳିନୀ ପଦ୍ମ ମୁଦ୍ରିତ ହୋଇ		ଭାବ ଭକ୍ତି ଚେତା ଦେଲା ହଜାଇ ହେ
ତୁମେ ନ କରିଲେ ତ୍ରାହି ହେ ତୁମେ ନ କରିଲେ ତ୍ରାହି
ବ୍ରହ୍ମାଣ୍ଡେ କିଏ ସେ ଅଛି ମୋର ଆଉ ଅସ୍ତପାଣ ଦେବ ଫେଇ ହେ ।।୩।।

ଛନ୍ଦ କୁଟ ଛାଡ଼ ଯଦୁ କୁମର		ମାଗୁନାହିଁ ଧନ ଯଶ ସମ୍ଭାର
ବନ୍ଧନ ଶିକୁଳି ଶିଥିଳ କରି		ନିଅ ମୋତେ ଥରେ ନିଜର କରି ହେ
କୃପାପତି ଭାବଗ୍ରାହୀ ହେ କୃପାପତି ଭାବଗ୍ରାହୀ
ପତିତ ତାରଣେ ତୁମ ଗନ୍ତାଘର କେବେ ବି ସରିବ ନାହିଁ ହେ ।।୪।।

***




# ଗଳ୍ପଶା

## ସତ୍ୟବତୀ କନ୍ୟାର ଚ଼ରିତ

**-: ଶିବ ପୁରାଣରୁ ଉଦ୍ଧୃତ :-**

ଏହାପରେ ଋଷିମାନେ ସନତ୍‌କୁମାରଙ୍କୁ ନନ୍ଦୀଶ୍ୱରଙ୍କର ଜନ୍ମବୃତ୍ତାନ୍ତ ପଚାରି କହିଲେ, ନନ୍ଦୀ କାହିଁକି ସମସ୍ତଗଣରେ ଶ୍ରେଷ୍ଠ ହେଲେ, ସେ କାହିଁକି ସକଳ ଲୋକରେ ପୂଜ୍ୟ ହେଲେ, ବୃଷଧ୍ୱଜ ଦେବଦେବ ମହାଦେବ କାହିଁକି ତାଙ୍କଠାରେ ସର୍ବଦା ପ୍ରସନ୍ନ ଅଟନ୍ତି । ଏହି କୌତୁକ ଚରିତଟି ଯତ୍ନର ସହିତ ସୁବିସ୍ତୃତ ଭାବରେ ଶୁଣିଲେ ଆମର ସନ୍ଦେହ ତୁଟିଯିବ । ଏହା ଶୁଣି ମୁନିପୁଙ୍ଗବ ସନତ୍‌କୁମାର କହିଲେ -

'ବୋଲନ୍ତି ଶୁଣହେ ସର୍ବେ ନନ୍ଦୀଶ୍ୱର ଜନ୍ମ, ସଦ୍‌ଗତି ଲଭିବ ପୂର୍ଣ୍ଣହେବ ସର୍ମକାମ ।

ଏକମନ ହୋଇ ଶୁଣ କୌତୁକ ଚ଼ରିତ, ଶୁଣିଲା ମାତ୍ରକେ ମନେ ହର୍ଷ ହେବ ଜାତ ।'

ସନତ୍‌କୁମାର କହିଲେ - ପୂର୍ବକାଳରେ ହରିଶ୍ଚନ୍ଦ୍ର ନାମରେ ଜଣେ ମହାରାଜା ସୂର୍ଯ୍ୟବଂଶରେ ଜାତ ହୋଇ ଚାରିସମୁଦ୍ରାନ୍ତ ପ୍ରଜା ପାଳନ କରି ପୃଥିବୀରେ ଅଶେଷ ଖ୍ୟାତି ଲାଭ କରିଥିଲେ । ତାଙ୍କ ପାଦତଳେ ପଡ଼ୋଶି ରାଜ୍ୟର ରାଜାମାନେ ଖଟଣି ଖଟୁଥିଲେ । ସେ ଧାର୍ମିକ, ବିବେକୀ, ପଣ୍ଡିତ ଓ ଶୌର୍ଯ୍ୟବନ୍ତ ଥିଲେ ଏବଂ ଶତ୍ରୁମାନଙ୍କୁ ସମୂଳେ ନିପାତ କରୁଥିଲେ । ସେ ଦାତା ଶିରୋମଣି ଥିଲେ । ସେ ଅଯୋଧ୍ୟାର ନରପତି ଥିଲେ ଓ ପ୍ରବଳ ପ୍ରତାପୀ ମଧ୍ୟ ଥିଲେ । ସାତ୍ତ୍ୱିକ ମନରେ ସେ ପ୍ରତିଦିନ ଅନେକ ଦାନ ଦେଉଥିଲେ । ତାହା ଶୁଣି ଦିନେ ବିଶ୍ୱାମିତ୍ର ଆସି ତାଙ୍କ ରାଜପ୍ରାସାଦରେ ପଦାର୍ପଣ କଲେ । ସେ ଦାନଭିକ୍ଷା କରିବାରୁ ରାଜା ତାଙ୍କୁ ନିଜର ସମସ୍ତ ରାଜ୍ୟ ଓ ରାଜକୋଷ ଦାନ ଦେଲେ । ଦାନ ଦେବାପରେ ଦକ୍ଷିଣା ଦେବା ପାଇଁ ତାଙ୍କ ପାଖରେ ଆଉ କିଛି ନଥିଲା । ଦାନଦେଇ ଦକ୍ଷିଣା ନଦେଲେ, ଦାନ ବ୍ୟର୍ଥ ହୁଏ । ତହୁଁ ରାଜା ଦକ୍ଷିଣା ଦେବାପାଇଁ ଅର୍ଥସଂଗ୍ରହ ନିମନ୍ତେ ନିଜକୁ, ନିଜ ସ୍ତ୍ରୀଙ୍କୁ ଓ ନିଜ ପୁତ୍ରକୁ ବିକ୍ରୟ କରି ଦେଇଥିଲେ ।

ରାଜା ହରିଶ୍ଚନ୍ଦ୍ରଙ୍କର ପ୍ରଥମ ପତ୍ନୀ ଥିଲେ ଜୟାଦେବୀ-ପାର୍ବତୀଙ୍କର ସଖୀ । ଗୌରୀଙ୍କର ଅଭିଶାପରୁ ସେ ଧରାଧାମରେ ସତ୍ୟବତୀ ନାମ ଧାରଣ କରି ଜନ୍ମଗ୍ରହଣ କରିଥିଲେ । ତାଙ୍କର ଚିତ୍ତବୃତ୍ତି ସର୍ବଦା ଧର୍ମରେ ହିଁ ଆବଦ୍ଧ ଥିଲା । ସେ ରାଜବଂଶରେ ଜନ୍ମଗ୍ରହଣ କରିଥିଲେ । ଏହାଶୁଣି ଋଷିମାନେ ଜୟାଙ୍କର ଅଭିଶାପ ବୃତ୍ତାନ୍ତ ଶୁଣିବା ପାଇଁ ଆଗ୍ରହ ପ୍ରକାଶ କରି ମୁନିପୁଙ୍ଗବ ସନତ୍‌କୁମାରଙ୍କୁ ସବିନୟ ଅନୁରୋଧ କଲେ । ସନତ୍‌କୁମାର ଋଷିମାନଙ୍କର ଆଗ୍ରହ ଦେଖି ଏହି କୌତୁକ କଥାଟି କହିବାକୁ ଲାଗିଲେ ।

ଦିନେ ଶୂଳପାଣି ପାର୍ବତୀଙ୍କ ସହିତ ଏକତ୍ର ହୋଇ ଅବସ୍ଥାନ କରୁଥିଲେ । ଏପରି ଅବସ୍ଥାରେ ଜୟାଦେବୀ ଆସି ଉମା ଓ ଶଙ୍କରଙ୍କର ମିଳନ ଦର୍ଶନ କରି ଚନ୍ଦ୍ରଶେଖରଙ୍କ ସହିତ ଏକତ୍ର ହେବାର ଇଚ୍ଛା ମନରେ ପୋଷଣ କଲେ । ଏହା ଜାଣି ମନ୍ମଥ ରୋମକେ ଶରରେ ଜୟାଙ୍କ ମନକୁ ଆକୁଳ ବିହ୍ୱଳିତ କଲା । ଶିବଙ୍କ ସହ ମିଳନ ପାଇଁ ଜୟାଙ୍କ ମନ ବଳିବାରୁ ତାଙ୍କର ଅପଘନ ପୁଲକିତ ହେଲା । ତେଣୁ ସେ ହିତାହିତ ଜ୍ଞାନଶୂନ୍ୟ ହେଲେ । ଏପରି ଅବସ୍ଥାରେ ଭବାନୀ ତାଙ୍କୁ ନିରେଖି ଦେଖିଲେ – ତାଙ୍କର ପ୍ରିୟ ସଖୀ ଜୟା କାମ ଜ୍ୱାଳାରେ ଅସମ୍ଭାଳ । ଶିବଙ୍କର ପ୍ରାଣପ୍ରିୟା ଗିରିରାଜପୁତ୍ରୀ ଉମା ଜାଣିପାରିଲେ ଯେ, ଜୟା ମଦନବାଣରେ ବିମୋହିତ ହୋଇ ଶିବଙ୍କ ସହିତ ରମଣଇଚ୍ଛା ନିମନ୍ତେ ଆଶା ବାନ୍ଧିଛି । ତେଣୁ ସେ ସଖୀ ଜୟା ଉପରେ ରୋଷ ପ୍ରକାଶ କରି ଆରକ୍ତ ନୟନରେ ଜୟାଦେବୀଙ୍କର ମୁହଁକୁ ଚାହିଁ କହିଲେ – ତୁତ ମୋ ପାଖରେ ରହି ଭଲଭାବରେ ଜାଣିଛୁଯେ, ତ୍ରିପୁରାରି ଏକପତ୍ନୀବ୍ରତ କରିଛନ୍ତି ଓ କୈଳାସପୁରରେ ଅନ୍ୟ ନାରୀର ଶରୀର ସ୍ପର୍ଶ କରିବେ ନାହିଁ ବୋଲି ଦୃଢ଼ବ୍ରତ କରିଅଛନ୍ତି । ମୋ ପାଖରେ ରହି ଏକଥା ଭଲଭାବରେ ଜାଣି ମଧ୍ୟ ତୁ କିପରି ତୋ ମନରେ ଶୂଳପାଣିଙ୍କୁ ଇଚ୍ଛାକଲୁ ? କିପରି ପ୍ରଭୁଙ୍କଠାରେ ମୋହି ଗଲୁ ? କ'ଣ ପାଇଁ ତାଙ୍କୁ ପାଇବାକୁ ମନରେ ବାଞ୍ଛା କଲୁ ? ଅଯଥାରେ କାହିଁକି ଧୈର୍ଯ୍ୟ ଛାଡ଼ି ଅଧୈର୍ଯ୍ୟ ହେଲୁ ? ଆମ ଦୁହିଁଙ୍କର ମନକୁ ଚଞ୍ଚଳ କରିଥିବା ହେତୁ ଏବେ ମୋର ଅଭିଶାପ ତୋତେ ପ୍ରାପ୍ତ ହେଉ । ଏହି ମୁହୂର୍ତ୍ତରେ ଏଠାରୁ ଦୂରହୋଇ ଯାଇ ମର୍ତ୍ତ୍ୟମଣ୍ଡଳରେ ନରଦେହରେ ଜନ୍ମଲାଭ କର । ସେଠାରେ ଜଣେ ମହାରାଜା ତୋର ପତି ହେବ । ଯେହେତୁ ତୁ କାମ ଅଭିଳାଷ ମନରେ ପୋଷଣ କଲୁ, ତେଣୁ ସେଠାରେ ତୁ ତୋର ବାଞ୍ଛିତ ଫଳପ୍ରାପ୍ତ ହେବୁ । ତା'ପରେ ଶାପମୁକ୍ତ ହୋଇ ପୁଣି ତୁ ମୋ ପାଖକୁ ଫେରିଆସିବୁ । ଏବେ ଆଉ କ୍ଷଣେ ମାତ୍ର କୈଳାସପୁରରେ ତୋର ସ୍ଥାନ ନାହିଁ ।

ଏହିପରି ଭବାନୀଙ୍କ ଦ୍ୱାରା ଅଭିଶାପଗ୍ରସ୍ତ ଜୟାଦେବୀ କୈଳାସପୁର ତ୍ୟାଗକରି ଜ୍ୟୋତିଃରୂପରେ ଆସି ମଥୁରାରେ ରାଜା ଧର୍ମକେତୁଙ୍କର ପ୍ରଥମା ପତ୍ନୀଙ୍କ ଜରାୟୁରେ ସ୍ଥାନ ଲାଭ କଲେ । ଯୋଗକୁ ସେହି ସମୟରେ ରାଜା ଧର୍ମକେତୁ ଓ ରାଣୀ ମଧୁମତି ସଂଯୋଗ ସମ୍ଭୋଗରେ ଥିଲେ ଓ ଉଭୟଙ୍କ ରଜବୀର୍ଯ୍ୟ ଗର୍ଭରେ ମିଳିତ ହେଲା । ଦଶମାସ ପୂର୍ଣ୍ଣ ହେବାରୁ ଚାରୁକମଳନୟନୀ କନ୍ୟାଟିଏ ଜନ୍ମ ଗ୍ରହଣ କଲା । କନ୍ୟାର ସୁନ୍ଦରପଣରେ ରତି ମଧ୍ୟ ତୁଳନୀୟା ନୋହିଲେ । କନ୍ୟାର ଶୋଭାକାନ୍ତି ଦେଖି ପିତାମାତା ତା'ର ନାମଦେଲେ ସତ୍ୟବତୀ । ଶୁକ୍ଳପକ୍ଷ ଚନ୍ଦ୍ରକଳା ତୁଲ୍ୟ ଦିନୁଦିନ କୁମାରୀ ବଢ଼ିବାକୁ ଲାଗିଲା । ଯଥାକାଳରେ ସତ୍ୟବତୀ ନବଯୁବା ହେଲା । ଋତୁମତୀ ହେଲା । ବିବାହଯୋଗ୍ୟା କନ୍ୟା ପାଇଁ ମଥୁରା ନରେଶ ଧର୍ମକେତୁ ବର ଖୋଜିବାରେ ଲାଗିଲେ । ସେ ସମୟରେ ଅଯୋଧ୍ୟାରେ ରାଜା ହରିଶ୍ଚନ୍ଦ୍ର ତ୍ରିପୁରଖ୍ୟାତ ଥିଲେ । ଧର୍ମକେତୁ ତାଙ୍କୁ ବରଣ କରି ମଧୁବନ ଦେଶରେ ସ୍ୱକନ୍ୟା ସହିତ ବିବାହ କରାଇଲେ ।

ବିବାହ ମଙ୍ଗଳକୃତ୍ୟ ଉତ୍ସବ ଶେଷରେ ରାଜା ହରିଶ୍ଚନ୍ଦ୍ର କନ୍ୟା ସତ୍ୟବତୀ ସହିତ ନିଜରାଜ୍ୟ ଅଯୋଧ୍ୟାକୁ ବାହୁଡ଼ିଯାଇ ଦ୍ୱିଜ ବ୍ରାହ୍ମଣମାନଙ୍କୁ ବହୁ ଦାନ ଦେଲେ । ସତ୍ୟବତୀଙ୍କ ରୂପଦେଖି ହରିଶ୍ଚନ୍ଦ୍ର ହରଷିତ ହେଲେ । ରାଜପ୍ରାସାଦରେ ନିଷେକକର୍ମ ନିମନ୍ତେ କେଳିପୁର ମଣ୍ଡନ କରାଗଲା । ନଗରରେ ଉତ୍ସବ ଆୟୋଜନ ହେଲା । ରାତିରେ ରାଜା କେଳିଗୃହରେ ପ୍ରବେଶ କଲେ । ଦେଖିଲେ ସତ୍ୟବତୀ ପଲଙ୍କରେ ଶୟନ କରିଛନ୍ତି । ସର୍ବାଙ୍ଗ ବିବିଧ ରତ୍ନଭୂଷଣ ଓ ମଣିମୟ ଅଳଙ୍କାରରେ ବିମଣ୍ଡିତ । ରାଜା ସତ୍ୟବତୀ କନ୍ୟାର ଏପରି ଶୋଭାଶ୍ରୀରେ ଚକିତ ଓ ବିସ୍ମିତ ହୋଇଗଲେ । ଏହାପରେ ରାଜା ସ୍ୱୟଂ ଦେଖିଲେ ଯେ କନ୍ୟାର ଭାଲପଟରେ ତୃତୀୟ ନୟନ ବିରାଜୁଛି । ଏହା ଦେଖି ରାଜା ହରିଶ୍ଚନ୍ଦ୍ର ହତଚକିତ ହୋଇ ଦୁର୍ଗାଦେବୀ ମର୍ତ୍ତ୍ୟଭୁବନରେ ଜାତ ହୋଇଛନ୍ତି ବୋଲି ଭାବିଲେ । ସେ କନ୍ୟାକୁ ସ୍ପର୍ଶ କରିବା ଅନୁଚିତ ବୋଲି ବିଚାର କଲେ । ଏ କନ୍ୟାର ଅଙ୍ଗପ୍ରତ୍ୟଙ୍ଗରେ ସ୍ୱୟଂ ଦୁର୍ଗାଦେବୀଙ୍କର ସକଳ ଲକ୍ଷଣ ଫୁଟି ଦେଖାଯାଉଛି । ଏକନ୍ୟା ମର୍ତ୍ତ୍ୟମଣ୍ଡଳରେ ଅନ୍ୟସକଳ କନ୍ୟାଙ୍କ ଠାରୁ ଅନନ୍ୟା । ସ୍ୱୟଂ ସ୍ୱୟଂଭୁ ଶିବଙ୍କ ବ୍ୟତୀତ ଏ କନ୍ୟା ଅନ୍ୟ କାହାରି ଭୋଗଯୋଗ୍ୟା ନୁହେଁ । ଏପରି କନ୍ୟାର ଯୋଗ୍ୟ ପତି

ହେଉଛନ୍ତି ପଶୁପତି । ଏପରି ଚିନ୍ତାକରି ରାଜା ହରିଶ୍ଚନ୍ଦ୍ର ସେ କନ୍ୟାକୁ ନମସ୍କାର କରି କେଳିଗୃହରୁ ବାହୁଡ଼ି ଆସିଲେ ।

ବାହୁଡ଼ି ଆସି ରାଜା ନିଜର ଶୟନକକ୍ଷରେ ପ୍ରବେଶ କରିବା ମାତ୍ରେ ଅନ୍ୟସମସ୍ତ ମହାଦେଈ ତାଙ୍କ ପାଖକୁ ଆସି ପଦସେବା ଖଟିଲେ । ରାଜା ସେମାନଙ୍କୁ ସତ୍ୟବତୀ କନ୍ୟା ବିଚିତ୍ର ରୂପ ଓ ରୀତି ସମ୍ବନ୍ଧରେ ସବିଶେଷ ବିବରଣୀ ଦେଇ କହିଲେ ଯେ, ଏ ଅଖିଳ ସଂସାରରେ ଏପରି କନ୍ୟା କେଉଁଠି ହେଲେ ନଥିବେ । ସେ ଯୁବତୀର ତୃତୀୟ ନୟନ ଦେଖି ରାଜା କେଳିଗୃହରୁ ବାହୁଡ଼ି ଆସିବା କଥା ମହାଦେଈ ମାନଙ୍କୁ ଜଣାଇଲେ । ତାଙ୍କ ଅଙ୍ଗ ସ୍ପର୍ଶ କରିଥିଲେ ସେ ଦଗ୍ଧୀଭୂତ ହୋଇ ଭସ୍ମରୂପରେ ପରିଣତ ହୋଇ ଯାଆନ୍ତେ ବୋଲି ମଧ ପ୍ରକାଶ କଲେ । ଏହାଶୁଣି ମହାଦେଈ ମାନେ କହିଲେ, ସେ ନିଶ୍ଚୟ ଜଣେ ଦେବୀ । ଶାପଗ୍ରସ୍ତା ହୋଇ ଭୂମଣ୍ଡଳରେ ଜାତ ହୋଇଛନ୍ତି । ଏହାପରେ ରାଜା ପାତ୍ରମନ୍ତ୍ରୀ ମାନଙ୍କ ସହିତ ତତ୍ପରଦିନ ବିଚାର ପରାମର୍ଶ କରି ଏକ ସ୍ୱତନ୍ତ୍ର ପୃଥକ ଉଆସ ନିର୍ମାଣ କରାଇ ତହିଁରେ ସମସ୍ତ ବ୍ୟବସ୍ଥା ଖଞ୍ଜିଦେଇ ସତ୍ୟବତୀଙ୍କୁ ସସମ୍ମାନେ ରଖାଇଲେ । ଏହାପରେ ଯଥାକାଳରେ ସେହି ସତ୍ୟବତୀ କନ୍ୟା ଶିବପ୍ରିୟା ବୋଲାଇଲା ।

ହରପାର୍ବତୀ ଦିନେ କୈଳାସ କନ୍ଦର ପରିତ୍ୟାଗ କରି ତାଙ୍କର ଅତିପ୍ରିୟ ସ୍ଥଳ କାଶୀ ଭ୍ରମଣରେ ଗଲେ । କାଶୀର ଜନପଥରେ ଏକାକୀ ଦିନେ ଭ୍ରମଣ କରୁଁ କରୁଁ ଶିବଙ୍କର ଦୃଷ୍ଟି ପଡ଼ିଲା ସତ୍ୟବତୀଙ୍କ ଉପରେ । ଏଜଗତରେ ତାଙ୍କର ଅଜଣାତ କିଛି ହିଁ ନାହିଁ । ସତ୍ୟବତୀଙ୍କୁ ଦେଖିବାମାତ୍ରେ ସେ ଯେ ସଖୀ ଜୟା ତାହା ଶିବ ଜାଣିପାରିଲେ । ତାଙ୍କର ପୂର୍ବସ୍ମୃତି ତତ୍କ୍ଷଣାତ୍ ଜାଗ୍ରତ ହେଲା । ଜୟାର ପୂର୍ବ ଅଭିଳାଷ, ଯାହା ଯୋଗୁଁ ସେ ଆଜି ଶାପଗ୍ରସ୍ତା ମାନବୀ – ତାହା ପୂରଣ କରିବା ନିମନ୍ତେ ଶିବ ମନ ବଳାଇଲେ । ପାର୍ବତୀତ ପାଖରେ ନଥାନ୍ତି । ଶିବ ହରିଶ୍ଚନ୍ଦ୍ର ରୂପ ଧାରଣ କରି ସତ୍ୟବତୀଙ୍କ ପୁରରେ ପ୍ରବେଶ କଲେ । ବେଶ୍ ଆନନ୍ଦରେ ରାତିଟି କଟାଇଲେ । ଫେରିଆସିବା ବେଳକୁ ଛଦ୍ମବେଶ ପରିତ୍ୟାଗ କରି ନିଜରୂପରେ ଦର୍ଶନଦେଲେ । ଏବେ ସତ୍ୟବତୀ (ଜୟାଦେବୀ)ଙ୍କର ମନ କାମନା ପୂର୍ଣ୍ଣ ହେଲା । ଶିବଙ୍କ ସହିତ ସଖୀ ଜୟାଦେବୀ (ସତ୍ୟବତୀ କନ୍ୟା)ଙ୍କର ରମଣମିଳନ ଫଳରେ ତାଙ୍କର ଗର୍ଭୋଦୟ ହେଲା । ତାଙ୍କ ଗର୍ଭରୁ ଯଥାକାଳରେ ଦୁଇ ଯାଆଁଳା ପୁତ୍ର ଜନ୍ମ ହେଲେ । ଦେଖିବାକୁ ରାଜକୁମାର । ରାଜା ହରିଶ୍ଚନ୍ଦ୍ର ମଧ ଏକ ସମୟରେ ଦୁଇ ପୁତ୍ର ସନ୍ତାନ ପାଇ ଆନନ୍ଦିତ । ରାଜକୀୟ ନିୟମାନୁସାରେ ପୁତ୍ରମାନଙ୍କର ଜାତକର୍ମ ଓ ନାମକରଣ ଉତ୍ସବ ଅନୁଷ୍ଠିତ ହେଲା । ପ୍ରଥମେ ଭୂମିଷ୍ଠ ହୋଇଥିବା ପୁତ୍ରର ନାମ ନନ୍ଦୀ ଓ ତା'ପରେ ଜନ୍ମିତ ପୁତ୍ରର ନାମ ଭୃଙ୍ଗୀ ଦିଆଗଲା । ରାଜା ହରିଶ୍ଚନ୍ଦ୍ରଙ୍କର ପୁତ୍ର ସେବା ସମ୍ବାଦ ଋଷିମାନଙ୍କ ମଧରେ ପ୍ରଚାରିତ ହୋଇଗଲା । ଋଷିମାନେ ପୁତ୍ର ଦର୍ଶନ ନିମନ୍ତେ ହରିଶ୍ଚନ୍ଦ୍ରଙ୍କ ରାଜ ଉଆସକୁ ଆସିଲେ । ମାର୍କଣ୍ଡେୟ, ଭୃଗୁଆଦି ମହର୍ଷିମାନେ ଶିଶୁ ସନ୍ତାନମାନଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଲେ । ଏମାନେ ରାଜପୁତ୍ର, କିନ୍ତୁ ଏମାନଙ୍କଠାରେ କୌଣସି ରାଜଲକ୍ଷଣ ନାହିଁ – ଏ ପୁଣି କିପରି କଥା ? ସେମାନେ ଯୋଗବଳରେ ଜାଣିବାକୁ ପାଇଲେ ଯେ, ପ୍ରକୃତରେ ପୁତ୍ରମାନେ ମହାରାଜା ହରିଶ୍ଚନ୍ଦ୍ରଙ୍କ ଔରସବୀର୍ଯ୍ୟରୁ ଜନ୍ମହୋଇନାହାନ୍ତି । ଏମାନେ ଶିବଙ୍କର ସନ୍ତାନ । ସେମାନେ ତାହା ରାଜା ହରିଶ୍ଚନ୍ଦ୍ରଙ୍କୁ ଜଣାଇଲେ । ଏହା ଜାଣି ରାଜା ସତ୍ୟବତୀ ଓ ଦୁଇପୁତ୍ରଙ୍କୁ କାଶୀକୁ ନେଇ ଶିବଙ୍କୁ ସମର୍ପଣ କରିଦେଇ ଆସିଲେ । ଏହାପରେ ମହାରାଜା ହରିଶ୍ଚନ୍ଦ୍ର ଶୈବ୍ୟା ନାମ୍ନୀ ଅନ୍ୟଜଣେ ରାଜକୁମାରୀଙ୍କୁ ବିବାହ କଲେ । ଜୟା ଶାପମୁକ୍ତା ହେଲେ । ପାର୍ବତୀ ଜୟା ଓ ଦୁଇପୁତ୍ର ନନ୍ଦୀ ଓ ଭୃଙ୍ଗୀକୁ ସଙ୍ଗରେ ଧରି ଶିବଙ୍କ ସହିତ କୈଳାସକୁ ଯାତ୍ରାକଲେ ।

***

ପ୍ରଳୟ ଆସୁଅଛି ମାଡ଼ି ।
ଧର୍ମ ତୋହର ଆଶାବାଡ଼ି ।।

ଧାରାକୁ କଲେ ମୂଳଧନ ।
କଞ୍ଚାକୁ ଦୂର ରହେ ମନ ।।

# ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

# ମୋହ

ଜୀବ ସ୍ଥୂଳଲୀଳାରେ ମୋହିତ ହୋଇ 'ମୋହ'ର ଦାସତ୍ୱ ସ୍ୱୀକାର କରେ । ତାହାରି ପ୍ରଭାବରୁ ଅନିତ୍ୟସୁଖ ଭୋଗ ପାଇଁ ବ୍ୟାକୁଳ ହୋଇ ଜ୍ଞାନପ୍ରତି ଆକର୍ଷିତ ହୋଇପାରେ ନାହିଁ । କିନ୍ତୁ ସେହି 'ମୋହ' ପ୍ରକାର ଭେଦରେ ଜୀବକୁ ଚୈତନ୍ୟମୟ କରାଇ ପରମପିତାଙ୍କ ପଦ୍ମପାଦ ସହ ଲୀନ କରାଇଦେଇପାରେ, ଏ ରହସ୍ୟ ଅନେକଙ୍କୁ ଆଗୋଚର ରହିଅଛି । ପରମ ଦୟାଳୁ ଠାକୁରେ ସାମୟିକ ଭାବରେ ଅଜ୍ଞାନତାକୁ ଗ୍ରହଣ କରିଥିବା ତାଙ୍କର ପ୍ରିୟ ସନ୍ତାନମାନଙ୍କ ହୃଦୟରେ, ମନରେ ଜ୍ଞାନାଲୋକ ପ୍ରଜ୍ଜ୍ୱଳିତ କରାଇ ସେମାନଙ୍କୁ ଅମୃତର ସ୍ୱାଦ ଅନୁଭବ କରାଇବାର ସଂକଳ୍ପ ନେଇ ତାଙ୍କ ମାନସ ସନ୍ତାନ 'ଚରମ'ର ଏହି ସ୍ତମ୍ଭରେ ଅଦ୍ଭୁତ ଜ୍ଞାନରାଶି ବିଛାଡ଼ି ଦେଇଛନ୍ତି । ଶ୍ରଦ୍ଧାଳୁ ପାଠକ/ପାଠିକା ଭକ୍ତି ଓ ବିଶ୍ୱାସ ସହ ତାହାକୁ ଗ୍ରହଣ କଲେ ଜ୍ଞାନାଲୋକର ଶୀତଳ ସ୍ପର୍ଶରେ ନିଶ୍ଚୟ ରୋମାଞ୍ଚିତ ହେବେ । ଏଥିରେ ସନ୍ଦେହ ନାହିଁ ।

'ଚରମ' : ଅଷ୍ଟମ ପୁଷ୍ପ : ଷଷ୍ଠ ପାଖୁଡ଼ା : ଅଣଚତ୍ୱାରିଂଶତ ସଂଖ୍ୟା ଅନୁଶ୍ରୁତିରୁ

## କାରଣ ସାତ୍ତ୍ୱିକ ମୋହ

ତତ୍ତ୍ୱସାତ୍ତ୍ୱିକ ମୋହର ଦ୍ୱିତୀୟ ବିଭାଗ ''କାରଣ ସାତ୍ତ୍ୱିକ ମୋହ'' ସଂପର୍କରେ ବିଶଦ ଆଲୋଚନା 'ଚରମ'ର ସପ୍ତତ୍ରିଂଶତମ ସଂଖ୍ୟାରୁ ଆରମ୍ଭ ହୋଇଛି । ଜ୍ଞାନସାଗରଙ୍କ ଜ୍ଞାନତତ୍ତ୍ୱର ସୀମା ନିରୂପଣ କରିବାପାଇଁ କୋଟି କୋଟି ବ୍ରହ୍ମାଣ୍ଡରେ କାହାରି ସାଧ ନାହିଁ । ଅନୁଗତମାନଙ୍କର ଆକୁଳ ନିବେଦନ, ପ୍ରଣତି ଗ୍ରହଣ କରି କୃପାମୟ ଉକ୍ତ ଅସାଧାରଣ ମୋହର ବିସ୍ତୃତ ବିବରଣୀ ଦେବାକୁ ଅନୁମତି ପ୍ରଦାନ କରି ନିଜର ବଚନ ରକ୍ଷା କରି ଚାଲିଛନ୍ତି । ପୂର୍ବ ସଂଖ୍ୟାରେ ଉକ୍ତ ମୋହାବିଷ୍ଟ ଦିବ୍ୟାତ୍ମାମାନଙ୍କର ସ୍ଥିତି, ପର୍ଯ୍ୟାୟଭିତ୍ତିକ ଅବସ୍ଥା, ବୈଷ୍ଣବୀମାୟାଙ୍କ ସହ ସଂପର୍କ ଓ ଯୁଗ, କାଳ, ଦେଶ, ଭାଷା, ଭାବ ଏବଂ ଜ୍ଞାନର ବିବିଧତା ସଂପର୍କରେ ଆଲୋଚନା କରାଯାଇଥିଲା ।ଏଥରକ ଆସନ୍ତୁ ଆଉ କିଛି ଅଧରାମୃତ ପାନ କରିବା ।

### —: ଶ୍ରୀଗୁରୁସ୍ୱାମୀ ଉବାଚ :—

କାରଣ ସାତ୍ତ୍ୱିକର ମୋହ । ମୋହିତ ଆତ୍ମାଙ୍କ ବିଷୟ ॥
ପୂର୍ବରୁ କହିଛି ବିସ୍ତାରି । ସ୍ମରଣେ ଆଣ ଯତ୍ନ କରି ॥
ବ୍ରହ୍ମ ଲୀଳାର ଆଧାରରେ । ଭିନ୍ନତା ପୂର୍ଣ୍ଣ ଏ ଧରାରେ ॥
କାଲିର ଜ୍ଞାନ ଆଜି ନାହିଁ । ଆଜିର ଲୀଳା କାଲି କାହିଁ ?
ଏ ଭାବେ ବିଚିତ୍ର ଏ ସୃଷ୍ଟି । କୌଶଳେ ରଚେ ପରମେଷ୍ଠି ॥
ମର୍ତ୍ତ୍ୟରେ ଜୀବର ଅବସ୍ଥା । ଜ୍ଞାନ ସମ୍ପାରେ ପୂର୍ଣ୍ଣ ଆସ୍ଥା ॥
କାମନା କରି ପରଂବ୍ରହ୍ମ । ସୃଷ୍ଟି କରନ୍ତି ଜୀବବ୍ରହ୍ମ ॥

କାରଣସାତ୍ତ୍ୱିକ ମୋହ ଦ୍ୱାରା ମୋହିତ ସୂକ୍ଷ୍ମ ଆତ୍ମାମାନଙ୍କ ସମ୍ପର୍କରେ ଓ ପରଂବ୍ରହ୍ମଙ୍କ ଇଚ୍ଛାନୁଯାୟୀ ଦେଶକୁ ଦେଶ, କାଳକୁ କାଳ, ଯୁଗକୁ ଯୁଗର ଜ୍ଞାନର ବିଭିନ୍ନତା ସଂପର୍କରେ ସୂଚନା ପୂର୍ବରୁ ଦେଇସାରିଛି । ସେହି ସେହି ଅବସ୍ଥାକୁ ଲକ୍ଷ୍ୟକରି ପରଂବ୍ରହ୍ମ ଭିନ୍ନ ଭିନ୍ନ ଜ୍ଞାନର ଅବତରଣ, ପ୍ରଚାର, ପ୍ରସାର, ଓ ପ୍ରତିଷ୍ଠା କରିବାପାଇଁ ତାଙ୍କ ଶ୍ରଦ୍ଧାଯୁକ୍ତ ଜୀବବ୍ରହ୍ମ ସୃଷ୍ଟି କରାନ୍ତି ।

| | | | | |
|---|---|---|---|---|
| ଅଣସୂତ୍ର ମଣ୍ଡଳ ଆତ୍ମା | । | ଶ୍ରଦ୍ଧାରେ ବାଛି ପରମାତ୍ମା | ॥ |
| ବୈଷ୍ଣବୀ ମାୟା ଅଂଶ ଦେଇ | । | ଜ୍ଞାନ ଭିନ୍ନତା ବିଚାରଇ | ॥ |
| ଆଦେଶ, ଆଜ୍ଞା ଓ ଆଶିଷ | । | କରାନ୍ତି ଆତ୍ମାରେ ପ୍ରବେଶ | ॥ |
| ନିର୍ଦ୍ଦିଷ୍ଟ ଜ୍ଞାନ ଜ୍ୟୋତି ଦେଇ | । | ଧରାକୁ ଦିଅନ୍ତି ଓହ୍ଲାଇ | ॥ |
| ପୂର୍ଣ୍ଣ ବୈରାଗ୍ୟ ଲୟ ସ୍ଥିର | । | ଏକ ଲକ୍ଷ୍ୟ ଜ୍ଞାନ ପ୍ରସାର | ॥ |
| ଅନ୍ୟଥା ତାଙ୍କ ମନ ନାହିଁ | । | ସଦା ବ୍ରହ୍ମରେ ଲୟ ଦେଇ | ॥ |
| ପବିତ୍ର ଜନନୀ ଜଠର | । | ସ୍ଥିର କରନ୍ତି ପୂର୍ଣ୍ଣେଶ୍ୱର | ॥ |
| ସେଠାରେ ଆଶ୍ରୟ ନିଅନ୍ତି | । | ବିଧିରେ ଭୂମିଷ୍ଠ ହୁଅନ୍ତି | ॥ |

ପୂର୍ବରୁ କହିଛି ଅଣସୂତ୍ରମଣ୍ଡଳର ଦିବ୍ୟାତ୍ମାମାନେ ବୈଷ୍ଣବୀମାୟାଙ୍କ ଛତ୍ରିଶତମ କଳ୍ପସୂତ୍ରୀ ଭାବାଂଶ ଗ୍ରହଣ କରି ପରଂବ୍ରହ୍ମ ମଣ୍ଡଳରେ ଘୂରି ବୁଲୁଥାନ୍ତି । ସ୍ଥାନ, କାଳ, ପାତ୍ର, ଯୁଗବାଦ ଇତ୍ୟାଦିର ଭିନ୍ନତାକୁ ବିଚାରକୁ ନେଇ ଯେଉଁଠାରେ ଯେଉଁ ଜ୍ଞାନ, ଯେଉଁ ଶକ୍ତି ଓ କଳା/ଗୁଣର ଆବଶ୍ୟକତା ଅଛି, ସେହି ସେହି ଜ୍ଞାନତତ୍ତ୍ୱର ଆଶୀର୍ବାଦ ଦେଇ ଏହି ଆତ୍ମାମାନଙ୍କ ମଧ୍ୟରୁ ଗୋଟିଏ ଗୋଟିଏ ସ୍ଥିର କରି ମର୍ତ୍ତ୍ୟମଣ୍ଡଳକୁ ପ୍ରେରଣ କରନ୍ତି । ସେମାନେ ସେହିଠାରୁ ହିଁ ଇଚ୍ଛାଶକ୍ତି, ଜ୍ଞାନଶକ୍ତି ଓ କର୍ମଶକ୍ତି ଧାରଣ କରି ପୂର୍ଣ୍ଣ ବୈରାଗ୍ୟ ଏବଂ ସ୍ଥିର ଲୟ ନେଇ ଆସିବାକୁ ପ୍ରସ୍ତୁତ ହୁଅନ୍ତି । ବୈଷ୍ଣବୀମାୟାଙ୍କର କଳ୍ପସୂତ୍ରୀ ଅଂଶ ପୂର୍ଣ୍ଣମାତ୍ରାରେ ଏମାନଙ୍କଠାରେ ଜାଗ୍ରତ ରହେ । ତେଣୁ କାରଣ ସାତ୍ତ୍ୱିକ ମୋହରେ ସଂପୂର୍ଣ୍ଣ ମୋହିତ ହୋଇ କେବଳ ବ୍ରହ୍ମଆଜ୍ଞା, ବ୍ରହ୍ମଙ୍କ ପ୍ରତି ଅଖଣ୍ଡିତ ଲୟ, ଦୃଢ଼ଭକ୍ତି ଏବଂ ଏକାଗ୍ର ଚିତ୍ତକୁ ଶରୀରରେ ଧାରଣ କରନ୍ତି । ଶୁଭଲଗ୍ନ, ଯୋଗ ଓ ପବିତ୍ର ଜନନୀ ଜଠର ବ୍ରହ୍ମ ନିର୍ବାଚନ କରିବାପରେ ସେମାନେ ଉଜ୍ଜ୍ୱଳ ଜ୍ୟୋତି ବିନ୍ଦୁର ଆକାର ନେଇ ସେହି ନିର୍ଦ୍ଧାରିତ ଜନନୀ ଜଠରରେ ଆଶ୍ରୟ ନିଅନ୍ତି ଓ ମାତୃଗର୍ଭର ବିଧି ପାଳନ କରି ଯଥା ସମୟରେ ଭୂମିଷ୍ଠ ହୁଅନ୍ତି ।

| | | | | |
|---|---|---|---|---|
| ବୟସ ବୃଦ୍ଧି ସଙ୍ଗେ ସଙ୍ଗେ | । | ରଚନ୍ତି ଲୀଳା ନାନା ରଙ୍ଗେ | ॥ |
| ବାଲ୍ୟ, ପୌଗଣ୍ଡ ଓ କିଶୋର | । | ତାରୁଣ୍ୟ ଆଦି ପର୍ଯ୍ୟାୟର | ॥ |
| ସୃଷ୍ଟିର ବିଧି ଅଛି ଯେତେ | । | ଭୋଗ କରନ୍ତି ଇଚ୍ଛାମତେ | ॥ |
| ନିର୍ଦ୍ଦିଷ୍ଟ ସମୟ ଆସିଲେ | । | ପରଂବ୍ରହ୍ମଙ୍କ ଆଜ୍ଞା ହେଲେ | ॥ |
| ଯେଉଁ ଜ୍ଞାନକୁ ଆଣିଥାନ୍ତି | । | ଧରାରେ ତାକୁ ପ୍ରକାଶନ୍ତି | ॥ |

ମାତୃଗର୍ଭରୁ ଭୂମିଷ୍ଠ ହେବା ସଙ୍ଗେ ସଙ୍ଗେ ଏମାନେ ଜାତସ୍ମର ହୋଇଥିବାରୁ ବୟସ ବୃଦ୍ଧି ସହ ସମତାଳରେ ଅନେକ ଅଲୌକିକ ଭାବ, କର୍ମ ପ୍ରଦର୍ଶନ କରି ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରନ୍ତି । କ୍ରମାନ୍ୱୟରେ ବାଲ୍ୟ, ପୌଗଣ୍ଡ, କୈଶୋର ଓ ତାରୁଣ୍ୟ ଆଦି ସୃଷ୍ଟିଚକ୍ରର ସମସ୍ତ ବିଧିକୁ ସସମ୍ମାନେ ପାଳନ କରି ଅତିକ୍ରମ କରି ଯାଆନ୍ତି । ଯେତେବେଳେ ଉପଯୁକ୍ତ ସମୟ ଉପସ୍ଥିତ ହୁଏ, ସୂକ୍ଷ୍ମରୁ ପରଂବ୍ରହ୍ମଙ୍କ ଆଜ୍ଞା ମିଳିବାମାତ୍ରେ ଯେଉଁ କର୍ମ ପାଇଁ ସେ ଆସିଥାନ୍ତି, ସେହି କର୍ମ ମାଧ୍ୟମରେ ନିର୍ଦ୍ଧାରିତ ଜ୍ଞାନ ବିତରଣ କରି ସମାଜରେ ଚହଳ ସୃଷ୍ଟି କରନ୍ତି ।

ଏହାଙ୍କ ଶରୀର ଲକ୍ଷଣ । ସ୍ୱତନ୍ତ୍ର ହୋଇଥାଏ ଜାଣ ॥
ସୁନ୍ଦର, ସୁସମ, ସୁଢ଼ଳ । ଅସୀମ କ୍ରିୟାଯୋଗ ବଳ ॥
ଅର୍ଦ୍ଧମୁଦ୍ରିତ ଚକ୍ଷୁଦ୍ୱୟ । ନାସାଗ୍ର ଠାରେ ଥାଏ ଲୟ ॥
ଈଷତ୍ ଲାଲ ଦିଶୁଥାଇ । ଜନ ମନକୁ ହରୁଥାଇ ॥
କାରଣ ସାତ୍ତ୍ୱିକ ପ୍ରଭାବେ । ବିରଳ ଦିଶୁଥାନ୍ତି ଭବେ ॥

ସମାଜରେ ଏମାନଙ୍କ ବାହ୍ୟ ଶାରୀରିକ ଲକ୍ଷଣ ସ୍ୱତନ୍ତ୍ର ହୋଇଥାଏ । ସୁନ୍ଦର ରୂପକାନ୍ତି ସହ ଚକ୍ଷୁ ଅର୍ଦ୍ଧମୁଦ୍ରିତ ଅବସ୍ଥାରେ ରହିଥାଏ । ଏମାନଙ୍କର ଲୟ ସର୍ବଦା ନାସାଗ୍ରରେ ସ୍ଥିର ରହେ । ଚକ୍ଷୁର ବର୍ଣ୍ଣ ଈଷତ୍ ଲାଲ ହୋଇଥାଏ ଏବଂ ଢଳଢଳ ଆୟତ ଚକ୍ଷୁ ଜନମନକୁ ଆକୃଷ୍ଟ କରୁଥାଏ । କାରଣ-ସାତ୍ତ୍ୱିକ ମୋହର ପ୍ରଭାବରେ ଏମାନେ ସଂସାରରେ ବିରଳ ହୋଇ ଏକ ଅବିକଳ୍ପ ସ୍ଥାନ ଅଧିକାର କରିଥାନ୍ତି ।


ବ୍ରହ୍ମାଜ୍ଞା ପାଇବା ବେଳରେ । ଯାହା ସେ ଦେଖନ୍ତି ଅନ୍ତରେ ॥
ସେ କଥା କହୁଛି ବୁଝାଇ । ଶୁଣ ତୁ ବସ ସ୍ଥିର ହୋଇ ॥
ମସ୍ତିଷ୍କ ସୂକ୍ଷ୍ମ କେନ୍ଦ୍ର ଠାରେ । ପବିତ୍ର ବିବେକ କେନ୍ଦ୍ରରେ ॥
ନୀଳବର୍ଣ୍ଣର ଜ୍ୟୋତି ରେଖା । ପାଆନ୍ତି ସୂକ୍ଷ୍ମରେ ସେ ଦେଖା ॥
ଏ ଜ୍ୟୋତି ଆଲୋକ ସଦୃଶ । ହୁଅନ୍ତି ତାହାଙ୍କୁ ଯେ ଦୃଶ୍ୟ ॥

ସଙ୍ଗରେ ଆଣିଥିବା ନିର୍ଦ୍ଧାରିତ ଜ୍ଞାନର ପ୍ରକାଶ ସମୟ ଉପସ୍ଥିତ ହେଲେ, ସେମାନଙ୍କ ପିଣ୍ଡରେ ଯେଉଁ ସୂକ୍ଷ୍ମ କ୍ରିୟାମାନ ସଂଗଠିତ ହୁଏ ସେ ବିଷୟରେ ବୁଝାଇ କହୁଛି, ସ୍ଥିର ହୋଇ ଶୁଣ । ମସ୍ତିଷ୍କର ସୂକ୍ଷ୍ମକେନ୍ଦ୍ରରେ ସୂକ୍ଷ୍ମ ପବିତ୍ର ବିବେକ କେନ୍ଦ୍ର ଅଛି । ସେହି କେନ୍ଦ୍ରରେ ସେମାନେ ନୀଳବର୍ଣ୍ଣର ଜ୍ୟୋତିରେଖା ଦର୍ଶନ କରନ୍ତି । ଏହି ଜ୍ୟୋତିରେଖା ସେମାନଙ୍କୁ ଉଜ୍ଜ୍ୱଳ ଆଲୋକପରି ଦେଖାଯାଏ ।

ଏ ଦିବ୍ୟ ଜ୍ୟୋତିର ଝଲକ । ବ୍ରହ୍ମତେଜର ଜ୍ଞାନାଲୋକ ॥
ପଞ୍ଚଚାଳିଶ ଦିନ ଯାଏ । ସୂକ୍ଷ୍ମ କେନ୍ଦ୍ରରେ ରହିଯାଏ ॥
ବିବେକ ଗୃହରୁ ତାପରେ । ମତିର ସ୍ନାୟୁକୁ ଆବୋରେ ॥
ମତିର ଜାଗୃତିକ କେନ୍ଦ୍ର । କମ୍ପନ ଜାଣଇ ଜ୍ଞାନୀନ୍ଦ୍ର ॥
ଏ କେନ୍ଦ୍ର ଜ୍ୟୋତିସ୍ପର୍ଶ ପାଇ । ସ୍ୱଚ୍ଛରୁ ସ୍ୱଚ୍ଛତର ହୋଇ ॥

ବ୍ରହ୍ମତେଜର ଜ୍ଞାନାଲୋକ ଏହି ଦିବ୍ୟଜ୍ୟୋତି ମସ୍ତିଷ୍କ ସୂକ୍ଷ୍ମକେନ୍ଦ୍ରର ବିବେକ ଗୃହରେ ପଞ୍ଚଚାଳିଶ ଦିବସ ପର୍ଯ୍ୟନ୍ତ ଅନୁଭୂତ ହୁଏ । ତାପରେ ସୂକ୍ଷ୍ମକେନ୍ଦ୍ରରୁ ବିସ୍ତାରିତ ହୋଇ ମତିର ଜାଗୃତିକ କେନ୍ଦ୍ରକୁ ଗତି କରେ । ଏହି ସମୟରେ ଦିବ୍ୟାତ୍ମାଧାରୀ ଜ୍ଞାନୀନ୍ଦ୍ର ତାହାକୁ ସ୍ପଷ୍ଟ ଭାବରେ ଅନୁଭବ କରି ଆନନ୍ଦରେ ଉଲ୍ଲସିତ ହୋଇଯାଏ । ମତିର ଜାଗୃତିକ କେନ୍ଦ୍ର ଜ୍ୟୋତି ସ୍ପର୍ଶରେ ସ୍ୱଚ୍ଛରୁ ସ୍ୱଚ୍ଛତର ହୋଇ ମହାଭାବକୁ ଗ୍ରହଣ କରେ ।

*କ୍ରମଶ...*



ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

ନାରୀ ହିଁ ପ୍ରକୃତି

କେତେବେଳେ ସେହି ପୁରୁଷ ହେଉଛି କେତେବେଳେ ପୁଣି ନାରୀ ।
ପ୍ରକୃତି ରୂପରେ ବନ୍ଧନ କରୁଛି ମାୟାକୁ ଗୋପନେ ଧରି ।।
ପୁରୁଷ ହୋଇ ସେ ଆଦେଶ କରୁଛି ଜଗତ ପାଳିବା ପାଇଁ ।
ନିଜେ ପୁଣି ସେହି ଆଜ୍ଞାକୁ ନେଉଛି ପ୍ରକୃତି ସ୍ୱରୂପା ହୋଇ ।।

*ଜଣେ କହୁଛି "ମୁଁ ପ୍ରକୃତି ଉପାସକ ।" ଆଉ ଜଣେ କହୁଛି "ମୁଁ ପୁରୁଷ ଉପାସକ ।" ଉଭୟଙ୍କ ମଧ୍ୟରେ ଶ୍ରେଷ୍ଠତ୍ୱ ପାଇଁ ଦ୍ୱନ୍ଦ୍ୱ ଅବ୍ୟାହତ ରହୁଅଛି । କିନ୍ତୁ ବ୍ରହ୍ମ ଆଶୀର୍ବାଦ ଲାଭ କରି ଯିଏ ପୁରୁଷ ଓ ପ୍ରକୃତି ଉଭୟ ସ୍ୱରୂପ ଦର୍ଶନ କରି ପାରୁଛି ବା ଅନୁଭବ କରିପାରୁଛି, ତା ମନରୁ ଏହି ବିବିଧତା ଆପେ ଦୂର ହୋଇଯାଉଛି । କାରଣ ସେ ଉପଲବ୍ଧି କରି ଜାଣି ନେଉଛି - ପୁରୁଷ ହେଉ ବା ପ୍ରକୃତି ହେଉ ସବୁ ସେହି ଜଣେ । ସୃଷ୍ଟିର ଆବଶ୍ୟକତା, ଭାବର ଭିନ୍ନତା, ଅବସ୍ଥାର ପରିବର୍ତ୍ତନକୁ ନେଇ ସେ ଭିନ୍ନ ରୂପରେ, ଅନେକ ଭାବରେ, ବହୁଧା ବିଭକ୍ତ ହୋଇ ନିଜର ଇଚ୍ଛା ନିଜେ ହିଁ ପୂର୍ଣ୍ଣ କରି ଚାଲିଛନ୍ତି । ନିଜ ସୃଷ୍ଟ ମାୟାରେ ନିଜେ ବନ୍ଦୀ ହୋଇ ପୁଣି ନିଜେ ହିଁ ନିଜକୁ ମୁକ୍ତ କରି ନେଉଛନ୍ତି । ଏହି ଯେଉଁ ଅଭିନବ କୌଶଳ ଦ୍ୱାରା ପୁରୁଷ, ପ୍ରକୃତିଙ୍କର ନିତ୍ୟ ଖେଳ ଚାଲିଛି, ସେହି ରହସ୍ୟ ଉନ୍ମୋଚନ କରିବା ସଂକଳ୍ପରେ ପ୍ରଭୁ ସ୍ୱୟଂ ଏହି ଧାରାବାହିକ କ୍ରମରେ "ମାୟା"ର ସ୍ୱରୂପ ବର୍ଣ୍ଣନା କରି ଚାଲିଛନ୍ତି । ଧରାପୃଷ୍ଠ ପାଇଁ ଏହା ନିଶ୍ଚିତ ଭାବରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରୁଅଛି ।*

"ଚରମ" : ଅଷ୍ଟମପୃଷ୍ଠ : ପ୍ରଥମ ପାଖୁଡ଼ା : ଊନଚତ୍ୱାରିଂଶତମ (୩୯) ସଂଖ୍ୟାର ଅନୁଶ୍ରୁତିରୁ :

(୧) ବୈଷ୍ଣବୀ ମାୟା

## ଭାବାଂଶ

(୫) : ଶକଟକ ମାୟା

**ପୂର୍ବବର୍ତ୍ତୀ ସଂଖ୍ୟା** ମାନଙ୍କରେ "ଶକଟକ ମାୟା"ର ମମତାଂଶ ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଅଛି । ଏଥରକ ଏହାର ଦ୍ୱିତୀୟ ବିଭାଗ "ସୃଜନ ମାୟା" ଉପରେ ଆଲୋକ ପାତ କରୁଅଛୁଁ । ସେହି କ୍ରମର ପ୍ରଥମ ଆଲୋଚ୍ୟ ପରିସର ମଧ୍ୟରେ "ଧରିତ୍ରୀ" ଓ "ବୃକ୍ଷଲତା"କୁ ଦୃଷ୍ଟିଗୋଚର କରାଉଅଛୁଁ ।

ଆମର ଏହି ପତ୍ରିକା ମାଧ୍ୟମରେ ବାରମ୍ବାର ଆମେ କହିଆସିଅଛୁଁ ଏବଂ ଧରାପୃଷ୍ଠରେ ସାର୍ବଜନୀନ ମତରେ ପ୍ରତିଷ୍ଠିତ ହୋଇସାରିଛି ଯେ, ନାରୀ ହିଁ 'ପ୍ରକୃତି' । ନାରୀ ହିଁ ସକଳ ସୃଷ୍ଟିର ଆଧାର । ତା ବିନା, ତା'ର ଜାଗୃତି ବିନା ଏ ସୃଷ୍ଟି ନିର୍ମାଣ ଯେପରି ଅସମ୍ଭବ, ତାହାର ମମତାର ଅନୁପସ୍ଥିତିରେ ଏ ସୃଷ୍ଟି ରସହୀନ, ସ୍ପନ୍ଦନଶୂନ୍ୟ, ଶୁଷ୍କ, କର୍କଶ, ନିଷ୍ଠୁର, କ୍ରୁର ହୋଇଯିବ । ତେଣୁ 'ପ୍ରକୃତି' ହୁଅନ୍ତୁ ଅବା ତାଙ୍କର "ମାୟା" ହେଉ, ସମସ୍ତ ଅଂଶର

ମୂଳାଧାର ହେଉଛି ''ନାରୀ'' । ସେହି ଅର୍ଥରେ ''ଧରିତ୍ରୀ''କୁ ସର୍ବଦା ମାତୃଜ୍ଞାନକରି 'ମାଆ' ବୋଲି ସମ୍ବୋଧନ କରାହେଉଛି । ଏହି ଧରିତ୍ରୀ ମାଆ ତାହାର କୋଳରେ ଜୀବ, ଜନ୍ତୁ, କୀଟପତଙ୍ଗ ଠାରୁ ମନୁଷ୍ୟ ପର୍ଯ୍ୟନ୍ତ, ନଦ, ନଦୀ, ସାଗର, ହ୍ରଦ, ପର୍ବତ, ଝରଣା ଠାରୁ ବୃକ୍ଷ, ଲତା ଉଦ୍ଭିଦ, ଗୁଳ୍ମରାଜି ପର୍ଯ୍ୟନ୍ତ ସମସ୍ତଙ୍କୁ ଶ୍ରଦ୍ଧାର ସହ ଧାରଣ କରି ନିର୍ବିକାର ଚିତ୍ତରେ ସେମାନଙ୍କର ସମସ୍ତ ଦାୟିତ୍ୱ ବହନ କରିଚାଲିଛି । ଅନେକଙ୍କ ମତରେ 'ଧରିତ୍ରୀ' କହିଲେ ଏକ ଜଡ଼ବସ୍ତୁ ବା ମୃତ୍ତିକା । ତାକୁ ଏ ଜୀବନ୍ତ ପରିକଳ୍ପନାରେ ମାଆ ବୋଲି ସମ୍ବୋଧନ କରିବାର କ'ଣ ବିଶେଷତ୍ୱ ରହିଅଛି ? ଏହିଠାରେ ଅତ୍ୟନ୍ତ ସ୍ପଷ୍ଟ ଉତ୍ତରଟିଏ ଦିଆଯାଇପାରିବ – ସେହି ଜଡ଼ ମୃତ୍ତିକାଟିରେ ମଞ୍ଜି (ବୀଜ) ଟିଏ ପୋତିଦେଲେ ଗଛଟିଏ ଉଠୁଛି କିପରି ? ଗଛଟିଏ ଉଠିଗଲା ପରେ ହୃଷ୍ଟପୁଷ୍ଟ ହୋଇ ବଢୁଛି କିପରି ? ଖାଦ୍ୟ କେଉଁଠାରୁ ପାଉଛି ? କିଏ ତାର ଯତ୍ନ ନେଉଛି ? ତେଣୁ ମୃତ୍ତିକା ଜଡ଼ ନୁହେଁ ଜୀବନ୍ତ । ସେହି ମୃତ୍ତିକା କିପରି କେଉଁଠୁ ଆସିଲା, ତାହାର ସୃଷ୍ଟି ଅନ୍ତରାଳରେ କେଉଁ ରହସ୍ୟ ଲୁକ୍କାୟିତ ହୋଇ ରହିଅଛି ତାହାର ଆଲୋଚନା ନିମ୍ନରେ କରୁଅଛୁଁ ।

ମର୍ତ୍ତ୍ୟଭୂମି ନିର୍ମାଣର ଇଚ୍ଛାନେଇ ପରମପୁରୁଷ ପ୍ରଥମେ ମୃତ୍ତିକା ସୃଷ୍ଟିକଲେ । ଯେଉଁ ଶକ୍ତି ସାହାଯ୍ୟରେ ମୃତ୍ତିକା ନିର୍ମିତ ହେଲା, ସେ ଶକ୍ତିର ନାମ, ''ଇଙ୍ଗାକ ଦାହା ଶକ୍ତି'' । ଏହି ଶକ୍ତି ମୃତ୍ତିକା ମଧ୍ୟରେ ସୂକ୍ଷ୍ମସତ୍ତାନେଇ ସଦା ଜାଗ୍ରତ ରହିଲା । ତାହାର ପ୍ରଭାବରେ ମୃତ୍ତିକାର ଧୈର୍ଯ୍ୟଶକ୍ତି, ଦାମ୍ଭିକତା, ସହନଶୀଳତା ଆଦି ମହାଶକ୍ତି ଜାଗ୍ରତ ହେଲା ଓ ସେ ବ୍ରହ୍ମଆଜ୍ଞା ପାଳନ ପାଇଁ ଦୃଢ଼ପ୍ରତିଜ୍ଞାବଦ୍ଧ ହୋଇଗଲା । ଏହାପରେ ଧରିତ୍ରୀଦେବୀଙ୍କୁ ପଠାଗଲା ମୃତ୍ତିକା ସହ ସଂଯୁକ୍ତ ହୋଇ ରହିବା ପାଇଁ । ଶକଟକ ମାୟାକୁ ନିର୍ଦ୍ଦେଶ ଦିଆଗଲା ମୃତ୍ତିକାକୁ ମାୟାରଶ୍ମି ଦ୍ୱାରା ବନ୍ଧନ କରି ସୃଷ୍ଟିଥିବା ପର୍ଯ୍ୟନ୍ତ ''ଧରିତ୍ରୀ'' କୁ ଆବୋରି ରଖିବ । ଏହିଠାରେ ଗୋଟିଏ ସ୍ପଷ୍ଟୀକରଣ ଦିଆଯାଉଅଛି– ଅନେକଙ୍କ ବିଚାରରେ ''ମୃତ୍ତିକା'' ହିଁ ''ଧରିତ୍ରୀ'' । ମାତ୍ର ବାସ୍ତବରେ ତାହା ନୁହେଁ । ଉଭୟେ ଉଭୟଙ୍କ ଠାରୁ ଭିନ୍ନ । କାର୍ଯ୍ୟକାରିଣୀ ଶକ୍ତି ମଧ୍ୟ ଭିନ୍ନ । ପ୍ରଭେଦ ହେଉଛି, ''ମୃତ୍ତିକା ଦୃଶ୍ୟମାନ, ଧରିତ୍ରୀ ଅଦୃଶ୍ୟ ।'' ମୃତ୍ତିକାର ଉତ୍ପତ୍ତି ଧରାପୃଷ୍ଠରେ ସମାନ ଭାବରେ କରାଯାଇନାହିଁ । ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଶକ୍ତିଯୁକ୍ତ ମୃତ୍ତିକା ନିର୍ମିତ ହୋଇଅଛି । ସେହି କାରଣରୁ ଗୋଟିଏ ସ୍ଥାନରେ ହେଉଥିବା ବୃକ୍ଷଲତା, ଉଦ୍ଭିଦ ଇତ୍ୟାଦି ଅନ୍ୟସ୍ଥାନରେ ହୁଏ ନାହିଁ । ଯଦି ବା ସମ୍ଭବ ହୁଏ, ତେବେ ତା'ର ମୂଳସ୍ୱରୂପର ପରିବର୍ତ୍ତନ ହୋଇଯାଏ । 'ଧରିତ୍ରୀ'ର ଶକ୍ତି ମଧ୍ୟ ସେହିପରି । ସେଥିପାଇଁ ମନୁଷ୍ୟ ଶରୀରର ବର୍ଣ୍ଣ, ଆକୃତି, ଚରିତ୍ର, ଅଭ୍ୟାସ ଆଦି ଦେଶକାଳକ୍ରମରେ ପୃଥକ ହୋଇଥାଏ ।

ଧରିତ୍ରୀ ସୃଷ୍ଟି ହେବାପରେ ତାହାକୁ ଧବଳବର୍ଣ୍ଣାକୃତି ''ବୃଭାର୍ଣ୍ଣିକା'' ଶକ୍ତି ପ୍ରଦାନ କରାଗଲା । ଏହି ଶକ୍ତି ବଳରେ ମୃତ୍ତିକାରେ ଜନ୍ମଧାରଣ କରୁଥିବା ଜନବସତି, ବୃକ୍ଷଲତା, ଜୀବଜନ୍ତୁ ଇତ୍ୟାଦିଙ୍କୁ ଖାଦ୍ୟ ଯୋଗାଇବା, ଲାଳନପାଳନ କରିବା, ନଦୀ, ନଦ, ହ୍ରଦ, ସାଗର ଆଦିକୁ ସୃଷ୍ଟି କରି ନିଜ କୋଳରେ ବୁହାଇବା, ଜନବସତି ସ୍ଥାପନ କରାଇବା ଇତ୍ୟାଦି ଦାୟିତ୍ୱ ବହନ କରି ବ୍ରହ୍ମଙ୍କ ଆଜ୍ଞା ପାଳନ କରିବାପାଇଁ ଧରିତ୍ରୀ ଦୃଢ଼ପ୍ରତିଜ୍ଞ ହେଲେ ଓ ବ୍ରହ୍ମଆଶୀର୍ବାଦରେ ଦାମ୍ଭିକତା ପ୍ରାପ୍ତ ହେଲେ । ମୃତ୍ତିକାରେ ରହିଲା ''ଇଙ୍ଗାକ ଦାହା ଶକ୍ତି'', ଧରିତ୍ରୀରେ ରହିଲା ''ବୃଭାର୍ଣ୍ଣିକା ଶକ୍ତି'' । ଉଭୟ ଶକ୍ତି ''ମାୟା'' ପର୍ଯ୍ୟାୟଭୁକ୍ତ ହୋଇ ବୈଷ୍ଣବୀଙ୍କ ମାୟାଂଶ 'ଶକଟକ' ଅଧୀନରେ ରହିଲା । ଏହି ଉଭୟ ମାୟାଶକ୍ତି ଯଥା ''ଇଙ୍ଗାକଦାହ'' ଓ ''ବୃଭାର୍ଣ୍ଣିକା''ଙ୍କ ମିଳିତ କ୍ରିୟାରେ ଉଦ୍ଭିଦ, ବୃକ୍ଷଲତାମାନଙ୍କର ସଙ୍ଗମ, ପରାଗ, ଅଙ୍ଗଜଜନନ ଶକ୍ତି ମଧ୍ୟ ବ୍ରହ୍ମଆଜ୍ଞା ଦ୍ୱାରା ସାଇତି ରଖାଗଲା । ଉଦ୍ଭିଦ ଓ ବୃକ୍ଷଲତା ଆଦି ବଂଚିରହିବା ପାଇଁ ଶ୍ୱାସ ପ୍ରଶ୍ୱାସର ଆବଶ୍ୟକତା ଥିବାରୁ ବ୍ରହ୍ମ ଆଜ୍ଞାରେ ''ସୃକର୍ଣ୍ଣଦାହା ଶକ୍ତି'' ସଂଚରିତ ହୋଇ ଗୈରୀକ ବର୍ଣ୍ଣରେ ବିଚ୍ଛୁରିତ ହେବାକୁ ଲାଗିଲା । ତେଣୁ ସାରାଂଶ ହେଲା – ଉଦ୍ଭିଦ, ବୃକ୍ଷଲତାର ସୃଷ୍ଟି, ଲାଳନପାଳନ ପାଇଁ ତିନୋଟି ମାୟାଶକ୍ତି 'ଇଙ୍ଗାକଦାହ, ବୃଭାର୍ଣ୍ଣିକା ଓ ସୃକର୍ଣ୍ଣଦାହା'' ସୃଷ୍ଟି କରାଯାଇ, ଆଜ୍ଞା, ଆଦେଶ ଓ ଆଶୀର୍ବାଦ ସହ ଶକଟକ ମାୟାଂଶ

ଅଧୀନରେ କ୍ରୀୟାଶୀଳ କରାଗଲା । ଧରିତ୍ରୀ ଓ ମୃତ୍ତିକା ସୃଷ୍ଟି କରାଯାଇ ମର୍ତ୍ତ୍ୟଭୂମି ଲୀଳା ଆରମ୍ଭ କରାଗଲା । ''ଧରିତ୍ରୀ'' ଓ ''ମୃତ୍ତିକା'' ଉଭୟଙ୍କ ସଂପର୍କକୁ ଉଦାହରଣ ସହ ଆଲୋଚନା କଲେ ପ୍ରାସଙ୍ଗିକ ହେବ ।

ସ୍ଥୂଳ ଜଗତରେ ଜଣେ ନାରୀ ହିଁ କେବଳ ମାତୃତ୍ୱ ଲାଭ କରିପାରିବ । ଶକଟକ ମାୟାର ମାୟାଂଶ ଓ ''ବିନ୍ଦୁବନ୍ଧୁରୀ କୋଷ''ର ମୌଳିକତାରେ ନାରୀ ଓ ପୁରୁଷ ଉଭୟେ ପରସ୍ପର ପ୍ରତି ସ୍ନେହ, ମମତାରେ ଆକୃଷ୍ଟ ହେଉଥିବାରୁ ଉଭୟଙ୍କର ମିଳନ କ୍ରିୟାର ଫଳସ୍ୱରୂପ ଭ୍ରୁଣ ନାରୀ ଜରାୟୁରେ ସ୍ଥାନ ପାଏ । ତାପରେ ସେ ମାତୃତ୍ୱ ପ୍ରାପ୍ତ ହୋଇ ଜନନୀ ରୂପରେ ପରିଚୟ ପ୍ରାପ୍ତ ହୁଏ । ତେଣୁ ନାରୀ ଜଣକ ହେଲା ''ମାଆ'', ତାହାର ମାତୃତ୍ୱ ରହିଲା ତା ପିଣ୍ଡ ମଧ୍ୟରେ ଥିବା ଗର୍ଭସ୍ଥ ଜରାୟୁରେ । ଶୂନ୍ୟ ଜଗତକୁ ବିଚାରକୁ ନେଲେ, ପ୍ରକୃତି ହେଉଛନ୍ତି ''ମାଆ'' । ବ୍ରହ୍ମଙ୍କ ଆଜ୍ଞା ଓ ଇଚ୍ଛାରେ ସେ ''ହିରଣ୍ୟ ଗର୍ଭ''ରେ ସୃଷ୍ଟିର ସମସ୍ତ ବୀଜକୁ ସାଇତି ରଖିଲେ । ଆବଶ୍ୟକ ସମୟରେ ଶକଟକ ମାୟାର ମାୟାରଶ୍ମୀ ସାହାଯ୍ୟରେ ମର୍ତ୍ତ୍ୟଭୂମି ତଥା ଅନ୍ୟାନ୍ୟ ବ୍ରହ୍ମାଣ୍ଡକୁ ପ୍ରେରଣ କଲେ । ଠିକ୍ ଯେପରି ସ୍ଥୂଳ ଜଗତରେ ଜଣେ ନାରୀ ତା'ର ଗର୍ଭରେ ଭ୍ରୁଣଟିକୁ ଅତି ଯତ୍ନ, ଶ୍ରଦ୍ଧାର ସହ ସାଇତି ରଖେ । ଉପଯୁକ୍ତ ସମୟ ଉପସ୍ଥିତ ହେଲେ, ବ୍ରହ୍ମ ଆଜ୍ଞାରେ ପରିଚାଳିତ ସୂକ୍ଷ୍ମଶକ୍ତି ସାହାଯ୍ୟରେ ଗର୍ଭସ୍ଥ ଶିଶୁଟିକୁ ଭୂପୃଷ୍ଠକୁ ପ୍ରେରଣ କରାଇଦିଏ । ସେହି କାରଣରୁ ସୃଷ୍ଟିର ବୀଜବହନକାରିଣୀ ''ପ୍ରକୃତି''ଙ୍କୁ ବିଶ୍ୱଜନନୀ ଓ ମର୍ତ୍ତ୍ୟଭୂମିସ୍ଥ ନାରୀକୁ ପ୍ରକୃତିଙ୍କ ରୂପାନ୍ତରିତ ରୂପଭାବେ ବିବେଚନା କରାଯାଇ ମାତୃତ୍ୱର ସମ୍ମାନ ପ୍ରଦର୍ଶନ କରାଗଲା । ନିବିଡ଼ଭାବରେ ଲକ୍ଷ୍ୟକଲେ, ଏହି ମାତୃତ୍ୱ, ପ୍ରତ୍ୟେକ ଜୀବ, ଜନ୍ତୁ, ପ୍ରାଣୀ, କୀଟ ପତଙ୍ଗ ଆଦିଙ୍କ ନିକଟରେ ସମଭାବରେ ପ୍ରତିଷ୍ଠିତ ହୋଇଅଛି । କେବଳ ପ୍ରକ୍ରିୟା ବା ପ୍ରଣାଳୀ ଭିନ୍ନ । ମନୁଷ୍ୟ ଆଦି କେତେକ ଜୀବଙ୍କ କ୍ଷେତ୍ରରେ ନାରୀ ଓ ପୁରୁଷ ପୃଥକ ଭାବରେ ଥାଆନ୍ତି । ଉଭୟଙ୍କ ମିଳନ କ୍ରିୟାପରେ ଭ୍ରୁଣ ସୃଷ୍ଟି ହେବାପରେ ହିଁ ନାରୀ ମାତୃତ୍ୱ ପ୍ରାପ୍ତ ହୁଏ । ଆଉ ଅନେକ କ୍ଷେତ୍ରରେ ପୁରୁଷର ପ୍ରତ୍ୟକ୍ଷ ଉପସ୍ଥିତି ନଥାଇ ବ୍ରହ୍ମଙ୍କ ଇଚ୍ଛାରେ ତାଙ୍କଦ୍ୱାରା ସୃଷ୍ଟ ସୂକ୍ଷ୍ମଶକ୍ତି ଦ୍ୱାରା ପ୍ରକୃତିଙ୍କ ମାଧ୍ୟମରେ ସ୍ୱୟଂଚାଳିତ ପ୍ରକ୍ରିୟାରେ ପ୍ରଜନନ କାର୍ଯ୍ୟ ସମାହିତ ହୋଇ ସନ୍ତାନ ବା ବଂଶ ବିସ୍ତାର କରାଯାଇଥାଏ । ବୃକ୍ଷଲତା, ଉଦ୍ଭିଦମାନେ ଏହି ଶ୍ରେଣୀର, ବ୍ରହ୍ମଙ୍କ ପ୍ରତ୍ୟକ୍ଷ ଆଶୀର୍ବାଦ ପ୍ରାପ୍ତ ମାତୃତ୍ୱ ଲାଭ କରନ୍ତି । ''ଇଙ୍ଗାକଦାହ ଓ ବୃଭାର୍ଣ୍ଣିକା'' ମାୟାଶକ୍ତିଙ୍କ ମିଳନ କ୍ରିୟାରେ ସଙ୍ଗମ, ପରାଗ କ୍ରିୟା ସଂଗଠିତ ହୋଇ ବୀଜ ଅଙ୍କୁରିତ ହେଉଛି । ଉଭୟ ଶକ୍ତିଙ୍କ ଘର୍ଷଣ ପ୍ରକ୍ରିୟା ସୂକ୍ଷ୍ମରେ ସଂଚରିତ ହେଲେ ମଧ୍ୟ ଏହାର ସ୍ଥୂଳ ପରିପ୍ରକାଶ ମୃତ୍ତିକାରେ ହିଁ ସଂଗଠିତ ହେଉଛି । ମାତୃଗର୍ଭରେ ଭ୍ରୁଣର କ୍ରମବିକାଶ ହେବାପରି ବୀଜର ଅଙ୍କୁରୋଦ୍‌ଗମ ହୋଇ ମୃତ୍ତିକାରୁ ହିଁ ବୃକ୍ଷଟିଏ ପୂର୍ଣ୍ଣାଙ୍ଗ ପ୍ରାପ୍ତ ହେଉଅଛି । ମାତୃଗର୍ଭରେ ବ୍ରହ୍ମଙ୍କ ଆଜ୍ଞାରେ ସୂକ୍ଷ୍ମ ଜଗତ ସହ ସ୍ୱୟଂଚାଳିତ ପ୍ରକ୍ରିୟାର ଭ୍ରୁଣଶିଶୁର ଅଙ୍ଗପ୍ରତ୍ୟଙ୍ଗର ନିର୍ମାଣ ଶକ୍ତି ସଂଯୋଗ ହେଉଅଛି । ଠିକ୍ ସେହିପରି ପୂର୍ବରୁ ମୃତ୍ତିକାରେ ଗଚ୍ଛିତ ରଖାଯାଇଥିବା ''ଇଙ୍ଗାକଦାହ ଶକ୍ତି'' ଓ ''ସୃଜର୍ଣ୍ଣଦାହା ଶକ୍ତି'' ସାହାଯ୍ୟରେ ବୃକ୍ଷର ଅଙ୍ଗ ଅବୟବ ଆଦି ସଂରଚିତ ହୋଇ ତାହାର ଖାଦ୍ୟ, ପାନୀୟ, ଶ୍ୱାସ, ପ୍ରଶ୍ୱାସ ଆଦି କ୍ରିୟା ସମାହିତ ହେଉଅଛି । ଏହି ସଂରଚନ ସମୟରେ ଶକଟକ ମାୟାଂଶ ଧୂସରବର୍ଣ୍ଣ ଧାରଣ କରି ବୃକ୍ଷର ମୂଳରେ ସ୍ଥାୟୀ ଭାବରେ ରହିଯାଇ ତାହାର ଶରୀରକୁ ଆପେ ଆପେ ବର୍ଦ୍ଧିତ କରୁଅଛି । ''ସୃଜର୍ଣ୍ଣଦାହା ଶକ୍ତି'' ବୃକ୍ଷର ସବୁଜ ଶକ୍ତି, ସୌନ୍ଦର୍ଯ୍ୟ, ଖାଦ୍ୟ ଗ୍ରହଣ କ୍ଷମତା, ଶ୍ୱାସ, ପ୍ରଶ୍ୱାସ ଗ୍ରହଣ/ପ୍ରତିକ୍ଷେପଣ କରିବାର ଶକ୍ତି ଯୋଗାଇଦେଇ ତାକୁ ରୁଚିବନ୍ତ, ସୁନ୍ଦର କରି ଗଢ଼ିତୋଳୁଛି ।

ଏହାପରେ ଧରିତ୍ରୀ ତାଙ୍କର ''ବୃଭାର୍ଣ୍ଣିକା ଶକ୍ତି'' ବଳରେ ବୃକ୍ଷର ଖାଦ୍ୟ ପ୍ରସ୍ତୁତି, ରକ୍ଷଣାବେକ୍ଷଣା, ଆୟୁ ନିର୍ଦ୍ଧାରଣ, ଔଷଧୀୟ ଗୁଣଶକ୍ତି ପ୍ରଦାନ ଆଦି କାର୍ଯ୍ୟକରି ବ୍ରହ୍ମଙ୍କ ଆଜ୍ଞାକୁ ସାକାର କରୁଛନ୍ତି । ଠିକ୍ ଯେପରି ଗର୍ଭରୁ ବାହାରକୁ ଆସିବାପରେ ''ମାଆ'' ଉପରେ ''ଶିଶୁ'' ର ସମସ୍ତ ଦାୟିତ୍ୱ ପଡ଼ିଥାଏ । ତେଣୁ ବାସ୍ତବରେ ଧରିତ୍ରୀ ହେଉଛନ୍ତି ''ମାଆ'', ତାଙ୍କର ଗର୍ଭ ବା ମାତୃତ୍ୱର ସ୍ଥିତି ହେଉଛି ''ମୃତ୍ତିକା'' । ସୁତରାଂ ଧରିତ୍ରୀ ଓ ମୃତ୍ତିକା ବସ୍ତୁତ

ଏକ ଅଭିନ୍ନ, ଯେପରି ପ୍ରକୃତି-ବ୍ରହ୍ମ ଓ ହିରଣ୍ୟ ଗର୍ଭ, ନାରୀ ଓ ତା'ର ଗର୍ଭ, ଗର୍ଭସ୍ଥ ଜରାୟୁ । ସେଥିପାଇଁ ଧରିତ୍ରୀ ଏବଂ ମୃତ୍ତିକା ଉଭୟେ ମାତୃତ୍ୱର ସମ୍ମାନରେ ବନ୍ଦନୀୟା । ଯେହେତୁ ଧରିତ୍ରୀ ସୂକ୍ଷ୍ମସତ୍ତା ହୋଇ ଦର୍ଶନାତୀତ ହୋଇ ରହିଛନ୍ତି, ତାଙ୍କର ଗର୍ଭ ମୃତ୍ତିକାକୁ ଧରିତ୍ରୀଜ୍ଞାନ କରି ପୂଜା ସମର୍ପଣ କରାଯାଉଅଛି । ଏହି ପ୍ରତ୍ୟକ୍ଷ ଆଜ୍ଞାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଚମତ୍କାରୀତା ହେଉଛି "ଅଙ୍ଗଜ ଜନନ ଶକ୍ତି" । "ବୃଭାର୍ଣ୍ଣିକା" ଓ "ଇଙ୍ଗାକଦାହା"ର ମିଳନରେ ଯେଉଁ ମାୟାଶକ୍ତି ବୃକ୍ଷର ଅଙ୍ଗରେ ସଂରଚିତ ହୁଏ, ତାହା ଧୂସର ବର୍ଣ୍ଣରେ ଶୋଭିତ ହୋଇ ବୃକ୍ଷର ମୂଳରେ ଥିବା ଶକଟକ ମାୟାର ସୂକ୍ଷ୍ମ ମାୟାଂଶ କେନ୍ଦ୍ରରେ ଗଚ୍ଛିତ ହୋଇ ରହିଯାଏ । ବୃକ୍ଷର ଡ଼ାଳ ଖଣ୍ଡେ କାଟି ନେବା ସମୟରେ ଏହି ତିନି ମାୟାଂଶର ସୂକ୍ଷ୍ମ ରେଣୁ ସେହି ଡାଳ ସହ ସ୍ଥାନାନ୍ତରିତ ହୋଇଯାଏ । ଫଳରେ ଡାଳଟିକୁ ଅନ୍ୟ ସ୍ଥାନରେ ପୋତିଦେଲେ, ପୋତାଯାଇଥିବା ମୃତ୍ତିକା ତା'ର "ସୃଜନ ଦାହା ଓ ଇଙ୍ଗାକ ଦାହା" ଶକ୍ତି ମାଧ୍ୟମରେ ଡାଳଟିରେ ଥିବା ସ୍ୱ ଅଂଶର ସୂକ୍ଷ୍ମରେଣୁକୁ ଚିହ୍ନଟ କରି ନିଜ ସତ୍ତା ସହିତ ଏକାକାର କରିଦିଏ । ତେଣୁ ଡ଼ାଳ ଖଣ୍ଡିକ ଆପେ ଆପେ ସେଠାରେ ଚେର (ମୂଳ) ପ୍ରାପ୍ତ ହୋଇ ବୃକ୍ଷରେ ପରିଣତ ହୋଇଗଲେ ମଧ୍ୟ ଯେଉଁ ଗଛରୁ କଟାହୋଇ ଆସିଛି, ତା'ର ମୌଳିକତ୍ୱ ନଷ୍ଟ ହୁଏ ନାହିଁ । ଅବିକଳ ଭାବରେ ବର୍ଦ୍ଧିତ ହୋଇ ଅନୁରୂପ ଫଳ, ପୁଷ୍ପ ଧାରଣ କରେ । ବ୍ରହ୍ମଙ୍କର ଏହି ଆଜ୍ଞା / ଇଚ୍ଛା ସୂକ୍ଷ୍ମାତିସୂକ୍ଷ୍ମ ଭାବରେ / ଗତିରେ କୁହୁକ ପରି କାର୍ଯ୍ୟକରି ଚାଲେ । ଏହି କୁହୁକଶକ୍ତିର ପ୍ରଚ୍ଳନ କେନ୍ଦ୍ର ହେଉଛି "ଶକଟକ ମାୟା" ।

ପୂର୍ବରୁ ଆଲୋଚନା କରାଗଲା ଯେ, ମୃତ୍ତିକାର ଶକ୍ତି ସବୁ ଦେଶ/ସ୍ଥାନରେ ସମାନ ନଥାଏ । ତେଣୁ ଏହି "ଅଙ୍ଗଜ ଜନନ ଶକ୍ତି" ସର୍ବତ୍ର କାର୍ଯ୍ୟକାରୀ ହୋଇପାରେ ନାହିଁ । ଗୋଟିଏ ସ୍ଥାନର ଗଛର ଡ଼ାଳ ଖଣ୍ଡେ ଅନ୍ୟ ଦେଶକୁ ନେଇ ପୋତିବା ମାତ୍ରେ ସେହି ସ୍ଥାନର ମୃତ୍ତିକାରେ ସୂକ୍ଷ୍ମସତ୍ତା ନେଇ ରହୁଥିବା ମାୟାଶକ୍ତି, ଏହି ଡ଼ାଳରେ ଥିବା ଶକ୍ତିପୁଞ୍ଜକୁ ଗ୍ରହଣ କରିପାରେ ନାହିଁ । ଶକଟକ ଅଂଶ ସେଠାରେ ତାକୁ ଭିନ୍ନ ପ୍ରେରଣା/ନିର୍ଦ୍ଦେଶ ଦେଇଥାଏ । ସେହି କାରଣରୁ ବର୍ତ୍ତମାନ ବୈଜ୍ଞାନିକ ପଦ୍ଧତିରେ ଚାରା ପ୍ରତିରୋପଣ ବ୍ୟବସ୍ଥା କରାଯାଇ ପ୍ରଥମେ ମୃତ୍ତିକା ସ୍ପର୍ଶ ପୂର୍ବରୁ ଗଛର ଅଙ୍ଗ ଅବୟବକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପରେ ମୃତ୍ତିକା ମଧ୍ୟକୁ ପ୍ରବେଶ କରାଉଛନ୍ତି । ସେତେବେଳେ ଜନନୀ ଧରିତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନକୁ ଚାଲିଯାଉଥିବାରୁ ଗଛଟିର ଲାଳନପାଳନ, ପ୍ରତିପୋଷଣ ଆଦି କ୍ରିୟା "ବୃଭାର୍ଣ୍ଣିକା" ମାୟାଂଶ ଦ୍ୱାରା ସହଜରେ ସଂଗଠିତ ହୋଇପାରୁଛି । ଏଠାରେ ବର୍ତ୍ତମାନର ଆଉ ଏକ ବୈଜ୍ଞାନିକ ପଦ୍ଧତିର ଅବତାରଣା ଅପରିହାର୍ଯ୍ୟ । ମୃତ୍ତିକା ସଂରକ୍ଷଣ ଆଦି ଦାୟିତ୍ୱରେ ଥିବା ଗବେଷକ ମାନେ ଗଛଟିଏ ପ୍ରତିରୋପଣ/ରୋପଣ କରିବା ପୂର୍ବରୁ ପ୍ରଥମେ ମୃତ୍ତିକାର ଗୁଣସୂତ୍ର ପରୀକ୍ଷା କରୁଛନ୍ତି । ଏହାହିଁ ଆମର ଆଲୋଚ୍ୟ ବିଭିନ୍ନ ଶକ୍ତି ସମ୍ପନ୍ନ ମୃତ୍ତିକାସ୍ଥ ସୂକ୍ଷ୍ମ ମାୟାଂଶର ସ୍ଥୂଳ ବିକଳ୍ପ ବ୍ୟବସ୍ଥା ।

କ୍ରମଶଃ...

*ଅର୍ଘ୍ୟତିଥିର ଗୁଣ,*
*ଆରେ ପାଗଳା ଶୁଣ,*
*ଛୁଆଁ ତିଥିରେ ଫଳ,*
*ତୁଟିବ ସବୁ ଗୋଳ ॥*

*ଧର୍ମଧାରା କର୍ମଯୋଗ*
*ଅଭ୍ୟାସ କର ନିତି ।*
*ହରଗୁଣ ଫେଣ୍ଡ୍ ମିଶା*
*ଏହି ପଥର ରୀତି ॥*

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

ହୃଦୟରେ କୋହ ଆଖିରେ ତୋ ଲୁହ
କାହାପାଇଁ ଥରେ ଚିନ୍ତିଛୁକି ?
ତାକୁ ପାଇବାକୁ ସଂଗେ ମିଶିବାକୁ
ସତରେ ତୁ କେବେ ଚାହିଁଛୁକି ?

ଛାଇପରି ସିଏ ତୋ ପାଖରେ ଥାଏ
ନଚିହ୍ନିଲା ପରି ଦେଖୁଥାଏ ।
ସମସ୍ତଙ୍କୁ ଛାଡ଼ି ଚାହିଁଲେ ତାହାକୁ
ଶ୍ରଦ୍ଧାରେ କୋଳେଇ ନେଉଥାଏ ॥

*ପଞ୍ଚଭୂତରେ ଗଠିତ ରକ୍ତମାଂସଧାରୀ ମନୁଷ୍ୟର ମନରେ ସଂକଳ୍ପ ଓ ବିକଳ୍ପ ଉଭୟ ସମାନ୍ତରାଳ ଭାବରେ ଗତି କରୁଛି । ଉଭୟଙ୍କୁ ନିୟନ୍ତ୍ରଣ କରି ସୁସଂଯତ ହୋଇ ପରିଚାଳିତ ହେବାପାଇଁ ମନୁଷ୍ୟକୁ ବିବେକ ରୂପକ ଅସ୍ତ୍ରଦାନ ଦିଆଯାଇଅଛି। ପ୍ରତ୍ୟେକ ଅସ୍ତ୍ରକୁ ପ୍ରୟୋଗ କରିବା ପୂର୍ବରୁ ଅସ୍ତ୍ରଦାତାଙ୍କ ପ୍ରଦତ୍ତ ବୀଜମନ୍ତ୍ରରେ ଅଭିମନ୍ତ୍ରିତ କରି ଅସ୍ତ୍ର ପ୍ରୟୋଗ ନକଲେ ଅସ୍ତ୍ରର ବାସ୍ତବ ଫଳ ମିଳିପାରେନା । ଶରୀରରେ ରୋପଣ କରାଯାଇଥିବା ବିବେକ ରୂପକ ଅସ୍ତ୍ରର ବାସ୍ତବ ଫଳ ମିଳିପାରେନା । ଶରୀରରେ ରୋପଣ କରାଯାଇଥିବା ବିବେକ ରୂପକ ଅସ୍ତ୍ରର ବୀଜମନ୍ତ୍ର ହେଉଛି ଶରୀର ସ୍ରଷ୍ଟାର ପରମେଶ୍ୱରଙ୍କ ପ୍ରତି ଅଖଣ୍ଡ ବିଶ୍ୱାସ, ପ୍ରେମ ଓ ଭକ୍ତିଭାବର ପ୍ରତିଷ୍ଠା । ଏହି ମନ୍ତ୍ର ସହ ସଂପୃକ୍ତ ହୋଇଗଲେ ବିବେକ ଅସ୍ତ୍ର ଶକ୍ତିଯୁକ୍ତ ହୋଇ ପରମପଥରେ ଚଳାଇନିଏ । ମାତ୍ର ମନ୍ତ୍ରଟିକୁ ସଂପୃକ୍ତ କରିବା ପାଇଁ କୌଶଳ କେବଳ ଶ୍ରୀଗୁରୁଦେବ ହିଁ ଶିଖାଇ ପାରିବେ । ତେଣୁ ବାଲ୍ୟକାଳରୁ ହିଁ ଯଦି ପିଲାଟିକୁ ଗୁରୁମୁଖୀ କରାଇ ଏହି ମନ୍ତ୍ର ପ୍ରତିଷ୍ଠା କରାଇବାରେ ସାହାଯ୍ୟ କରାଯିବ ତେବେ ଆଗାମୀ ସମୟକୁ ପିଲାଟି ସଂସାରର ଜୀବନ ଯୁଦ୍ଧରେ ଜଣେ ଅପରାଜେୟ ଯୋଦ୍ଧା ଭାବରେ ପରିଷ୍ଠିତ ହୋଇ ନିଜର, ସମାଜର ତଥା ସୃଷ୍ଟିର କଲ୍ୟାଣକାରୀ ହୋଇପାରିବ । ତାହାହିଁ ଏହି ଧାରାବାହିକ ସ୍ତମ୍ଭର ମୌଳିକ ଲକ୍ଷ୍ୟ ।*

"ତରମ" : ଅଷ୍ଟମ ପୃଷ୍ଠ : ଦ୍ୱିତୀୟ ପାଖୁଡ଼ା : ନବତ୍ରିଂଶତମ (୩୯) ସଂଖ୍ୟାର ଅନୁସ୍ମୃତିରୁ

## ଦେବଶିଶୁ ସୁଧାନନ୍ଦ

ଏହାର ପୂର୍ବ ସଂଖ୍ୟାରେ ବାତ୍ସଲ୍ୟ ସ୍ନେହରେ ଅଧୀରା ପିତା, ମାତା ପରମେଶ୍ୱରଙ୍କ ପରୋକ୍ଷ ସହାୟତାରେ ବ୍ରହ୍ମଯୋଗୀ ପୁତ୍ର ସୁଧାନନ୍ଦଙ୍କ ସହ ଆଶ୍ରମରେ ମିଳିତ ହୋଇଛନ୍ତି ଓ ଆଶ୍ରମରେ ଅବସ୍ଥାନ କରୁଛନ୍ତି । ତା ପରେ :

ଆଶ୍ରମରେ କିଛିଦିନ ରହିବାପରେ ମାଆ ସାରଥୀ ପୁଅକୁ ତାଙ୍କ ସଂଗରେ ଯାଇ ଘରୁ ବୁଲି ଆସିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି । କିନ୍ତୁ ସୁଧାନନ୍ଦ ନିଜର ଅନିଚ୍ଛା ପ୍ରକାଶ କରି ମାଆଙ୍କୁ ବୁଝାଇବା ଛଳରେ କହିଛନ୍ତି, "ମାଆ ! ତୁମେ ମୋର ଜନ୍ମଦାତ୍ରୀ, ତେଣୁ ପୂଜନୀୟା । ତୁମର ଇଚ୍ଛା ପୂର୍ଣ୍ଣ କରିବା ମୋର ମୌଳିକ କର୍ତ୍ତବ୍ୟ ଅଟେ । ତାହା ମୁଁ ଅସ୍ୱୀକାର କରୁନାହିଁ । ଆଜି ମୁଁ ଯେଉଁ ଅବସ୍ଥାରେ ପହଞ୍ଚିଛି, ତାହା ମଧ୍ୟ ତୁମରି କଲ୍ୟାଣରୁ

ସମ୍ଭବ ହୋଇ ପାରିଛି । ତାହା ସତ୍ତ୍ୱେ ଆମ ସମସ୍ତଙ୍କର ମଧ୍ୟ ଜଣେ ଜନ୍ମଦାତା ଅଛନ୍ତି । ତାଙ୍କର ମଧ୍ୟ କିଛି ଇଚ୍ଛା ଅଛି । ତେଣୁ ତାଙ୍କ ଇଚ୍ଛା ପୂର୍ଣ୍ଣ କରିବା ବି ଆମର ପ୍ରଧାନ କର୍ତ୍ତବ୍ୟ । ମୁଁ ଯେଉଁ ପିତାଙ୍କ କଥା କହୁଛି, ସେ ଏ ବ୍ରହ୍ମାଣ୍ଡର ପିତା । ମୋତେ ଦେଖିବା ପାଇଁ ତୁମର ଯେଉଁ ଆର୍ତ୍ତ ଚିତ୍କାର ଥିଲା, ତାକୁ ପୂର୍ଣ୍ଣକରି ସନ୍ନ୍ୟାସୀ ବେଶରେ ତୁମକୁ ଆଣି ମୋ ନିକଟରେ ସେହି ପିତା ହିଁ ପହଞ୍ଚାଇଛନ୍ତି । ତୁମେ ତୁମ ଗର୍ଭଜାତ ସନ୍ତାନ ପାଇଁ ଯେପରି ବ୍ୟାକୁଳ ହେଉଛ, ସେ ଏ ବିଶ୍ୱ ବ୍ରହ୍ମାଣ୍ଡର ସମସ୍ତ ଜୀବଜନ୍ତୁମାନଙ୍କ ପାଇଁ ଠିକ୍ ସେହିପରି ଆତୁର ହୋଇଯାଆନ୍ତି । କିନ୍ତୁ ସୃଷ୍ଟିଚକ୍ରର ବିଚିତ୍ର ନୀତିରେ ତାଙ୍କୁ କେହି ଦେଖିପାରନ୍ତି ନାହିଁ ବା ଅନୁଭବ କରିପାରନ୍ତି ନାହିଁ । ସେ ସମସ୍ତଙ୍କୁ ଦେଖୁଛନ୍ତି ଓ ସମସ୍ତଙ୍କର ଭାବକୁ ଗ୍ରହଣ କରୁଛନ୍ତି । ତାଙ୍କୁ ଜାଣିବାକୁ ହେଲେ, ଦେଖିବାକୁ ଚାହିଁଲେ, ଅନୁଭବକୁ ଆଣିବାକୁ ବ୍ୟାକୁଳ ହେଲେ, ବାଲ୍ୟକାଳରୁ ହିଁ ନିଜକୁ ସାଧନ ସ୍ତର ମଧ୍ୟରେ ପ୍ରୟୋଗ କରିବାକୁ ହୁଏ । କାରଣ ବାଲ୍ୟାବସ୍ଥାରେ ଶରୀର କୋମଳ ଥାଏ, କୋମଳ ଜୀବକୋଷମାନଙ୍କୁ ନିୟନ୍ତ୍ରଣ କରି ଠିକଣାବାଟରେ ଚଳାଇବା ସହଜ ହୋଇଥାଏ । ତା ନହେଲେ ପରିଣତ ବୟସରେ ଅଙ୍ଗ ଅବୟବ ବାୟୁ ଗ୍ରହଣ କରି କଠିନ ଅବସ୍ଥା ପ୍ରାପ୍ତ ହେଲେ ପରିବର୍ତ୍ତନ କରିବା କଷ୍ଟକର ହୋଇଯାଏ । ସେତେବେଳେ ଯେତେ ବ୍ୟାକୁଳ ହେଲେ ମଧ୍ୟ ବିଶେଷ କିଛି ଫଳ ମିଳେ ନାହିଁ । ସେଇଥିପାଇଁ ମୋର ଗୁରୁଦେବ ମୋତେ ବାଲ୍ୟକାଳରୁ ହିଁ ତୁମ ନିକଟରୁ ନେଇ ଆସିଛନ୍ତି । ତାଙ୍କରି କୃପା ଓ ତୁମର ତ୍ୟାଗପୂତ ଆଶିଷରୁ ମୁଁ ଆଜି ଏଠାରେ ବ୍ରହ୍ମଆଜ୍ଞା ପାଳନ କରୁଛି । ଏଠି ତୁମେ ତ ଦେଖୁଛ କେତେ ସରଳ ବାଳକ ବାଳିକା କେତେ ଶ୍ରଦ୍ଧା, ପ୍ରେମ ଭାବରେ ଶିକ୍ଷାଲାଭ ପାଇଁ ବ୍ୟାକୁଳ ହୋଇ ନିଜର ଘରଦ୍ୱାର, ପିତାମାତା ସମସ୍ତ ବାଲ୍ୟସୁଖକୁ ପରିହାର କରି ରହିଛନ୍ତି । ସେ ସମସ୍ତଙ୍କର ଦାୟିତ୍ୱ ମୋରି ଉପରେ ନ୍ୟସ୍ତ କରାଯାଇଛି । ସେମାନଙ୍କୁ ଯଦି ଛାଡ଼ି ମୁଁ ତୁମ କୋଳକୁ ଫେରିଯାଏ, ତେବେ ସେମାନଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବ । କୁହତ ମାଆ ! ସେମାନେ ତୁମ ଗର୍ଭରୁ ଜନ୍ମ ହୋଇନଥିଲେ ବି ସେମାନେ କି ତୁମ ସନ୍ତାନ ନୁହଁନ୍ତି ଏବଂ ସେମାନେ କି ତୁମର ଆଶୀର୍ବାଦ ପାଇବାକୁ ହକ୍‌ଦାର ନୁହଁନ୍ତି ?'' ପୁଅର ଏହି ଅଲୌକିକ ଜ୍ଞାନଗମ୍ଭୀର ଯୁକ୍ତିରେ ମାଆ ସ୍ଥିର ହୋଇଗଲେ ଏବଂ ଆନନ୍ଦରେ ହସି ହସି କହିଲେ, ''ନା ପୁତ୍ର ! ଆଉ ଯିବା ପାଇଁ ତୋତେ କହିବି ନାହିଁ । ତୁ ପ୍ରଭୁଙ୍କ ଇଚ୍ଛା ପୂର୍ଣ୍ଣକରି ଏହି କୋମଳମତି ଶିଶୁମାନଙ୍କୁ ବ୍ରହ୍ମଦର୍ଶୀ କରାଇ ଦେ । ଏଥରକ ଆମକୁ ବିଦାୟ ଦେ, ଆମେ ଆମର ତେଲଲୁଣର ସଂସାରକୁ ଫେରିଯିବୁ ।'' ଏହାପରେ ପୁଅକୁ ଆଶୀର୍ବାଦ ଦେଇ ପିତା ସତ୍ୟବ୍ରତ ଓ ମାଆ ସାରଥୀ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

ସୁଧାନନ୍ଦ ଧୀରେ ଧୀରେ କୈଶୋର ଅତିକ୍ରମ କରି ଯୌବନ ଅବସ୍ଥାରେ ପହଞ୍ଚିଛନ୍ତି । ଜ୍ଞାନଗମ୍ଭୀର ଶରୀରରେ ବ୍ରହ୍ମଚର୍ଯ୍ୟର ତେଜ ଭରପୂର ରହି ଶରୀରକୁ ଜ୍ୟୋତିର୍ମୟ ରୂପରେ ସୁସଜ୍ଜିତ କରିଦେଇଛି । ସଦାହାସ୍ୟ ମୁଖମଣ୍ଡଳର ସୌନ୍ଦର୍ଯ୍ୟ କାମିନୀ ହୃଦୟର ତନ୍ତ୍ରୀକୁ ବିଦୀର୍ଣ୍ଣ କରି ଦେଉଛି । ନବବସନ୍ତର ଏକ ଅଳସ ସଂଧ୍ୟା । ପୂଜ୍ୟ ପାଠକମାନଙ୍କର ସ୍ମରଣଥିବ, ଗୁରୁ ଅମେଧାନନ୍ଦଙ୍କୁ ପ୍ରଶ୍ନ କରିଥିବା ପରୀଟି ସୁଧାନନ୍ଦଙ୍କ ପରିଚୟ ଜାଣିବାପରେ ତାଙ୍କ ଦର୍ଶନ କରିବାର ଅନୁମତି ଗୁରୁଙ୍କଠାରୁ ପ୍ରାପ୍ତ ହୋଇଥିଲା । ସୁଧାନନ୍ଦଙ୍କର ଏହି ଯୌବନାବସ୍ଥା ପ୍ରକୃଷ୍ଟ ସମୟ ଭାବି ପରୀଟି ଦର୍ଶନ ଓ ପରୀକ୍ଷା ପାଇଁ ଅତୀବ ସୁନ୍ଦରୀ ଯୁବତୀର ରୂପ ଗ୍ରହଣ କରି ନିଜକୁ କାମଉଦ୍ଦୀପକ ବେଶଭୂଷାରେ ସଜ୍ଜିତ କରି ଜ୍ୟୋତିର୍ମୟ ଯୁବକ ବ୍ରହ୍ମଯୋଗୀଙ୍କ ସମ୍ମୁଖରେ ଉପସ୍ଥିତ ହେଲା । ସୁଧାନନ୍ଦଙ୍କୁ ଅଭିବାଦନ କରି ଅତି କୋମଳ କଣ୍ଠରେ ଆଳାପ ଆଲୋଚନା ଆରମ୍ଭ କରିବା ଛଳରେ କହିଲା, ''ହେ ଯୋଗୀଶ୍ରେଷ୍ଠ ! ଏ ସୃଷ୍ଟି ପରମେଶ୍ୱରଙ୍କ ଲୀଳା ଭୂମି । ଏହା କ'ଣ ଆପଣ ସ୍ୱୀକାର କରୁଛନ୍ତି ?'' ସୁଧାନନ୍ଦ : ''ହଁ'' । ''ଗୃହୀ, ସନ୍ନ୍ୟାସୀ, ଯୋଗୀ, ମୁନୀ, ଋଷି, ଗୃହସ୍ଥ ସନ୍ନ୍ୟାସୀ କିମ୍ବା ପରମାର୍ଥ ପଥରେ ଆଦୌ ଗତି କରି ନଥିବା ବ୍ୟକ୍ତି-ସମସ୍ତେ ତାଙ୍କ ଦ୍ୱାରା ସମ୍ମତ ଓ ସ୍ୱୀକୃତ । ଏହା ସତ୍ୟ ନା ମିଥ୍ୟା ?'' ପଚାରିଲା ପରୀ । ସୁଧାନନ୍ଦ : ''ହଁ ଏହା

ସତ୍ୟ ।'' ''ଲୀଳାଭୂମି ଏହି ଧରାପୃଷ୍ଠରେ ଜନ୍ମନେଲେ ଜଣେ ମନୁଷ୍ୟ ବିବାହବନ୍ଧନରେ ଆବଦ୍ଧ ହୋଇ ସଂସାରୀ ହେବା ଉଚିତ ବା ଅନୁଚିତ ?'' ପରୀର ଏହି ପ୍ରଶ୍ନରେ ଅଳ୍ପ ହସି ଦେଲେ ସୁଧାନନ୍ଦ – ସେ ସ୍ପଷ୍ଟ ଭାବରେ ପରୀର ପ୍ରଶ୍ନ କରିବାର ଉଦ୍ଦେଶ୍ୟ ବୁଝିପାରିଲେ । କହିଲେ, ''ହେ ମୋର ପୂଜନୀୟା ! ଧରାପୃଷ୍ଠରେ ଜନ୍ମନେଲେ ସଂସାରୀ ହେବା ଆବଶ୍ୟକ । ତା ନହେଲେ ବଂଶ ବିସ୍ତାର ହୋଇ ପାରିବ ନାହିଁ । ପ୍ରଭୁଙ୍କ ସୃଷ୍ଟି ତିଷ୍ଠି ରହିବ କିପରି ? ତା ଛଡ଼ା ପ୍ରକୃତି ଓ ପୁରୁଷଙ୍କ ମିଳନ ବ୍ୟତୀତ ପୂର୍ଣ୍ଣାଙ୍ଗତା ଆସିବ କେଉଁଠୁ ?'' ସୁଧାନନ୍ଦଙ୍କ ସମ୍ବୋଧନ ''ପୂଜାନୀୟା''ରେ ଚମକି ଉଠିଲା ପରୀ । ମାତ୍ର କଳ୍ପନାରେ ମାନସ ବନ୍ଦନା କରିବା ପରେ ସେ ସୁଧାନନ୍ଦଙ୍କୁ ଆଉ କେଉଁ କାମ ପ୍ରଲୋଭନରେ ବଶୀଭୂତ କରି ପରୀକ୍ଷା କରିବ ? ତଥାପି ସେ ପ୍ରଶ୍ନ କଲା, ''ଆପଣଙ୍କ ଉତ୍ତରର ମିମାଂସା ସୂତ୍ରରେ ଆପଣ ବିବାହ ବନ୍ଧନରେ ଆବଦ୍ଧ ହେବେ ନା ନାହିଁ ?'' ସୁଧାନନ୍ଦ : ''ନାଁ'' । ପରୀ : ''ତେବେ ଆପଣଙ୍କ ମିମାଂସାର ବାକ୍ୟ କ'ଣ କେବଳ ବଚନାଭିମୁଖୀ ?'' ସୁଧାନନ୍ଦ : ''ନାଁ'' । ପରୀ : ''ବିବାହ ନ କରି ସ୍ରଷ୍ଟାଙ୍କ ବଂଶବିସ୍ତାର କାର୍ଯ୍ୟର ବିରୋଧ କରୁନାହାଁନ୍ତି କି ?'' ସୁଧାନନ୍ଦ : ''ନାଁ'' । ପରୀ : ''ଯାହା ପଚାରିଲେ ବି ଆପଣ ନା କହୁଛନ୍ତି । ତେବେ ''ହଁ'' କେଉଁଟା ? ଆପଣଙ୍କ ''ନାଁ' ଶବ୍ଦର ରହସ୍ୟ କ'ଣ ? ସୁଧାନନ୍ଦ : ''ଶୁଣ ମାଆ ! ଯେଉଁ ସ୍ଥାନରେ ବସିଅଛ ତାହା ଗୋଟିଏ ଘର । ଭଲକରି ଦେଖ–ସେହି ଘରଟିକୁ ଧରି ରଖିଛି କିଏ ? କାହାର ଭାର ଉପରେ ଘରଟି ଠିଆ ହୋଇ ରହିଛି ? ଚାରିକୋଣରେ ଚାରିଗୋଟି ଓ ମଝିରେ ଗୋଟିଏ ଖୁଣ୍ଟ ଅଛି । ଏହି ଖୁଣ୍ଟ ଉପରେ ଓରା ଓ ଭୁଅ ଇତ୍ୟାଦି ରହିଛନ୍ତି । ତା'ଉପରେ ଛପର କରାଯାଇଛି । ତେଣୁ ଏ ଘରଟି ନିର୍ଭିକ ହୋଇ ଠିଆ ହୋଇଛି । ଯଦି ଖୁଣ୍ଟ ଆଦୌ ନରହି କେବଳ ଓରା, ଭୁଅ ଇତ୍ୟାଦି ରଖାଯାଏ, ରହିବ କି ? ଘର ତିଆରି ହୋଇ ପାରିବ କି ? ଦ୍ୱିତୀୟରେ ଏହି ଖୁଣ୍ଟଗୁଡ଼ିକ କ'ଣ ନିଜ ଇଚ୍ଛାରେ ନିଜ ମନକୁ ଆସି ଏଠାରେ ଆପଣା ଛାଏଁ ପୋତି ହୋଇ ଯାଇଛନ୍ତି କି ?'' ଗୃହକର୍ତ୍ତା ସେମାନଙ୍କୁ କାର୍ଯ୍ୟରେ ଲଗାଇଛନ୍ତି । ସେହିପରି ଏ ଧରାପୃଷ୍ଠ/ମର୍ତ୍ତ୍ୟଭୂମି/ବ୍ରହ୍ମାଣ୍ଡ ଗୋଟିଏ ଘର । ଘରର କର୍ତ୍ତା ପରମେଶ୍ୱର । ସେ କେଉଁଠି କାହାକୁ ଖୁଣ୍ଟ କରିବେ, କାହାକୁ ଓରା କରିବେ, କାହାକୁ ଭୁଅ କରିବେ ଇତ୍ୟାଦି ନିଜେ ହିଁ ସ୍ଥିର କରନ୍ତି । ଅବଶ୍ୟ ଏଠାରେ ଆଉ ଏକ ସମସ୍ୟା ଅଛି । ବିଡ଼ାଏ ଛଣ/କୁଟାକୁ ଆଣି ଗୃହକର୍ତ୍ତା ଘରର ଖୁଣ୍ଟ ରୂପେ ପ୍ରୟୋଗ କରିପାରିବେ କି ? ନାଁ–କାରଣ ଖୁଣ୍ଟ ହେବା ପାଇଁ ସାମର୍ଥ୍ୟର ଆବଶ୍ୟକତା ଅଛି ଏବଂ ସାମର୍ଥ୍ୟ ପାଇଁ ପ୍ରଥମରୁ ହିଁ ପ୍ରସ୍ତୁତି କାର୍ଯ୍ୟ କରି କରାଇବାକୁ ହୁଏ । ତେଣୁ ପରମେଶ୍ୱରଙ୍କ ଇଚ୍ଛାରେ ଯିଏ ଖୁଣ୍ଟର ଦାୟିତ୍ୱ ବହନ କରିଛି ସେ ଯଦି କାମରୂପକ ଅଗ୍ନିର ସମ୍ମୁଖୀନ ହୁଏ ତେବେ ଅଗ୍ନିର'ତେଜରେ ଜଳିଯାଇ ସାମର୍ଥ୍ୟହୀନ ହୋଇଯିବନି କି ? ''ପ୍ରଭୁଙ୍କ ସୃଷ୍ଟିରୂପକ ଘରରେ ମୋର ଦାୟିତ୍ୱ ନିଶ୍ଚିତ ହୋଇଯାଇଛି । ତେଣୁ ସେଥିରୁ ବିଚ୍ୟୁତ ହେବା ହିଁ ବିରୋଧ ଭାବ ।'' ସୁଧାନନ୍ଦଙ୍କ ମୁଖରୁ ଏହି ଗମ୍ଭୀର ନିଷ୍ପତ୍ତି ଶୁଣିବା ପରେ ତାଙ୍କ ପାଦତଳେ ପରୀ ପ୍ରଣାମ କରି ଫେରିଗଲା ।

ଏହାପରେ ସୁଧାନନ୍ଦ କ୍ରମାନ୍ୱୟରେ ବ୍ରହ୍ମଙ୍କ ନିକଟବର୍ତ୍ତୀ ଅବସ୍ଥାକୁ ଆସିଲେ ଓ ଶେଷରେ ପୂର୍ଣ୍ଣାଙ୍ଗ ଭାବେ ବ୍ରହ୍ମାବିଷ୍ଟ ହୋଇ ଅବଶିଷ୍ଟ ଜୀବନ ସେହି ଆଶ୍ରମ ପରିବେଶରେ ହିଁ କଟାଇ ଦେଲେ ।

ଗହ୍ୱରେ ଉତ୍ତମ ଆଚାର ସଂସ୍କାର ।
ତରିବାକୁ ଏହି ବିଷମ ସଂସାର ।।
ଆଚରଣ ତୋର ସୁଷମ ହୋଇଲେ ।
ତରିଯିବୁ ମାୟା ବନ୍ଧନରୁ ହେଳେ ।।

# ଉତିଷ୍ଠତ ! ଜାଗ୍ରତ !!

## ମୁଁ କିଏ ?

'ମୁଁ କିଏ ? ତୁମେ ମୋର ଶରୀରକୁ ଦେଖାଇ କହିବ, 'ତୁମେ ହେଉଛ ଅମୁକ' । ସଂସାରରେ ଏହାହିଁ ଆମର ପରିଚୟ ଆଦାନ ପ୍ରଦାନର ରୀତି । କିନ୍ତୁ, ସତରେ କହିଲ, 'ମୁଁ' କିଏ ? ମୁଁ ଯଦି ପ୍ରକୃତରେ ଏହି ଶରୀର, ତେବେ ମୋ ହାତ ଗୋଟିଏ କ'ଣ ମୁଁ ? ଗୋଡ଼ ଗୋଟିଏ କ'ଣ ମୁଁ ? ପାଦ ବା ହାତ ଅଙ୍ଗୁଳି ଗୋଟିଏ ମଧ୍ୟ ମୁଁ ହୋଇପାରେ । ମୁଁ ବ୍ୟବହାର କରୁଥିବା ପୋଷାକ ଖଣ୍ଡିଏ ମଧ୍ୟ ମୁଁ ହୋଇପାରେ । ବାସ୍ତବରେ ମୁଁ କିନ୍ତୁ ତାହା ନୁହେଁ ଯଦି ମୁଁ ବ୍ୟବହାର କରୁଥିବା ପୋଷାକ ମୁଁ ନୁହେଁ, ତେବେ ମୁଁ ବ୍ୟବହାର କରୁଥିବା ଶରୀର କିପରି ମୁଁ ହୋଇପାରିବ ? ମୋ ଶରୀର ସୃଷ୍ଟି ହେବା ଦିନରୁ ଆଜି ପର୍ଯ୍ୟନ୍ତ କେତେ ପୋଷାକ ବ୍ୟବହାର କଲାଣି, କେତେ ପୋଷାକ ଏବେ ବ୍ୟବହାର କରୁଛି, ପୁଣି ଆଗକୁ ଆହୁରି କେତେ ପୋଷାକ ଯେ ବ୍ୟବହାର କରିବ, ତା'ର ହିସାବ ନାହିଁ । କେତେ ପ୍ରକାରର, କେତେ ରଂଗର, କେତେ ଢ଼ଙ୍ଗର ପୋଷାକ ବଦଳି ଯାଉଛି, ବ୍ୟବହୃତ ହୋଇ ଶେଷରେ ଅବ୍ୟବହୃତ ଅବସ୍ଥା ପ୍ରାପ୍ତ ହୋଇ ପରିତ୍ୟକ୍ତ ହେଉଛି । କିନ୍ତୁ ଶରୀର ରହିଛି । ସେହିପରି 'ମୁଁ' ସୃଷ୍ଟି ହେବା ପରଠାରୁ ଆଜି ପର୍ଯ୍ୟନ୍ତ କେତେ ପ୍ରକାରର, କେତେ ରଂଗର, କେତେ ଢ଼ଙ୍ଗର, କେତେ ଜାତିର ଶରୀର ବ୍ୟବହାର କରି ସାରିଲାଣି । ଏବେ ଏହି ଶରୀରଟି ବ୍ୟବହାର କରୁଛି, ପୁଣି ଆଗକୁ କେତେ ଯେ ଶରୀର ବ୍ୟବହାର କରିବି, ତାର ଗଣନା କିଏ କରିବ ? ଗୋଟିଏ ପରେ ଗୋଟିଏ ଶରୀର ବ୍ୟବହାର କରୁଛି । ସେ ଶରୀର ବ୍ୟବହାର ଅଯୋଗ୍ୟ ହେଲେ, ତା'କୁ ପରିତ୍ୟାଗ କରୁଛି, ସେ ଶରୀର ନଷ୍ଟ ହେଉଛି ପୁଣି ନୂତନ ଶରୀରରେ 'ମୁଁ' ଆଶ୍ରୟ ନେଉଛି । ଏହିପରି ନାଟକ ଅଦ୍ୟାବଧି ଅଭିନୀତ ହୋଇଆସୁଛି । ଏହାହିଁ ମୋର ପରିଚୟ । ତେଣୁ 'ମୁଁ' ଯେପରି ପୋଷାକ ନୁହେଁ, ସେହିପରି ଶରୀର ମଧ୍ୟ 'ମୁଁ' ନୁହେଁ ।

ନିଜକୁ ଶରୀର ମନେ କରିବାରୁ ହିଁ ଜନ୍ମ-ମରଣ, ସୁଖଦୁଃଖ, ଚିନ୍ତା ସନ୍ତାପ ଇତ୍ୟାଦି ନାନା ପ୍ରକାର ବିପଦ ଆପଦ ଅହରହ ଆସୁଛି ଯାଉଛି । ଶରୀର 'ମୁଁ'ର ସ୍ୱରୂପ ନୁହେଁ । ଏ ପ୍ରତ୍ୟକ୍ଷ ସତ୍ୟ । ଶୈଶବ ଓ ବାଲ୍ୟ ଅବସ୍ଥାରେ ଶରୀର ଯେପରିଥିଲା ଯୌବନରେ ତା'ର ପରିବର୍ତ୍ତନ ହେଲା, ବାର୍ଦ୍ଧକ୍ୟରେ ଆହୁରି ବଦଳି ଯିବ । ଶେଷକୁ ଏପରି ବଦଳିଯିବ ଯେ, ଆଉ ଚିହ୍ନି ହେବ ନାହିଁ । ମାତ୍ର 'ମୁଁ' ମୂଳରୁ ଯେପରି ଥିଲି, ସେହିପରି ହିଁ ଅଛି, ଶେଷକୁ ଦେହତ୍ୟାଗ ବେଳକୁ ମଧ୍ୟ ସେହି ଏକାପରି ଅବସ୍ଥାରେ ଶରୀରକୁ ଛାଡ଼ି ଚାଲିଯିବି । ତେଣୁ ଭଲଭାବରେ ବିଚାର କରି ଦେଖ, 'ମୁଁ' ଶରୀର ନୁହେଁ । ମୁଁ ସ୍ଥୂଳ ଶରୀର ନୁହେଁ । ମନେକର ତୁମେ ଗୋଟିଏ ଘରେ ରହୁଛ । ଘର ଓ ତୁମେ ଏକ ଓ ଅଭିନ୍ନ ନୁହଁ । ଘର ଇଚ୍ଛା ଘର ରହିଛି ତୁମେ ବାହାରକୁ ଯାଇ ପାରୁଛ ସେହିପରି ତୁମେ ଓ ତୁମ ଶରୀର ମଧ୍ୟ ଏକ ଓ ଅଭିନ୍ନ ନୁହଁ, ଶରୀର ଇଚ୍ଛା ଶରୀର ପଡ଼ି ରହିଥିବ, କିନ୍ତୁ ତୁମେ ଶରୀର ଛାଡ଼ି ଚାଲିଯିବ । ଦିନେ ନା ଦିନେ ଏହା ନିଶ୍ଚୟ ଘଟିବ । ସଂସାରରେ ସମସ୍ତଙ୍କ ପାଇଁ ଏହାହିଁ ଚରମ ସତ୍ୟ । ଏହି ସତ୍ୟକୁ କୌଣସି ଅଜ୍ଞାନୀ ସୁଦ୍ଧା ଅସ୍ୱୀକାର କରିବାର ଉପାୟ ନାହିଁ । ତେଣୁ ଶରୀରକୁ 'ଏହା' ବା 'ଏହି' (ଇଦମ୍) ଦୃଷ୍ଟିରେ ଦେଖିବା ଉଚିତ୍ । ଯେପରି ଆମେ ପୋଷାକ ଠାରୁ ଭିନ୍ନ ବୋଲି କହୁଁ, 'ଏହି ପୋଷାକ' । ସେପରି 'ଏହି ଶରୀର' (ଇଦମ ଶରୀରମ୍) କହିବା ଉଚିତ୍ । ଏହାଦ୍ୱାରା 'ମୁଁ' ଯେ ଶରୀର ନୁହେଁ ଓ ଶରୀରଠାରୁ ସଂପୂର୍ଣ୍ଣ ଭିନ୍ନ, ତାହା ସ୍ପଷ୍ଟ ଅବବୋଧ ହୁଏ । ତଥାପି, ଏହା ପ୍ରକୃତ ଅର୍ଥରେ ଜ୍ଞାନ ନୁହେଁ ।

ପରିବର୍ତ୍ତନଶୀଳ ବସ୍ତୁ (ଶରୀର) 'ମୁଁ'ର ସ୍ୱରୂପ ନୁହେଁ । ଏହା ଜାଣିଲେ କିମ୍ବା ଶୁଣିଲେ କି ମନେ ରଖିଲେ ସ୍ୱୀକାର କଲେ, ତାହା ଜ୍ଞାନ ନୁହେଁ । ଅନିତ୍ୟ କେବେ ଚିରଦିନ ରହିନାହିଁ, ରହେ ନାହିଁ । ସେହିପରି ନିତ୍ୟ କଦାପି ନଷ୍ଟଶୀଳ ନୁହେଁ କିମ୍ବା ତାହା ନଷ୍ଟ ହୋଇଯାଏ ନାହିଁ । 'ମୁଁ' ଓ ଶରୀର ମଧ୍ୟରେ ଏହାହିଁ ମୌଳିକ ପାର୍ଥକ୍ୟ ଓ ପ୍ରଭେଦ । ଏହି ପାର୍ଥକ୍ୟକୁ ସ୍ମରଣରେ ରଖି 'ମୁଁ'ର ସାକ୍ଷାତକାର ନିମନ୍ତେ ସାଧନ ଭଜନ କରିଚାଲିବା ହିଁ ଶ୍ରେୟସ୍କର । ଏହାଦ୍ୱାରା ପ୍ରଚୁର ପରମାର୍ଥ ଲାଭ ହୁଏ । କ୍ରମଶଃ ଏହା ଅନ୍ତକରଣରେ ଠୁଳ ହୋଇଗଲେ 'ମୁଁ ବ୍ରହ୍ମ' (ଅହଂ ବ୍ରହ୍ମାସ୍ମି)ର ଭାବ ଅନ୍ତଃକରଣରୁ ଜାଗ୍ରତ, ଉଦିତ ଓ ବିକଶିତ ହୁଏ । ବିଚାରି ଦେଖ, ଯଦି 'ମୁଁ' ଶରୀର ନୁହେଁ, ତେବେ ଶରୀର ମଧ୍ୟ ମୋର ନୁହେଁ । ଯଦି ଏହି ଜଡ଼ ଶରୀର ମୋର ନୁହେଁ, ତେବେ ଏହା କାହାର ? ମୁଁ ଯେଉଁ ଘରେ ରହୁଛି, ସେ ଘରଟି 'ମୁଁ' ନହୋଇପାରେ, କିନ୍ତୁ ଘରଟିତ ମୋର ! ନାଁ, ଘର ଯେପରି 'ମୁଁ' ନୁହେଁ, ଘରଟି ମଧ୍ୟ ମୋର ନୁହେଁ । କାରଣ ଯାହା ମୋର ତାହା ମୋ (ମୁଁ) ସହିତ ସର୍ବଦା ଅଭିନ୍ନ ଓ ଅବିଚ୍ଛିନ୍ନ ରହିବ । ଏ କ୍ଷେତ୍ରରେ ତାହା ହେଉନାହିଁ । ଯେପରି ଫୁଲ ଓ ଫୁଲର ରଙ୍ଗ ଓ ବାସନା । ଫୁଲଠାରୁ ରଂଗ ଓ ବାସନା ଅଲଗା କରାଯାଇପାରେ ନାହିଁ । ପବନରେ ଫୁଲର ବାସନା ଦୂରକୁ ଚହଟିଯାଏ ସତ ମାତ୍ର ଦୂରକୁ ଚହଟି ଗଲେ ମଧ୍ୟ ଫୁଲରୁ ଫୁଲର ସୁବାସ ଭିନ୍ନ ବା ପୃଥକ ହୋଇଯାଏ ନାହିଁ । 'ମୁଁ'ର ପ୍ରକୃତ ପରିଚୟ ଜଡ଼ ବୁଦ୍ଧି ଦ୍ୱାରା ପ୍ରାପ୍ତ ହୋଇପାରେ ନାହିଁ । ବିଚାର ଆଲୋଚନା ଗ୍ରନ୍ଥ ଅଧ୍ୟୟନ, ପ୍ରବଚନ ଇତ୍ୟାଦି ଦ୍ୱାରା 'ମୁଁ' ସ୍ୱରୂପ ସମ୍ବନ୍ଧରେ ସମ୍ୟକ୍ ଜ୍ଞାନ ଲାଭ ହୁଏ, ସତ୍ୟ ମାତ୍ର ତଦ୍ଦ୍ୱାରା 'ମୁଁ' ସହିତ ସାକ୍ଷାତ୍କାର ହୋଇପାରେ ନାହିଁ କି 'ମୁଁ'ର ପ୍ରକୃ ତ ପରିଚୟ ମଧ୍ୟ ମିଳିପାରେ ନାହିଁ ।

ବୁଦ୍ଧିବଳରେ ମଧ୍ୟ 'ମୁଁ'ର ପରିଚୟ ମିଳେ ନାହିଁ । ଯେଉଁଠି ବୁଦ୍ଧି ରହିଛି, ସେଠାରେ ସମପରିମାଣରେ ଅହଂକାର ମଧ୍ୟ ରହିଛି । ବୁଦ୍ଧି ଉପରେ ଗୁରୁତ୍ୱ ଆରୋପ କରିବା ଅର୍ଥ ଅହଂକାରକୁ ଗୁରୁତ୍ୱ ଦେବା । ଅହଂକାର ଗୋଟିଏ ପ୍ରକାର ଜଡ଼ତା ବ୍ୟତୀତ ଅନ୍ୟକିଛି ନୁହେଁ । ଜଡ଼ତା ମାଧ୍ୟମରେ ଚିନ୍ମୟ 'ମୁଁ'ର ପରିଚୟ ଆଶା କରିବା ମୂଢ଼ତା ବ୍ୟତୀତ ଅନ୍ୟକିଛି ହୋଇ ନପାରେ । 'କଣ୍ଟକେ ନୈବ କଣ୍ଟକମ୍' ନ୍ୟାୟରେ ଗୋଟିଏ କଣ୍ଟାର ସହାୟତାରେ ପାଦରେ ଫୁଟିଥିବା କଣ୍ଟାକୁ ବାହାର କରିସାରି ଦୁଇଟିଯାକ କଣ୍ଟାକୁ ଫୋପାଡ଼ି ଦେବାଭଳି, ଜଡ଼ବୁଦ୍ଧିର ସହାୟତାରେ ଜଡ଼ ଶରୀର ଭାବକୁ ନିର୍ମୂଳ/ମୂଳପୋଛ କରିଦେଇ ପାରିଲେ, 'ମୁଁ'ର ସ୍ୱରୂପ ଓ ପରିଚୟ ସହଜରେ ମିଳିଯାଏ, ତୁମକୁ ମଧ୍ୟ ମିଳିଯିବ । ଏହି ଲକ୍ଷ୍ୟରେ ତୁମକୁ ଧର୍ମଧାରା ଓ ଅଭ୍ୟାସ କର୍ମଯୋଗ(ସନ୍ଦେଶପଥ ଓ ସନ୍ଦେଶ ପତ୍ର) ଦିଆଯାଇଛି । ବିଧିବଦ୍ଧ ଭାବରେ ନିୟମାନୁବର୍ତ୍ତୀ ଓ ସମୟାନୁବର୍ତ୍ତୀ ହୋଇ ଧର୍ମଧାରା ଓ ଅଭ୍ୟାସ କର୍ମଯୋଗ ମୁହୂର୍ତ୍ତ ସାଧନା କଲେ, କ୍ରମଶଃ ତୁମର ଦେହଭାବ ଦୂର ହୋଇଯିବ । ଶରୀର ସଚେତନତା କଟିଗଲେ, ଆତ୍ମଚେତନା ସ୍ୱତଃ ଉଦ୍ରେକ ହୋଇ କ୍ରମଶଃ ବିକଶିତ ହେବ । ତୁମେ ସ୍ୱୟଂ ତୁମର ପରିଚୟ ପାଇପାରିବ, ଅନ୍ୟର ପରିଚୟ ପାଇବା ମଧ୍ୟ ତୁମର ସାଧାଧୀନ ହୋଇଯିବ । 'ମୁଁ' ସହିତ ତୁମର ସାକ୍ଷାତ୍କାର ହୋଇଯିବ । 'ମୁଁ'ର ସ୍ୱରୂପ ତୁମେ ନିଜେ ପ୍ରତ୍ୟକ୍ଷ ଅନୁଭୂତିରେ ଆଣିପାରିବ । 'ମୁଁ' ପରିଚୟ ତୁମର ଅଜ୍ଞାତ (ଅଜଣା) ରହିବ ନାହିଁ । ତୁମର 'ମୁଁ', ମୋର 'ମୁଁ' ଆଉ ସମସ୍ତଙ୍କର 'ମୁଁ' ମଧ୍ୟରେ ତୁମେ ପାର୍ଥକ୍ୟ ବା ପ୍ରଭେଦ ବାରିପାରିବ ନାହିଁ । ବିଶ୍ୱ ବ୍ରହ୍ମାଣ୍ଡର ସକଳ 'ମୁଁ' ଏକ ଓ ଅଭିନ୍ନ ପ୍ରତୀତ ହେବ । ଭେଦାଭେଦ ଜ୍ଞାନ, ପରଆପଣାର ଭାବ, ଶତ୍ରୁମିତ୍ରର ଭାବ ସଂପୂର୍ଣ୍ଣ ଲୋପ ପାଇଯିବ । ଏକ ଅନିର୍ବଚନୀୟ ପ୍ରେମାନନ୍ଦରେ ତୁମେ ସତତ ମତୁଆଲା ହୋଇ ରହିବ । ସେହି ନିତ୍ୟ ଅବସ୍ଥାରେ ଅଖଣ୍ଡ ସୁଖ ଶାନ୍ତି ଆନନ୍ଦର ଲବେମାତ୍ର ଅଭାବ ରହିବ ନାହିଁ । ଭବସାଗରରେ ତୁମେ ଉବୁଟୁବୁ ହୋଇ ଚିରଶାନ୍ତି ପ୍ରାପ୍ତ ହେବ । ଏହାହିଁ ତୁମର ଚରମ ଲକ୍ଷ୍ୟ : ଚରମ ପ୍ରାପ୍ତି ।

ତୁମମାନଙ୍କର ଚରମପ୍ରାପ୍ତି ନହେବା ପର୍ଯ୍ୟନ୍ତ ବିଶ୍ୱଭ୍ରାତୃତ୍ୱ ପ୍ରତିଷ୍ଠା ସମ୍ଭବ ନୁହେଁ । ବିଶ୍ୱଭ୍ରାତୃତ୍ୱ ପ୍ରତିଷ୍ଠିତ ନହେଲେ, ବିଶ୍ୱ ମାନବିକ ସନାତନ ଧର୍ମ ସାକାର ହେବା ମଧ୍ୟ ତଦ୍ରୁପ ସମ୍ଭବ ନୁହେଁ । ବିଶ୍ୱମାନବିକ ସନାତନ ଧର୍ମ

ସାକାର ନହେଲେ, ସତ୍ୟଯୁଗର ଅୟମାରମ୍ଭ ମଧ୍ୟ ସମ୍ଭବ ନୁହେଁ । ସକଳ ପାପାସକ୍ତ ଆତ୍ମାଙ୍କୁ ସ୍ଫଟିକସଦୃଶ ସ୍ୱଚ୍ଛ, ନିର୍ମଳ, ପବିତ୍ର ହେବାକୁ ହେବ । ସେହି ସ୍ୱଚ୍ଛ, ନିର୍ମଳ ପବିତ୍ର ଆତ୍ମା ମାନେ ହିଁ ସତ୍ୟଯୁଗ ଆଦି ମାନବ । ସେହିମାନେ ହିଁ ସତ୍ୟଯୁଗର ଭିତ୍ତି ପ୍ରତିଷ୍ଠା କରିବାକୁ ସମର୍ଥ । ସେହିମାନଙ୍କ ମଧ୍ୟରେ ପ୍ରକୃତ ଅର୍ଥରେ ବିଶ୍ୱଭ୍ରାତୃତ୍ୱର ଭାବ ତରଙ୍ଗ ତୋଳିବ । ସେମାନେ ତୁଚ୍ଛ ଶରୀର ସର୍ବସ୍ୱ ହୋଇ ଭେଦାଭେଦ ମଧ୍ୟରେ ସଂଘର୍ଷ, ସଂଗ୍ରାମରେ ଅଯଥା ସମୟ ଓ ଶକ୍ତିର ଦୁରୋପଯୋଗ କରିବେ ନାହିଁ । ସେମାନଙ୍କ ମଧ୍ୟରେ ପରସ୍ପର ପ୍ରେମ, ପ୍ରୀତି, ସ୍ନେହ, ମମତା, ଭ୍ରାତୃତ୍ୱ, ସମ୍ବେଦନଶୀଳତା, ସାହାଯ୍ୟ, ସହଯୋଗ, ଶାନ୍ତି, ମୈତ୍ରୀର ଦିବ୍ୟବନ୍ଧନ ଅତୁଟ ରହିବ । ଏକ ମନ, ଏକ ପ୍ରାଣ, ଏକ ହୃଦୟରେ ଅନେକ ଶରୀର କାର୍ଯ୍ୟଦକ୍ଷ ହୋଇ ପ୍ରଭୁଙ୍କର କାର୍ଯ୍ୟ ସମ୍ପାଦନ ନିରଳସ ଭାବରେ କରିଯିବେ । ସେମାନଙ୍କ ନିକଟରେ 'ମୁଁ'ର ସ୍ୱରୂପ ପରିଚୟ ଓ ସାକ୍ଷାତ୍କାର ପ୍ରତ୍ୟକ୍ଷ ଓ ଜାଜ୍ୱଲ୍ୟମାନ ହୋଇ ରହିଥିବ ।

ଅସଲ 'ମୁଁ' ଯେପରି ସ୍ଥୂଳଶରୀର ନୁହେଁ, ସେହିପରି ସୂକ୍ଷ୍ମଶରୀର ବା କାରଣ ଶରୀର ମଧ୍ୟ ନୁହେଁ । ସ୍ଥୂଳ ଶରୀର ଅନ୍ନମୟ କୋଷରେ ଗଠିତ । ସେହିପରି ସୂକ୍ଷ୍ମଶରୀର ମନୋମୟ କୋଷ, ପ୍ରାଣମୟ କୋଷ ଓ ବିଜ୍ଞାନମୟ କୋଷରେ ଗଠିତ ଏବଂ କାରଣ ଶରୀର ଆନନ୍ଦମୟ କୋଷରେ ଗଠିତ, ମାତ୍ର 'ମୁଁ' କୌଣସି କୋଷରେ ଗଠିତ ନୁହେଁ । ଏହା ଚିନ୍ମୟ ବ୍ରହ୍ମ ସ୍ୱରୂପ 'ମୁଁ' ଶରୀର ମଧ୍ୟରେ ଥିଲେ ମଧ୍ୟ କିଛି ଗ୍ରହଣ କରେ ନାହିଁ, କିଛି ଉପଭୋଗ ମଧ୍ୟ କରେ ନାହିଁ । ଏହାର ହାନି ନାହିଁ କିମ୍ବା ଲାଭ ମଧ୍ୟ ନାହିଁ । ଏହାର ଦୁଃଖ ନାହିଁ କିମ୍ବା ସୁଖ ନାହିଁ । ଏହାର ଆନନ୍ଦ ନାହିଁ କିମ୍ବା ବିଷାଦ ନାହିଁ । ଏହାହିଁ 'ମୁଁ' । ଏହି 'ମୁଁ'ର ପରିଚିତି ପାଇଁ ତୁମର ସକଳ ସାଧନା । ଏହା ପ୍ରାପ୍ତ ନହେବା ପର୍ଯ୍ୟନ୍ତ ଜନ୍ମଜନ୍ମାନ୍ତର ବାଦରେ, ଯୁଗଯୁଗାନ୍ତର ବାଦରେ, କଳ୍ପକଳ୍ପାନ୍ତର ଧରି ତୁମର ସାଧନା ଅବ୍ୟାହତ ରହିବ । ସାଧନାରେ ସିଦ୍ଧିଲାଭ କଲେ ତୁମର ବ୍ରହ୍ମତ୍ୱ ପ୍ରାପ୍ତ ହେବ ।

❋❋❋

ନିଜ ସୁଖ ନିଜ ସୁବିଧା
ଛାଡ଼ି ଦୁଃଖୀର ଦୁଃଖ ।
ବୁଝି ଯେ କରଇ କରମ
ଲଭେ ଅନନ୍ତ ସୁଖ ।।
ପର ସୁଖ ପାଇଁ ଆପଣେ
ଯେହୁ ବରଇ ଦୁଃଖ ।
ପ୍ରଭୁ ବରଷନ୍ତି କରୁଣା
ତା'ରେ ନୋହି ବିମୁଖ ।।

# ଜିଜ୍ଞାସା : ଜିଜ୍ଞାସୁ

**ଶ୍ରୀ ଶ୍ରୀ ଶ୍ରୀ ଗୁରୁସ୍ୱାମୀଙ୍କ ସହିତ ନାନା ପ୍ରସଙ୍ଗେ ଆଲୋଚନାର ଧାରା ବିବରଣୀ :**

ଚରମ '୩୯' ତମ ସଂଖ୍ୟାରୁ ଧାରାବାହୀକ ପ୍ରସଙ୍ଗ :

ଜିଜ୍ଞାସୁ : ଅଷ୍ଟାଙ୍ଗ ସାଧନ ଶରୀର ପାଇଁ ଏକମାତ୍ର ପନ୍ଥା ବୋଲି କହୁଛନ୍ତି । କିନ୍ତୁ ଶାସ୍ତ୍ରରେ ଯେଉଁ ଅନ୍ୟାନ୍ୟ ସାଧନମାନ ଅଛି ଯଥା: ଜ୍ଞାନଯୋଗ, ଭକ୍ତିଯୋଗ, ମୋକ୍ଷଯୋଗ, ତନ୍ତ୍ରଯୋଗ, ଭଜନ ଇତ୍ୟାଦି, ସେଗୁଡ଼ିକର କ'ଣ ଆବଶ୍ୟକତା ନାହିଁ ? ତା ହେଲେ ସେ ଯୋଗସାଧନ କ'ଣ ? ସେ ସଂପର୍କରେ କୃପାକରି ବୁଝାଇଦିଅନ୍ତୁ ।

ଠାକୁର : ଯେତେଗୁଡ଼ିଏ ଯୋଗ କଥା କହିଲ, ସେସବୁ ଅଷ୍ଟାଙ୍ଗ ସାଧନର ଗୋଟିଏ ଗୋଟିଏ ଅଙ୍ଗ ।

ଜିଜ୍ଞାସୁ : ବୁଝି ପାରିଲି ନାହିଁ । ସେମାନେ କିପରି ଅଷ୍ଟାଙ୍ଗ ସାଧନର ଅଙ୍ଗ ହେଲେ, ଦୟାକରି ପ୍ରାଞ୍ଜଳ ଭାବରେ ବୁଝାଇ ଦିଅନ୍ତୁ ।

ଠାକୁର : ଅଷ୍ଟାଙ୍ଗ ସଂପର୍କରେ କିଛି ଜାଣିଛ ? କହିଲ : ଅଷ୍ଟାଙ୍ଗ କ'ଣ ?

ଜିଜ୍ଞାସୁ : ଠାକୁରେ ! ଶାସ୍ତ୍ର ପଢ଼ି ଯେତିକି ଜାଣିଛୁ, ସେହି ଅନୁସାରେ କ୍ରମାନୁଯାୟୀ ଯମ, ନିୟମ, ଆସନ, ପ୍ରତ୍ୟାହାର, ପ୍ରାଣାୟମ, ଧ୍ୟାନ, ଧାରଣା ଓ ସମାଧି – ଏହି ଆଠଟି ସ୍ତରକୁ ଆମେ ଅଷ୍ଟାଙ୍ଗ ଯୋଗ ହିସାବରେ ଜାଣିଛୁ ।

ଠାକୁର : 'ଯମ' ର ଶବ୍ଦାର୍ଥ କ'ଣ ଶାସ୍ତ୍ରରେ ଲେଖାଅଛି ?

ଜିଜ୍ଞାସୁ : ଶାସ୍ତ୍ର 'ଯମ'ର ସଂଜ୍ଞା ନିରୂପଣକରି ବର୍ଣ୍ଣନା କରିଛି ଯେ, ସତ୍ୟ, ଅହିଂସା, ଅସ୍ତେୟ, ବ୍ରହ୍ମଚର୍ଯ୍ୟ, ଅପରିଗ୍ରହ ହେଉଛି 'ଯମ' । ଏହା ଠିକ୍ ନା ଭୁଲ୍ ?

ଠାକୁର : ମୋ ମତରେ ଶାସ୍ତ୍ର ବର୍ଣ୍ଣିତ ଉକ୍ତ ସୋପାନ ଗୁଡ଼ିକ 'ଯମ' ସାଧନର ଫଳପ୍ରାପ୍ତି । ଅର୍ଥାତ୍ 'ଯମ' ସାଧନ କଲେ ସାଧକ ସିଦ୍ଧି ସ୍ୱରୂପ ଅହିଂସା, ଅସ୍ତେୟ, ସତ୍ୟ, ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହ ଆଦି ଦିବ୍ୟଗୁଣ ପ୍ରାପ୍ତ ହୁଏ ।

ଜିଜ୍ଞାସୁ : ଠାକୁରେ ! ଏଗୁଡ଼ିକ ଯଦି ଯମ ସାଧନର ଫଳ, ତେବେ 'ଯମ' କ'ଣ ? ଯାହାକୁ ସାଧନ କଲେ ଏହିଗୁଣ ଗୁଡ଼ିକ ପ୍ରାପ୍ତ ହେବ ?

ଠାକୁର : ଯାହାଙ୍କ ଠାରୁ ଯାତନା ପାଇଥାଅ, ସେହି ହେଉଛନ୍ତି 'ଯମ' । ସେହିମାନଙ୍କୁ ସାଧନକଲେ ଆଲୋଚ୍ୟ ଫଳପ୍ରାପ୍ତ ହୋଇପାରିବ ।

ଜିଜ୍ଞାସୁ : ଏହି ଯାତନା ସୃଷ୍ଟି ତଥା ପ୍ରଦାନକାରୀ କିଏ ? ଦୟା କରି ଚିହ୍ନାଇ ଦିଅନ୍ତୁ ।

ଠାକୁର : ପଞ୍ଚଜ୍ଞାନେନ୍ଦ୍ରିୟ, ମନ, ବୁଦ୍ଧି ଓ ଅହଂକାର, ଏହି ଆଠଗୋଟି ପ୍ରକୃତିକୁ ମୁଁ 'ଯମ' ବୋଲି କହୁଛି । ଏମାନଙ୍କର ସ୍ଥୂଳ ସ୍ୱରୂପ ମଧ୍ୟ ଅଛି, ଯେଉଁ ଗୁଡ଼ିକୁ ଆଧାରକରି ନରଶରୀର ନିର୍ମାଣ ହୋଇଛି । ଯଥା : ଆଖି, କାନ, ନାକ, ଜିହ୍ୱା, ଚର୍ମ, ମନ, ବୁଦ୍ଧି (ଚିତ୍ତ ବା Brain), ଅହଂକାର । ଉକ୍ତ ଅଷ୍ଟଅବୟବ ଶରୀରର ମୁଖ୍ୟ କାର୍ଯ୍ୟ ନିଜସ୍ୱ ସ୍ୱାଧୀନତାରେ ସକ୍ରିୟ ହୋଇ ଅନିୟନ୍ତ୍ରିତ ଭାବରେ ସ୍ଥୂଳ ବ୍ୟବହାରିକ କାର୍ଯ୍ୟ ସଂପାଦନ କରୁଛନ୍ତି । ଯେହେତୁ ଏମାନେ ଅନିୟନ୍ତ୍ରିତ ଭାବରେ ପରିଚାଳିତ, ସେହେତୁ ପରିଣାମରେ ତୁମ ଭିତରେ ହିଂସା, ମିଥ୍ୟା, ଚୌର୍ଯ୍ୟବୃତ୍ତି, ବନ୍ଧଭାବ ଓ ମୋହ ଆଦି ସୃଷ୍ଟି ହୋଇଥାଏ । ଏହି ସୃଷ୍ଟ ପରିଣାମ ଯାତନା ଓ ଦୁଃଖର କାରଣ ହୋଇଥାଏ ।

ଜିଜ୍ଞାସୁ : ଠାକୁରେ ! ଆପଣ କହିଲେ ଯେ, ପଞ୍ଚଜ୍ଞାନେନ୍ଦ୍ରିୟ, ମନ, ବୁଦ୍ଧି ଓ ଅହଂକାର ଦ୍ୱାରା ସ୍ଥୂଳ ବ୍ୟବହାରିକ କ୍ରିୟା ଅନିୟନ୍ତ୍ରିତ ଭାବେ ପରିଚାଳିତ ହୋଇଥାଏ । ଏହି ''ଅନିୟନ୍ତ୍ରିତ'' ଅବସ୍ଥା ବା ଭାବଟି କ'ଣ ବୁଝାଇ ଦେଇ କୃତାର୍ଥ କରନ୍ତୁ ।

ଠାକୁର : ଜ୍ଞାନେନ୍ଦ୍ରିୟ, ମନ, ବୁଦ୍ଧି, ଅହଂକାର – ଏମାନଙ୍କର ସ୍ୱଧର୍ମ ସୃଷ୍ଟି ତତ୍ତ୍ୱର ନିୟମ ଅନୁସାରେ ଏମାନେ ସ୍ୱୟଂ ଚାଳିତ ଓ ସ୍ୱାଧୀନ ଅଟନ୍ତି । ସେହି ନ୍ୟାୟରେ ଦର୍ପଣରେ ନିଶ୍ଚୟ ଛାୟା ଆପେ ପ୍ରତିବିମ୍ବିତ ହେବ । ଶରୀରସ୍ଥ କାନ ଆପେ ଆପେ ଶୁଣିପାରିବ । ଚର୍ମ ସ୍ପର୍ଶ ଗ୍ରହଣ କରିପାରିବ । ଜିହ୍ୱା ସ୍ୱାଦ ନିରୂପଣ କରିପାରିବ । ମନରେ ସ୍ୱତଃ ଭାବନା ଉଦ୍ରେକ ହୋଇଯିବ, ବୁଦ୍ଧି ଆପେ ଆପଣା ବିଚାର କରିପାରିବ, ଅହଂକାର ସ୍ୱାଭାବିକ ଭାବେ'ସବୁ ମୋର' ବୋଲି କହିପାରିବ । ଏମାନଙ୍କର ଧର୍ମ ସ୍ୱୟଂଚାଳିତ ପ୍ରକ୍ରିୟାରେ କ୍ରିୟାଶୀଳ ହେଉଥିବାରୁ ଏମାନେ ଅନିୟନ୍ତ୍ରିତ ଅଟନ୍ତି ।

ଜିଜ୍ଞାସୁ : ଏହି ଅନିୟନ୍ତ୍ରିତ ଧର୍ମର ଫଳ କ'ଣ ଠାକୁରେ ?

ଠାକୁର : ଏମାନେ ସ୍ୱଭାବତଃ ସ୍ୱସ୍ୱ ବିଷୟରେ ତଦାକୃତ ବା ବିଷୟାକୃତ ହୋଇଥାଆନ୍ତି । ତେଣୁ ଏହି ତଦାକୃତି ଅବସ୍ଥାରୁ ଅନୁଭବ ଯୋଗ୍ୟ ସ୍ମୃତି ଉତ୍ପନ୍ନ ହୋଇ ଶରୀରରେ ଗଚ୍ଛିତ ହୋଇଥାଏ । ଉକ୍ତ ଗଚ୍ଛିତ ସ୍ମୃତି ଇନ୍ଦ୍ରିୟମାନଙ୍କର ଇନ୍ଧନରୂପେ କାର୍ଯ୍ୟକରି ଭାବ ଯୋଗାଇଥାନ୍ତି । ଫଳତଃ ସେହି ଭାବର ତାପ (ଉତ୍ତେଜନା) ଇନ୍ଦ୍ରିୟମାନଙ୍କର ରୂପ, ଶକ୍ତି, ବଳ, କ୍ଷମତା ଓ ଦର୍ପ ଆଦିର କାରଣ ହୋଇଥାଏ । ବିଷୟାକୃତ ଜନିତ ଗଚ୍ଛିତ ସ୍ମୃତି ଅନୁଭବଯୋଗ୍ୟ ହୋଇଥିବାରୁ ଏପରି ହୋଇଥାଏ । ଏହି କ୍ରିୟାଦ୍ୱାରା ଅନିୟନ୍ତ୍ରିତ କର୍ମର ଫଳସ୍ମୃତି କୋଷ ଆକାରରେ ନିର୍ମିତ ହୋଇ ଶରୀରରେ ଗଚ୍ଛିତ ହୋଇ ରହିଥାଆନ୍ତି ଓ ସେହି ଅନୁସାରେ ଇନ୍ଦ୍ରିୟମାନଙ୍କୁ ପ୍ରେରଣା ଯୋଗାଇ ନିୟନ୍ତ୍ରିତ କରିଥାଆନ୍ତି । ଯାହା ଫଳରେ ଅଙ୍ଗ ଅଙ୍ଗରେ କ୍ରିୟାଶୀଳଥିବା କାର୍ଯ୍ୟ ନିର୍ବାହୀ ଉତ୍ତେଜକ ସ୍ନାୟୁମାନେ ପ୍ରଭାବିତ ହୋଇ ସ୍ୱୟଂଚାଳିତ ଭାବରେ ଉତ୍ତେଜନାପୂର୍ଣ୍ଣ କାର୍ଯ୍ୟ ସଂପାଦନ କରିଥାଆନ୍ତି ।

ଜିଜ୍ଞାସୁ : ଠାକୁରେ ! ଆଠଗୋଟି(ଅଷ୍ଟ) ପ୍ରକୃତି ରୂପେ ଥିବା ଆଠଗୋଟି ଅଙ୍ଗକୁ ସାଧନ କରିବାର ଉପାୟ କ'ଣ ?

ଠାକୁର : ଏହି ଆଠଗୋଟି ଅଙ୍ଗର ଆଠଗୋଟି ଉତ୍ତେଜକ ଗୃହ ଦେହର ଅବୟବମାନଙ୍କର ଆଠଟି ସ୍ଥାନରେ ପ୍ରମାଣ ରୂପରେ ରହିଅଛି । ତାହାକୁ ନିର୍ଣ୍ଣୟ କରାଯାଇ ଚିହ୍ନିତ ମଧ୍ୟ କରାଯାଇଅଛି । ନିର୍ଣ୍ଣିତ ସ୍ଥାନ ଗୁଡ଼ିକୁ ଦେଶ, କାଳ, ପାତ୍ର ବିଚାରରେ ସୂତ୍ରରେ ସାଧନ କରାଗଲେ ଅନିୟନ୍ତ୍ରିତ ଇନ୍ଦ୍ରିୟମାନଙ୍କର ଉତ୍ତେଜକ ଶକ୍ତି ନିୟନ୍ତ୍ରିତ ହୋଇଯିବ, ଫଳରେ ସେମାନେ ଆପେ ଆପେ ନିୟନ୍ତ୍ରଣକୁ ଆସିଯିବେ ।

ଜିଜ୍ଞାସୁ : ତେବେ ଏହି ନିର୍ଣ୍ଣିତ ଆଠଗୋଟି ସ୍ଥାନ ଶରୀରର କେଉଁ କେଉଁ ଅଂଶରେ ନିରୂପିତ ହୋଇଛି ଦୟାକରି ପରିଚିତ କରାଇ ଦିଅନ୍ତୁ ।

ଠାକୁର : ସ୍ଥାନର ପରିଚୟ ଜାଣିବ ?

ଜିଜ୍ଞାସୁ : ହଁ ଆଜ୍ଞା

ଠାକୁର : (ଅଳ୍ପହସି) ମୋ କଥାକୁ ବିଶ୍ୱାସ କରିବ ତ ?

ଜିଜ୍ଞାସୁ : ଏ ଅକିଞ୍ଚନ ପ୍ରତି ଏ ପ୍ରକାର ସନ୍ଦେହ କାହିଁକି ଠାକୁରେ ? କରୁଣାକରି କହିଦିଅନ୍ତୁ ।

ଠାକୁର : (ହସିହସି) ତୁମ ମୁଣ୍ଡରେ ତ ବୁଢ଼ିଆଣୀ ବସା ପରି ଅନେକ କଥା ଜମାଟ ବାନ୍ଧିଛି । ମୋ କଥା କ'ଣ ସେ ବସା ଭେଦ କରିବ ? ବଡ଼ ବଡ଼ କଥାକୁ ଲୋକେ ପସନ୍ଦ କରନ୍ତି । ଛୋଟ କଥାରେ ମାନ୍ୟତା ନଥାଏ । ସେଥିପାଇଁ କହିଲି । ତେବେ ତୁମ ଜିଜ୍ଞାସାର ସମାଧାନ ଶୁଣ । ଶରୀରରେ – ପାଦ, ଆଣ୍ଠୁ=୨, କହୁଣୀ=୨, ହାତପାପୁଲି=୨, ନାସିକା=୧ ଓ ମସ୍ତକ=୧ । ଏହି ଆଠଗୋଟି ସ୍ଥାନକୁ ଅଷ୍ଟଅଙ୍ଗ ଭାବେ ନିରୂପଣ କରାଯାଇଛି ।

ଜିଜ୍ଞାସୁ : ଠାକୁରେ ! ଯେଉଁ ଅଷ୍ଟସ୍ଥାନ ଜଣାଇଲେ, ସେହି ଅଙ୍ଗର କାର୍ଯ୍ୟକାରିଣୀ ତତ୍ତ୍ୱ ଗୁଡ଼ିକ ବିଶଦ ଭାବରେ ବୁଝାଇଦିଅନ୍ତୁ ।

ଠାକୁର : (ସହାସ୍ୟ ବଦନରେ) ଆଜି ଏହିଠାରେ ଥାଉ । ଅବଶିଷ୍ଟ ପରେ.....

କ୍ରମଶଃ......

# ସମ୍ଭବାମି ଯୁଗେ ଯୁଗେ
# ଗର୍ଭବେଦୀ



## ଜନନୀ : ଜଠର : ଜରାୟୁ

ତତ୍ତ୍ୱ ପୁରୁଷ ତତ୍ତ୍ୱ ସରିତ ଝରାଇ ଜ୍ଞାନସାଗର
ସୃଜିଲ ଜଗତ କଲ୍ୟାଣ ପାଇଁ ନହୋଇ ତିଳେ କାତର ।
ପ୍ରିୟ ସନ୍ତାନ ଉଦ୍ଧାର କାରଣେ ଅଜ୍ଞାନ ଅନ୍ଧକାରୁ
ଜ୍ଞାନର ଆଲୋକ ଜଳାଇ ଚଳାଇ ନେଇ ପାରିକରି ମରୁ ॥
କୃତଜ୍ଞତାରେ ମଥାନତ କରି ଅଗଣିତ ଅନୁଗତ
ପାଦପଦ୍ମ ପୀଠେ ଶରଣ ଆଶାରେ ଆଜି ସର୍ବେ ସମବେତ ।
କରୁଣା କରହେ କଲ୍ୟାଣ କର ଭବବନ୍ଧ ତୁଟି ଯାଉ
ତୁମରି ପାଦରେ ନିତି ନିଶିଦିନ ମନମୀନ ଲାଖି ଥାଉ ॥

'ଚରମ' : ଅଷ୍ଟମ ପୁଷ୍ପ : ଦ୍ୱିତୀୟ ପାଖୁଡ଼ା : ଊନଚତ୍ୱାରିଂଶତ୍ତମ(୩୯ଶ) ସଂଖ୍ୟାର ଅନୁଶ୍ରୁତତ୍ତ୍ୱ:–

## (୪୨) ସ୍ୱରଶ୍ରାବରୀ କୋଷ :

ଜୀବ ଜୀବନକାଳଥିବା ପର୍ଯ୍ୟନ୍ତ କାଳ ଫାଶରେ ବନ୍ଧା ହୋଇଥାଏ । ଏହି କାଳ ଫାଶର ମାୟାଜାଲ ଜୀବ ସ୍ଥୂଳଚେତାର ଚାରିପାର୍ଶ୍ୱରେ ମଧ୍ୟ ଗତି କରୁଥାଏ । ଜୀବର କ୍ରମବିକାଶ ବୟଃବୃଦ୍ଧି ତଥା ବୁଦ୍ଧିର ସତଅସତ୍ କ୍ରିୟାର ଭାବାଂଶରେ ଏହା ସ୍ୱର ସଞ୍ଚାଳନ କରି ଜୀବ ପିଣ୍ଡର ଆପାଦମସ୍ତକରେ ଅତି ଗୋପନରେ ଗତି କରୁଥାଏ । ଗତିର ଚଳନି ମଧରେ ଏହା ସ୍ୱର ଉତ୍ତୋଳନ କରି ଜାଗ୍ରତ ହୋଇ ଉଠେ । ସ୍ଥୂଳଭାବରେ ଦେଖିବାକୁ ଗଲେ ଶବ୍ଦସ୍ୱର କାରଣ ଜଗତରୁ ଆସି ସୂକ୍ଷ୍ମ ଓ ସ୍ଥୂଳ ଜଗତ ଭେଦ କରେ । ସ୍ଥୂଳରେ ଏ ମଧ୍ୟରୁ କେତେକ ସ୍ୱରଶବ୍ଦ ଅନୁଭବ କରାଯାଇଥାଏ । ଜୀବ ବହୁ ସମୟ ଧରି ଏକାଦିକ୍ରମରେ ନୀରବ ରହିଲେ, କର୍ଣ୍ଣରେ ଆପଣା ଶ୍ୱାସ ପ୍ରଶ୍ୱାସର ଶବ୍ଦସ୍ୱର, ତାହାର ଗତି ଓ ବେଗ ଶୀଘ୍ର ବଢ଼ାଇବା ଦ୍ୱାରା ଶବ୍ଦସ୍ୱର ମଧ୍ୟ ଅନୁଭବ କରିପାରେ । ଜୀବ ଶରୀରରେ ଆଘାତ ଦେଲେ ଶରୀରର କ୍ଷତ ଅଂଶ ଅବସ୍ଥାରେ ଯେଉଁ ଶାରୀରିକ ଯନ୍ତ୍ରଣା ବା କଷ୍ଟ ଅନୁଭୂତ ହୁଏ, ତାହା ପୂର୍ବୋକ୍ତ ସ୍ୱର ଚାଳନା ବେଗର ଅଂଶମାତ୍ର ଅଟେ । ଏହା ପ୍ରତ୍ୟେକ ଜୀବର ଅନୁଭବରେ ଆସୁଥିଲେ ମଧ୍ୟ ଜୀବ ପ୍ରକୃତରେ ଏହି ରହସ୍ୟ ଭେଦ କରିବାକୁ ସମର୍ଥ ହୋଇପାରେ ନାହିଁ । ଚେତାଜାଗ୍ରତ ଥିବା ଜୀବ ଏହି ଅଦ୍ଭୁତ ରହସ୍ୟର କୁହେଳିକା ଭେଦ କରି ପାରନ୍ତି ।

ଜୀବ ପିଣ୍ଡର ଚର୍ମ, କୋଷ, ସ୍ନାୟୁ ସହ ଏହି ସ୍ୱରଶବ୍ଦର ଅଂଶୀୟ ସ୍ୱର ମିଶ୍ରିତ ହୋଇ ସୂକ୍ଷ୍ମ ପ୍ରକ୍ରିୟା ଓ ସୂକ୍ଷ୍ମାତିସୂକ୍ଷ୍ମ ଗତିରେ କାର୍ଯ୍ୟ କରୁଥାଏ । ଜୀବପିଣ୍ଡ ମଧ୍ୟରେ ଘର୍ଷଣ କ୍ରିୟାହେତୁ ଉଦରରେ ୭ (ସାତ) ପ୍ରକାର କାର୍ଯ୍ୟ

ସମ୍ପାଦିତ ହୋଇ ସପ୍ତ (ସାତପ୍ରକାର) ସ୍ୱର ଉତ୍ତୋଳନ କରିଥାଏ । ଏହି ସପ୍ତସ୍ୱର ହେଉଛି (୧) ବିମୁକ୍ତା ସ୍ୱର, (୨) ଦ୍ରୀରୁତା ସ୍ୱର, (୩) କୃପାରୀ ସ୍ୱର, (୪) ଦକ୍ଷିଣ୍ଡି ସ୍ୱର, (୫) ମିତ୍ରଧାତ୍ରୀ ସ୍ୱର, (୬) କଣ୍ଠସ୍ୱର ଓ (୭) ଶ୍ରାଚିନ୍ତ୍ରା ସ୍ୱର ॥

## (୧) ବିମୁକ୍ତା ସ୍ୱର :

ନାଦଗର୍ଦ୍ଦଣ ବିନ୍ଦୁବିନ୍ଦୁ ରଶ୍ମୀ ପ୍ରକଟ କରେ । ଏହା ପୂର୍ବରୁ ଦର୍ଶାଇ ଦିଆଯାଇଅଛି । ଏହା ବ୍ରହ୍ମଙ୍କ ନିକଟରୁ ପ୍ରେରିତ ହୋଇଥାଏ । ବ୍ରହ୍ମଙ୍କ ନିକଟରୁ ପ୍ରେରିତ ସ୍ୱର ହରିଦ୍ରା ବର୍ଣ୍ଣ ଧାରଣ କରି ଆସେ । ଏହା ପିଣ୍ଡିରେ ପ୍ରବେଶ କରିବା ମାତ୍ରେ ଗୈରିକ ବର୍ଣ୍ଣ ଧାରଣ କରେ ଓ ପିଣ୍ଡ ମଧ୍ୟରେ ଏହାର ବର୍ଣ୍ଣ ଧବଳ ହୋଇଯାଏ । ଏହାକୁ ବିମୁକ୍ତାସ୍ୱର କୁହାଯାଏ । ବିମୁକ୍ତାସ୍ୱର ଧବଳ ବର୍ଣ୍ଣ ଧାରଣ କରି ଉଦର ମଧ୍ୟରେ ମିଶିଯାଇ ପ୍ରାଣବାୟୁ ଠାରୁ ଆରମ୍ଭ କରି ନାଭିମଣ୍ଡଳ ପର୍ଯ୍ୟନ୍ତ ସ୍ନାୟୁରେ ସ୍ନାୟୁରେ ତରଙ୍ଗାୟିତ ଭଳି ଅବସ୍ଥାରେ ରହି ସୂକ୍ଷ୍ମରେ କ୍ରିୟା କରୁଥାଏ । ଏହା ଉଦରରେ ଥିବା ସ୍ଥୁଳ ନାଡ଼ି ସହିତ ମିଶି ପାକସ୍ଥଳିରେ ହେଉଥିବା ପାକକ୍ରିୟାର ପାଚକରସ ସହିତ ମିଳିତ ହୋଇ ଅଗ୍ନିରେ ପରିଣତ ହୁଏ । ଏହାର ସଫଳ ସଂଯୋଗ ହେତୁ ଜୀବ ପିଣ୍ଡରେ ପାକକ୍ରିୟା ସ୍ୱାଭାବିକ ପ୍ରାକୃତିକ ପ୍ରକ୍ରିୟାରେ ସମ୍ପନ୍ନ ହୁଏ । ଯେଉଁ ଜୀବ ପିଣ୍ଡରେ ବିମୁକ୍ତା ସ୍ୱର ଯଥାର୍ଥ କାର୍ଯ୍ୟକରେ ନାହିଁ ତାହାର ଉଦର ଜନିତ ନାନା ବ୍ୟାଧି ସୂକ୍ଷ୍ମରେ ସୃଷ୍ଟିହୋଇ କାଳକ୍ରମେ ସ୍ଥୂଳଭାବରେ ରୋଗ ଆକାରରେ ପ୍ରକାଶ ପାଏ । କାରଣ ବିମୁକ୍ତାସ୍ୱର ଜୀବ ପିଣ୍ଡରେ ହଜମକ୍ରିୟାରେ କେବଳ ସାହାଯ୍ୟ କରିଥାଏ । ଏହାର ବିନା ସାହାଯ୍ୟରେ ହଜମକ୍ରିୟା ଯଥାର୍ଥ ଭାବରେ ସମ୍ପନ୍ନ ହୋଇପାରେ ନାହିଁ ଓ ଶରୀରରେ କାଳକ୍ରମେ ନାନା ପ୍ରକାର ଦୁଃସାଧ୍ୟ ରୋଗ ଉତ୍ପନ୍ନ ହୋଇଥାଏ । ଜୀବପିଣ୍ଡର ଉଦରସ୍ଥ ପାକସ୍ଥଳିରେ ଯେଉଁ ରନ୍ଧନ ବା ପରିପାକ/ପାଚନ କ୍ରିୟା ହୁଏ ବିମୁକ୍ତାସ୍ୱର ତହିଁରେ ସହଯୋଗ ବା ସାହାଯ୍ୟ କରିବା ସମୟରେ ଖାଦ୍ୟାଖାଦ୍ୟ ଭେଦରେ କେତେବେଳେ ନୀଳବର୍ଣ୍ଣ ତ କେତେବେଳେ ହଳଦିଆ ବର୍ଣ୍ଣ ଧାରଣ କରିଥାଏ । ଅଖାଦ୍ୟ/ଅଭକ୍ଷ୍ୟ ଭୋଜନ କଲେ ଏହା ନୀଳବର୍ଣ୍ଣ ଓ ଯଥାଯଥ ଉପଯୁକ୍ତ ଖାଦ୍ୟ/ଭକ୍ଷ୍ୟ ଦ୍ରବ୍ୟ ଭୋଜନ କଲେ ଏହା ହଳଦିଆବର୍ଣ୍ଣ ଧାରଣ କରିଥାଏ । ବିମୁକ୍ତା ସ୍ୱର ନୀଳବର୍ଣ୍ଣ ଧାରଣ କଲେ ଯେଉଁ ରକ୍ତରସ ସୃଷ୍ଟିହୁଏ ତାହା ଜୀବଶରୀରରେ ରକ୍ତକୁ ଦୂଷିତ ଓ କଳୁଷିତ କରେ, ରକ୍ତ ଦୂଷିତ ଓ କଳୁଷିତ ହେଲେ, ମନ ଅସ୍ଥିର ହୁଏ, ଧ୍ୟାନଜପ ଆଦି ଆଧ୍ୟାତ୍ମିକ କ୍ରିୟା ଠିକ୍ ରୂପେ ହୋଇପାରେ ନାହିଁ । ମନ କଳୁଷିତ ଓ ଚଞ୍ଚଳ ହୋଇ ପାପାସକ୍ତ ହୁଏ । ଧାର୍ମିକ ଜୀବନଯାପନ ଯଥା ସମ୍ଭବ ହୁଏ ନାହିଁ ।

ବିମୁକ୍ତାସ୍ୱର ପାଚକ ରସ ସହିତ ମିଶ୍ରିତ ହୋଇ ଅଗ୍ନିରେ ପରିଣତ ହୋଇ ପରିପାକକ୍ରିୟାରେ ସହଯୋଗ କରିବା ପରେ ପୁନର୍ବାର ଅଲଗା ହୋଇଯାଏ । ପ୍ରାଣବାୟୁର ଏହି ସାହାଯ୍ୟ ଅବସ୍ଥାକୁ ବିମୁକ୍ତାସ୍ୱର କୁହାଯାଏ । ପାକସ୍ଥଳିର ଅଗ୍ନିମାନ୍ଦ୍ୟ ଅବସ୍ଥା ଉପୁଜିଲେ, ସୂକ୍ଷ୍ମ ପ୍ରକ୍ରିୟାରେ ବିମୁକ୍ତା ସ୍ୱର ଶବ୍ଦ ସୃଷ୍ଟିକରେ । ଏହି ଅସ୍ୱାଭାବିକ ଶବ୍ଦ ଉଦର ମଧ୍ୟରେ ସୃଷ୍ଟିହୋଇ କଳକଳ, ଠୁକ୍‌ଠୁକ୍ ଆଦି ବିଭିନ୍ନ ପ୍ରକାରରେ ଅନୁଭୂତ ହୋଇଥାଏ । ପାକସ୍ଥଳିରେ ଗ୍ୟାସ ବା ବାୟୁ ସୃଷ୍ଟିହେଲେ ବିମୁକ୍ତା ସ୍ୱର ସୂକ୍ଷ୍ମରେ ଧବଳ ବର୍ଣ୍ଣ ଧାରଣ କରେ ।

## (୨) ଦ୍ରୀରୁତା ସ୍ୱର :

ପାକସ୍ଥଳିରେ ଖାଦ୍ୟ ପାକକ୍ରିୟା ପାଇଁ ମହଜୁଦ୍ ନଥିବା ସମୟରେ ଉଦରରେ ଯେଉଁ ଶବ୍ଦ ସୃଷ୍ଟିହୁଏ, ତାହାକୁ ଦ୍ରୀରୁତା ସ୍ୱର କୁହାଯାଏ । ଏହା ସୂର୍ଯ୍ୟଙ୍କର ସହସ୍ରାଂଶୁର ଏକ ଅଂଶ ହୋଇ ବ୍ରହ୍ମାଣ୍ଡରୁ ପିଣ୍ଡ ପର୍ଯ୍ୟନ୍ତ ବ୍ୟାପିଥାଏ । ଜୀବପିଣ୍ଡରେ ଏହା ଶିଥିଳ ଅବସ୍ଥାରେ ଥାଏ । ପାକସ୍ଥଳିରେ ବିକଳ୍ପ କର୍ମରେ ଏହି ଶବ୍ଦ ସ୍ୱର ଭାଗନେଇ ଜୀବପିଣ୍ଡକୁ ରୁଗ୍ଣରୁ ରୁଗ୍ଣତର କରିଦିଏ । ପେଟ ଟଣା, ପେଟ ବିନ୍ଧା, ପେଟ୍ ମାରିବା, ପେଟ ଜଳା ପୋଡ଼ା କରିବା, ପେଟ ଗୋଳେଇ ଘାଣ୍ଟି ଚକଟି ହେବା ଆଦି ଉଦର ପୀଡ଼ାରେ ଦ୍ରୀରୁତା ସ୍ୱର କର୍ମ କରିଚାଲେ । ଯେଉଁମାନେ ପ୍ରାଣାୟମ ଯୋଗ ସିଦ୍ଧ ନୁହନ୍ତି ଅଥଚ ବହୁ ସମୟ ପର୍ଯ୍ୟନ୍ତ ଆହାର ଗ୍ରହଣ ନକରି ଅନାହାରରେ ରହନ୍ତି ଓ ପାକସ୍ଥଳିର ପାଚନକ୍ରିୟା ପାଇଁ ଖାଦ୍ୟ ଯୋଗାଇ ଦିଅନ୍ତିନାହିଁ, ସେମାନେ ଦ୍ରୀରୁତା ସ୍ୱରର ଶିକାର ହୋଇ ନାନା ପ୍ରକାର ଦୁଃସହ ଉଦରଜନିତ ପୀଡ଼ା ଭୋଗ କରି ରୋଗାକ୍ରାନ୍ତ ହୋଇଥାଆନ୍ତି । କ୍ରମେ ସେମାନେ ଆନ୍ତ୍ରିକ କ୍ଷତ (Ulcer), ପାକସ୍ଥଳି କ୍ଷତ ପରି ଦୁଃସାଧ୍ୟ ରୋଗରେ ପୀଡ଼ିତ ହୁଅନ୍ତି ।

ମାତ୍ର ଯେଉଁମାନେ ପ୍ରାଣାୟାମ ଅଭ୍ୟାସ ଯୋଗସିଦ୍ଧ ଅଟନ୍ତି ସେମାନଙ୍କର ପ୍ରାଣବାୟୁ ସଂଯତ ହୋଇଥିବାରୁ ତ୍ରୀରୁତା ସ୍ୱର ସେମାନଙ୍କ ପିଣ୍ଡରେ ସଂକଳ୍ପବଦ୍ଧ ହୋଇ ରହିଯାଏ । ନାଡ଼ିଶୋଧନ, ପାକସ୍ଥଳି ଶୋଧନ, ଖାଦ୍ୟ ନଳୀ, ଅନ୍ତଃନଳୀ, ଶ୍ୱାସନଳୀ ଆଦିର ଶୋଧନ ପ୍ରକ୍ରିୟା ପ୍ରଣାଳୀରେ ସେମାନଙ୍କୁ ଏହା ସାହାଯ୍ୟ ସହଯୋଗ କରିଥାଏ ଓ ନିଷ୍କ୍ରିୟ ହୋଇ ବାଧ୍ୟତା ବଶତଃ ନାଦଗର୍ଦ୍ଦଣରେ ମିଳିତ ହୋଇ ମିଶିଯାଏ ଓ ସ୍ୱତନ୍ତ୍ର ସତ୍ତା ବଚାଇ ରଖିପାରେ ନାହିଁ । ତେଣୁ ସେମାନେ ସାଧାରଣତଃ ଉଦରଜନିତ ପୀଡ଼ା ଭୋଗ କରନ୍ତି ନାହିଁ । ତ୍ରୀରୁତାସ୍ୱର ପ୍ରାଣାୟାମ ଯୋଗସିଦ୍ଧ ଯୋଗୀମାନଙ୍କ ନାଦଗର୍ଦ୍ଦଣରେ ମିଶିଯିବା ପରେ ସେଠାରେ ୩୨(ବତିଶ) ଥର ଚକ୍ରାକାରରେ ଘୂର୍ଣ୍ଣନ କରି ପୁନର୍ବାର ଉଦରସ୍ଥଳକୁ ପାକସ୍ଥଳି ମଧ୍ୟକୁ ଫେରିଆସେ । ମାତ୍ର ଯୋଗୀର ପ୍ରାଣବାୟୁ ସଂଯତ ଥିବାରୁ କ୍ଷତିକାରକ କାର୍ଯ୍ୟ କରିନପାରି ପୁନଶ୍ଚ ନାଦଗର୍ଦ୍ଦଣକୁ ବାହୁଡ଼ିଯାଏ । ଏହିପରି ବାରମ୍ବାର ହେବା ଫଳରେ ତ୍ରୀରୁତାସ୍ୱର ଯୋଗୀର ଶ୍ୱାସ ପ୍ରଶ୍ୱାସରେ ଧବଳବର୍ଣ୍ଣ ଧାରଣ କରି ପ୍ରାଣବାୟୁର ତାଳେ ତାଳେ ଯୋଗୀ ନାମସୂତ୍ରୀ (ବୀଜମନ୍ତ୍ର ମାନସ ଜପ)ର ବେଗକୁ ତୀବ୍ରରୁ ତୀବ୍ରତର କରି ଶ୍ୱାସ ପ୍ରଶ୍ୱାସରେ ସ୍ଥିରତା ଆଣେ । ଏହି ଅବସ୍ଥାକୁ 'ଠୁଳ ଶ୍ୱାସନୀ' ଜପ କୁହାଯାଏ । ସ୍ୱତଃ କାର୍ଯ୍ୟକାରୀ ହୁଏ । ଏଥିରେ ତ୍ରୀରୁତାସ୍ୱର ସହଯୋଗ କରେ । ଏହା ଯୋଗୀର ତୁଣ୍ଡରୁ ଆରମ୍ଭ ହୋଇ ଅଭ୍ୟାସସୂତ୍ରରେ ସ୍ୱତଃ ମାନସ ପଟହକୁ ସଞ୍ଚରିତ ହୋଇଯାଏ ।

## (୩) କୃପାରୀ ସ୍ୱର :

ଜୀବ ପିଣ୍ଡରେ କୃପାରୀ ସ୍ୱର ନାଭିମଣ୍ଡଳରୁ ଆରମ୍ଭ କରି ମାନସ ପଟ ପର୍ଯ୍ୟନ୍ତ ସଙ୍କୁଚିତ ଅବସ୍ଥାରେ ବ୍ୟାପି ରହିଥାଏ । ତାହା ପ୍ରସାରିତ ହୋଇ ପ୍ରାଣବାୟୁ ସହିତ ମିଶି ପୁଣି ନାଭିକୁ ଫେରିଆସି ୩ ମାସ ୨୧ ଦିନ ପର୍ଯ୍ୟନ୍ତ ଅପାନବାୟୁ ସହିତ ସଂଯୁକ୍ତ ହୋଇ ରହେ । ଏଠାରେ କୃପାରୀ ସ୍ୱର ପିଣ୍ଡ ମଧ୍ୟରେ ବିକଳ୍ପ କର୍ମ ସୃଷ୍ଟି କରି ଶରୀରରେ ରୋଗ ଜନ୍ମାଏ । ଜୀବର ଶବ୍ଦ ସ୍ୱର ସହିତ ନକ୍ଷତ୍ରର ମିଳନ କ୍ରିୟା ଠିକ୍ ଠିକ୍ ଭାବରେ ହେଉଥିଲେ ସ୍ୱର ବେଗ ଦୁର୍ବଳ ହୋଇ ନଥାଏ । ଏହା ସତ୍ତ୍ୱେ ସ୍ୱରବେଗ ଦୁର୍ବଳ ହେଲେ, ଫୁସ୍‌ଫୁସ୍‌ର ଅଳିନ୍ଦକୁ ଯାଇ କୃପାରୀ ସ୍ୱର ସୂକ୍ଷ୍ମରେ ରହି ସ୍ଥୂଳକର୍ମକୁ ପଛେଇ ଦିଏ ନାହିଁ । ପିଣ୍ଡସ୍ଥ ବକ୍ଷ ଗହ୍ୱରର ଫୁସ୍‌ଫୁସ୍‌ରେ ବାମ ଓ ଦକ୍ଷିଣ ଅଳିନ୍ଦରେ ଶବ୍ଦସ୍ୱର ଏହି ଅବସ୍ଥା ସୃଷ୍ଟିକରି କୃପାରୀ ସ୍ୱରରେ ପହଞ୍ଚି ମିଳିତ ହୁଏ । ସ୍ନାୟୁ ସଂଯୋଗ କାରଣରୁ ସ୍ନାୟୁ ସହିତ କୃପାରୀ ସ୍ୱର ପାକସ୍ଥଳିର ସମସ୍ତ ନାଡ଼ି ଓ ଗ୍ରନ୍ଥି ଭ୍ରମଣ କରେ । ଏହା ନାଡ଼ି ଭିତରେ ରହି ପିଣ୍ଡରେ ଶବ୍ଦସ୍ୱର ଗ୍ରନ୍ଥି ସୃଷ୍ଟି କରେ । ଏହି ଗ୍ରନ୍ଥି ଯୋଗୀର ୬୪ ପ୍ରାଣାୟମ ସିଦ୍ଧିରେ ଯୋଗସ୍ଥିରତା ରକ୍ଷାକରି କୃପାରୀ ସ୍ୱରର ବେଗ ବଢ଼ାଇ ଥାଏ । କିନ୍ତୁ ସାଧାରଣବ୍ୟକ୍ତି ମାନଙ୍କ ଶରୀରରେ ଏହି କୃପାରୀ ସ୍ୱର ବାୟୁର ରକ୍ଷାକର୍ତ୍ତା ଭାବରେ ସାଧାରଣ କାର୍ଯ୍ୟ ସମ୍ପାଦନ କରୁଥାଏ ।

## (୪) ଦକ୍ଷିର୍ଣ୍ଣା ସ୍ୱର :

ବ୍ରହ୍ମଙ୍କ ଆଦେଶାନୁଯାୟୀ ଜୀବର କର୍ଣ୍ଣ ବୃଧାରୀ କୋଷ ଦ୍ୱାରା ଗଠିତ । ବୃଧାରୀ କୋଷର ନାସା, ଗଳା, ଚକ୍ଷୁ ଓ କର୍ଣ୍ଣ ସହିତ ମଧ୍ୟ ସଂଯୋଗ ଥାଏ । ଏ ସବୁ ଅଙ୍ଗ ପ୍ରତ୍ୟଙ୍ଗ ବୃଧାରୀ କୋଷ ଦ୍ୱାରା ଗଠିତ ହେଲେ ହେଁ, ଦକ୍ଷିର୍ଣ୍ଣା ସ୍ୱର ଏସବୁ ଅଙ୍ଗପ୍ରତ୍ୟଙ୍ଗକୁ ସଂଚାଳନ କରେ । ଦକ୍ଷିର୍ଣ୍ଣା ସ୍ୱର ଜୀବ ଶରୀରରେ ରହି ଏହି ସଂଚାଳନ କାର୍ଯ୍ୟ ଶିଶୁ ମାତୃଗର୍ଭରେ ଥିବା ଅବସ୍ଥାରୁ ଭୂମିଷ୍ଠ ହେବା ପର୍ଯ୍ୟନ୍ତ ତଥା ଭୂମିଷ୍ଠ ହେବା ମୁହୂର୍ତ୍ତରୁ ଦେହ ଜୀବନ ଧରି ଥିବା ପର୍ଯ୍ୟନ୍ତ ବିଧିବଦ୍ଧ ଭାବରେ କରି ଆସୁଅଛି । ଦକ୍ଷିର୍ଣ୍ଣା ସ୍ୱରର ବର୍ଣ୍ଣ ଧବଳ ଅଟେ । ଏହି ବର୍ଣ୍ଣରେ ସୂକ୍ଷ୍ମରେ କଳା ଦାଗମାନ ଅଂଶ ସ୍ୱରୂପ ବିଦ୍ୟମାନ ଥାଏ ଓ ତାହା ସୂକ୍ଷ୍ମରେ କାର୍ଯ୍ୟ କରୁଥାଏ । ସୂକ୍ଷ୍ମତଃ ଦକ୍ଷିର୍ଣ୍ଣା ସ୍ୱର ସଂପୂର୍ଣ୍ଣ ଗୁଡ଼େଇ ହୋଇ ଶଙ୍ଖାକୃତି ହୋଇ ରହିଥାଏ । ବ୍ରହ୍ମଙ୍କ ଇଙ୍ଗିତ ସୂତ୍ରରେ କର୍ଣ୍ଣରେ ଥିବା ଶବ୍ଦସ୍ୱର ବାହ୍ୟ ଶବ୍ଦ ଗ୍ରହଣ କରେ ଓ ତ୍ୟାଗ କରେ । ଜୀବ ପିଣ୍ଡରେ ଅଷ୍ଟାଦଶ (୧୮) ଭୂଜୀୟ ଚକ୍ରରେ ସ୍ୱର ସଂଯୋଗ ହୋଇ ଶବ୍ଦ ବର୍ଣ୍ଣ ଧାରଣରେ ମଧ୍ୟ ସ୍ୱର ସଂଯୋଜନା ଓ ସ୍ୱର ଚାଳନା କାର୍ଯ୍ୟ ନିର୍ବାହ କରୁଥାଏ ।

(କ୍ରମଶଃ.....)

# କେଶବ କୈବଲ୍ୟ କଣିକା

*ଠାକୁରଙ୍କ ଶ୍ରୀମୁଖ ନିଃସୃତ ବାଣୀ*

(୧) ସ୍ତ୍ରୀ ସ୍ୱାମୀର ଅନୁଗାମିନୀ ହୋଇ ପ୍ରତ୍ୟେକ କାର୍ଯ୍ୟରେ ସାହାଯ୍ୟ ସହଯୋଗ କରେ । ଦୁଃଖସୁଖର ଭାଗୀ ହୁଏ । ସ୍ୱାମୀର ଭଲମନ୍ଦ ବିଚାର କରେ । ଏଣୁ ସ୍ତ୍ରୀକୁ ସହଧର୍ମିଣୀ, ଅର୍ଦ୍ଧାଙ୍ଗୀନୀ କୁହାଯାଏ । ବର୍ତ୍ତମାନ ସମାଜରେ ଅଧିକାଂଶ ସ୍ତ୍ରୀ ସ୍ୱାମୀଙ୍କର ସମସ୍ତ ପ୍ରକାର କାର୍ଯ୍ୟ ଏପରିକି ଜନମଙ୍ଗଳ/ଜଗତକଲ୍ୟାଣକର କାର୍ଯ୍ୟକୁ ବିରୋଧ କରୁଛନ୍ତି । ଅଭାବ ଅସୁବିଧା ସମୟରେ ସାହାଯ୍ୟ ସହଯୋଗ ନକରି ନାନା ଅସୁବିଧାରେ ପକାଉଛନ୍ତି । ସ୍ୱାମୀ ପରିବାର ଅପେକ୍ଷା ନିଜ ବାପଭାଇର ପରିବାର ପ୍ରତି ଅଧିକ ପ୍ରବଣ ହେଉଛନ୍ତି । ତେଣୁ ଏବେ ପ୍ରାୟ ପ୍ରତ୍ୟେକ ପରିବାରରେ ନାନା ବିଶୃଙ୍ଖଳା ଓ ଅଶାନ୍ତି ସୃଷ୍ଟି ହେଉଛି ।

(୨) ଧର୍ମ ପଥ ଅନୁସରଣ କଲେ, ଦୁଃଖ କଷ୍ଟ, ରୋଗଶୋକ, ଜ୍ୱାଳା ଯନ୍ତ୍ରଣା ଭୋଗ କରିବାକୁ ହୁଏ । ଦୁଃଖକଷ୍ଟ ରୋଗଶୋକ ଇତ୍ୟାଦି ହେଉଛି ଧର୍ମ ପଥର ସଂସ୍କାର । ଏହି ସଂସ୍କାର ହିଁ ଜୀବ ଭିତରେ ବିକାରଭାବ ସୃଷ୍ଟି କରେ । ଗୁରୁକୃପା ଓ ଆଶୀର୍ବାଦରୁ ସଂସ୍କାର ହୁଏ । ବହୁ ବୋଧ ଶକ୍ତି ବଳରେ ବିବେକ ଜ୍ଞାନ ଯୋଗୁଁ ଏହା ବୁଝିବା ସମ୍ଭବ ହୁଏ । ଧର୍ମ ପଥ ବିସ୍ତୃତ ହୋଇଥିବାରୁ ଅନାସକ୍ତ ଭାବ ସୃଷ୍ଟି ହୁଏ । ଅନାସକ୍ତ ଭାବକୁ ବହୁ ବିବେକ ଜ୍ଞାନଦ୍ୱାରା ଧିରେଧିରେ ଛିନ୍ନ କରି ଏ ପଥରେ ଆସକ୍ତିଭାବ ଆସିଥାଏ । ଧର୍ମଧାରାରେ ମନକୁ ଜଡ଼ିତ କଲେ, ମନମୂନ ଚଇତନ ଏକ କଲେ ଓ ସହିବା ନୀତି ହେଲେ ଯାଇ ଏ ପଥର ପଥିକ ହୋଇଁ ପାରିବ ଓ ଅନାସକ୍ତ ଭାବକୁ କାଟି ପାରିବ ।

(୩) ଊର୍ଦ୍ଧ୍ୱସ୍ଥ ଉଚ୍ଚ ମଣ୍ଡଳରୁ ମହାତ୍ମାଗାନ୍ଧି ଧରାପୃଷ୍ଠକୁ ଅବତରଣ କରି ବହୁ ଉଚ୍ଚ କୋଟିର ନୀତିବାଣୀ ପ୍ରଚାର କରି ଯାଇଅଛନ୍ତି । ଏହି ସବୁ ବାଣୀଗୁଡ଼ିକ ବର୍ତ୍ତମାନ ସମାଜ ପାଇଁ କଣ୍ଟା, ଅଙ୍କୁଶ । ଏସବୁକୁ କାର୍ଯ୍ୟରେ ପରିଣତ କରିବା ପାଇଁ ସେ ତାଙ୍କ ଜୀବନରେ କେତେ ଦୁଃଖକଷ୍ଟ ଭୋଗିଛନ୍ତି । ଶେଷରେ ପ୍ରାଣ ବିସର୍ଜନ ମଧ୍ୟ ଦେଇଛନ୍ତି ।

(୪) ସୃଷ୍ଟିରେ ବହୁ ଦୁଷ୍ଟପୁତ୍ର ଜନ୍ମ ନେଇଛନ୍ତି । ସେମାନଙ୍କ କବଳରୁ ଆତ୍ମରକ୍ଷା କରିବା ପାଇଁ ନିଜର ବୋଧ ବିବେକ ଓ ଧୀଶକ୍ତି ସହିତ ଉପସ୍ଥିତ ବୁଦ୍ଧି ଖଟାଇବା ଉଚିତ ।

(୫) ସ୍ରଷ୍ଟା ଏକ । ତେଣୁ ସୃଷ୍ଟି ତାଙ୍କର ନିର୍ବିକାର ।

(୬) ଶରୀରରେ ସମସ୍ତ ଅବୟବର କ୍ରିୟା କର୍ମ ନିର୍ଦ୍ଧାରିତ ହୋଇ ରହିଛି । ସେ ସବୁ ଆଦୌ ନହେଲେ/ବିକୃତ ବା ବିକଳ୍ପ ଭାବରେ ହେଲେ/ଅତ୍ୟଧିକ ହେଲେ, ଶରୀରର କ୍ଷତି ହୁଏ ।

(୭) ଦୂରର ଭାବ ଯାହା ତାହା ସ୍ପର୍ଶ ଦ୍ୱାରା ନଷ୍ଟ ହୁଏ, ଅର୍ଥାତ୍ ଭାବ ନଷ୍ଟ ହୋଇ ଅଭାବ/କୁଭାବ ସୃଷ୍ଟିହୁଏ ।

(୮) ଯୋଗୀର ଭାବ/ଭାବନା ହିଁ ସିଦ୍ଧ ।

(୯) ପାପାସକ୍ତ ଜଘନ୍ୟ କର୍ମରେ ଲିପ୍ତଥିବା ବ୍ୟକ୍ତି ଧର୍ମକ୍ଷେତ୍ରରେ ପ୍ରବେଶ କରିଛନ୍ତି । ଯେତେ ପାପାସକ୍ତ ଶରୀର ହେଲେ ମଧ୍ୟ, ଧର୍ମ ଗ୍ରହଣ କରିବ – ଏଥିରେ ବାଧା ନାହିଁ । ଏହାର ସୂତ୍ର ପ୍ରକାଶ କରିଦେଲେ ସମାଜ ଉଚ୍ଛୃଙ୍ଖଳ ହୋଇଯିବ । ଏଣୁ ମହାପୁରୁଷମାନେ ଏହି ସୂତ୍ର ଛପାଇ (ଗୁପ୍ତ) ରଖିଛନ୍ତି । ସୃଷ୍ଟିର ବିଚାର ମଧ୍ୟ ସେହିପରି ତା' ନୋହିଲେ, ସୃଷ୍ଟି ସମ୍ଭବ ହୋଇଥାଆନ୍ତା କିପରି ??

(୧୦) ଅର୍ଥକୁ ପ୍ରଧାନ କରିବା କ'ଣ ଅର୍ଘ୍ୟ ପ୍ରଦାନର ଲକ୍ଷ୍ୟ ? ଅର୍ଥକୁ ପ୍ରାଧାନ୍ୟ ଦେଇ ଯଦି ଅର୍ଘ୍ୟନେଇ ଆସୁଥାଅ, ତା'ହେଲେ ନଆସିବା ବରଂ ଭଲ । ବାସ୍ତବ ତତ୍ତ୍ୱ ନବୁଝି ଅଜବ୍ କଥା କହିଲେ, ଚଳିବ କିପରି ? ଅର୍ଘ୍ୟ ପ୍ରଦାନର ନିର୍ଦ୍ଦିଷ୍ଟ ସ୍ୱଷ୍ଟ ତାତ୍ତ୍ୱିକ ଅର୍ଥ ରହିଛି ।

❋❋❋



# କଲ୍ୟାଣ ଦେଖି ତୋତେ

ପ୍ରେମମୟଙ୍କ କଲ୍ୟାଣ ପାଇଁ କିଏ ବା ବ୍ୟାକୁଳ ନହେବ ? ମାତ୍ର ବାସ୍ତବ ଦୃଷ୍ଟିରୁ ନିଜକୁ ପ୍ରଶ୍ନ କଲେ ଉତ୍ତର ନିଶ୍ଚୟ ଆସିବ ଯେ, 'କଲ୍ୟାଣ' ସେ ଦେଇସାରିଛନ୍ତି । ଆମର ଜନ୍ମ, ସ୍ଥିତି, ଶରୀରଧାରଣ, କର୍ମପ୍ରବାହ, ସୁଶରୀରେ ଇନ୍ଦ୍ରିୟ ଚାଳନ, ବୁଦ୍ଧି, ବିବେକ, ଜ୍ଞାନ ଇତ୍ୟାଦି ସବୁ ହିଁ ତାଙ୍କରି କଲ୍ୟାଣ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଆମର ସ୍ଥିତି ପାଇଁ ପ୍ରକୃତିଙ୍କ ମାଧ୍ୟମରେ ବାୟୁ, ଅଗ୍ନି, ଜଳ ଇତ୍ୟାଦି ପଞ୍ଚଭୂତ, ନଦ, ନଦୀ, ହ୍ରଦ, ପର୍ବତ, ବୃକ୍ଷଲତା, ଆଦି ଯାହାକିଛି ବିଭବ, ସମ୍ଭାର ସମସ୍ତ ତାଙ୍କରି ଆଜ୍ଞାରେ ତାଙ୍କରି କଲ୍ୟାଣକୁ ଆମନିକଟରେ ପହଞ୍ଚାଇ ଅଛନ୍ତି । ଏ ସମସ୍ତ କଲ୍ୟାଣ ପାଇଁ ଆମେ କ'ଣ କେବେ ତାଙ୍କୁ ମାଗିଥିଲେ ? ନା, ସେ ତାଙ୍କ ସୃଷ୍ଟ ଅମୃତ ସନ୍ତାନ ପାଇଁ ନିଜ ଇଚ୍ଛାରେ ସବୁକିଛି ସୃଷ୍ଟି କରିଛନ୍ତି । ଆଜି ମଧ୍ୟ ନରତନୁରେ ଧରାମଣ୍ଡଳ କରି ଏକମାତ୍ର ଲକ୍ଷ୍ୟ "କଲ୍ୟାଣ" ପୂରଣ କରିବାକୁ ଅହରହ ବ୍ୟସ୍ତ ରହିଛନ୍ତି । ସେହି ବ୍ୟସ୍ତତାର ଗୋଟିଏ ପରିପ୍ରକାଶ ଏହି "ଚରମ" ତଥା ତଦନ୍ତର୍ଗତ "କଲ୍ୟାଣ ଦେଖି ତୋତେ" ।

ପତିତ ପାବନ ନାମକୁ ବହିଛ
ପତିତ ଉଦ୍ଧାର ପାଇଁ
ପତିତ କାନ୍ଦୁଛି ବାନା ବି ଉଡୁଛି
ମନେ କି ପଡୁନି ସାଇଁ ?

# କଲ୍ୟାଣ ଦେଲି ତୋତେ

''ଚରନ''ରେ ଧନ ମୋର କଲ୍ୟାଣ ପସରା ।
ପଡ଼ିତୁ ନୋହୁ ଧନ, ନହୁଅ ଅଧୀରା ॥
ଜନମ ଆଗରୁ ଯାଚି ଦେଇଛି କଲ୍ୟାଣ ।
ଏବେ ବି ଦେଇ ଚାଲିଛି ନିତ୍ୟ ଅକାରଣ ॥
ଚପଳମତି ତୁ ଦିନେ ଥିଲୁ ବାଲ୍ୟକାଳେ ।
ଧୀରେ ଧୀରେ ଯାଉଅଛୁ ଜ୍ଞାନମୂର୍ତ୍ତି କୋଳେ ॥
ଅବୋଧ୍ୟ ହେଲେ ବି ଜ୍ଞାନ ସାଇତି ରଖିଥୁ ।
ଯଥାକାଳେ ଅମୃତର ସ୍ୱାଦ ତୁ ଚାଖିବୁ ॥
ପଞ୍ଚଭୂତେ ବାୟୁ ତତ୍ତ୍ୱ ଦେଇଥିଲି କହି ।
ଏଥରକ ଜଳକଥା ଦେଉଛି ବୁଝାଇ ॥
ପରମଙ୍କ ଆଦେଶରେ ତିନି ଭାଗ ଜଳ ।
ପିଣ୍ଡରୁ ବ୍ରହ୍ମାଣ୍ଡ ଯାଏ ନ ପାଇବୁ ଥଳ ॥
ଆବୋରିଛି ସପ୍ତଲୋକ ଭିନ୍ନ ନାମ ବହି ।
ବହୁଆଜ୍ଞା ପାଳି ସଦା ସିକ୍ତ କରେ ମହୀ ॥
ସତ୍ୟ, ଜନ, ତପ ଲୋକେ ଯେଉଁ ଜଳ ବହେ ।
''ଉର୍ଦ୍ଧ୍ୱ ଜଳ'' ନାମରେ ପରିଚିତ ହୁଏ ॥
ପିଣ୍ଡମଧ୍ୟେ ପାଦଠାରୁ ନାଭି ପରିଯନ୍ତେ ।
ବହୁଅଛି ଏହି ଜଳ ରହି ଗୁପ୍ତ ସ୍ରୋତ ॥
ମହଲୋକ ସ୍ୱ ଲୋକ ଯାହାକୁ ତୁ କହୁ ।
ମନମଧ୍ୟେ ଚିନ୍ତାକରି ସନ୍ଦେହରେ ରହୁ ॥

ସେ ଲୋକରେ ବହୁଅଛି ଆଉ ଏକ ଧାର ।
''ଆର୍ଦ୍ରଜଳ' ଅଟଇ, ନାମଟି ତାହାର ॥
ନାଭିଠାରୁ ବେକ ଯାଏ ତୋ ପିଣ୍ଡ ମଧ୍ୟରେ ।
ବହୁଅଛି ଏହି ଜଳ ବ୍ରହ୍ମାଜ୍ଞା ବେଢାରେ ॥
ସପ୍ତଲୋକ ମଧ୍ୟ ଆଉ ଯେଉଁ ଲୋକ ଦୁଇ ।
ଭୁବଲୋକ, ଭୂ ଲୋକ ବୋଲି ନାମ ବହି ॥
ରହିଅଛି ଯେଉଁ ଜଳ ଏ ଦୁଇ ଲୋକରେ ।
ଗଣା ସେ ହୁଏ ''ମାରତ ଜଳ'' ର ନାମରେ ॥
ତୋ ପିଣ୍ଡ ବ୍ରହ୍ମାଣ୍ଡେ ବେକଠାରୁ ତାଳୁଯାଏ ।
ଏ ''ମାରତ'' ଜଳସ୍ରୋତ ବହନ ପକାଏ ॥
ଯେଉଁ ଭାବେ ପୂଣ୍ୟତୋୟା ଗଙ୍ଗା ଓ ଯମୁନା ।
ସରସ୍ୱତୀ ନଦୀ ତ୍ରୟ ହୋଇ ଆନମନା ॥
ବହନ୍ତି ପୃଥକ ଭାବେ ତିନିଧାର ହୋଇ ।
ଏକଧାର ତିନି ହେଲେ ବ୍ରହ୍ମଆଜ୍ଞା ପାଇ ॥
ଅନ୍ତିମେ ମିଶନ୍ତି ଯ.ଇ ତ୍ରିବେଣୀ ସଙ୍ଗମେ ।
ପରମ ପବିତ୍ର ହୋଇ ରହିଛନ୍ତି ଧାମେ ॥
ସେହିଭାବେ ତୋ ପିଣ୍ଡରେ ସେହି ଏକାଜଳ ।
ତିନିଧାରେ ତିନିଭାଗେ କରୁଛନ୍ତି ଖେଳ ॥
ତୋ ପିଣ୍ଡରେ ତ୍ରିବେଣୀ ସଂଗମ ହୋଇଅଛି ।
ସେହିଠାରେ ତିନିଧାରା ଗୋପନେ ମିଶିଛି ॥

ତୋର ଚିର ମଙ୍ଗଳାକାଂକ୍ଷୀ
ପିତା

# ନୀଳଚକ୍ର ଚରମର ସଙ୍କେତ

**ଧାରାଗ୍ରହଣ ପରେ**

## ପୂର୍ବ ସଂଖ୍ୟାର ଆଲୋଚନାର ଅବଶିଷ୍ଟାଂଶ

ପୂର୍ଣ୍ଣିମାରେ ହଂଜଯୋଗୀ ସ୍ଥିତପ୍ରାଜ୍ଞ ଅବସ୍ଥାରେ ଥିବା ସମୟରେ ଖେଚିମୀ ତ୍ରାଟକ ସୂତ୍ର ସାହାଯ୍ୟରେ ତାଳୁରୁ ମଧୁର ରସ ଝରାଇ ପାନ କରନ୍ତି । ସ୍ଥିତ ପ୍ରାଜ୍ଞ ଯୋଗୀ ପିଣ୍ଡରେ ଥାଇ ବ୍ରହ୍ମାଣ୍ଡସୂତ୍ରୀ ତତ୍ତ୍ୱଜ୍ଞାନ ପୂର୍ଣ୍ଣିମା ଦିନ ଦିବା ଘ.୧୨ଟିକାରୁ ଘ.୩ଟିକା ମଧ୍ୟରେ ହରିଦ୍ରାବର୍ଣ୍ଣର ଆଲୋକ ବିଚ୍ଛୁରଣ କରିଥିବା ଚୈତନ୍ୟ ମାନସ ପଟରେ ଅନୁଭବ କରନ୍ତି । ପୁଣି ସେହିଦିନ ଯୋଗୀ ବ୍ରହ୍ମଙ୍କୁ ପ୍ରାର୍ଥନା କରେ-ନିର୍ବାଣ ପ୍ରାପ୍ତ ହେବା ପାଇଁ ବା ଯୁଗଯୁଗକୁ ପ୍ରଭୁଙ୍କ ସହିତ ଲୀଳା ସଙ୍ଗୀ ହୋଇ ଭୂମଣ୍ଡଳକୁ ଆସି ଜନ୍ମଗ୍ରହଣ କରିବା ପାଇଁ । ଯେଉଁମାନେ ଧରାଧାମକୁ ଆସିବା ପାଇଁ ମାଗନ୍ତି, ସେମାନଙ୍କର ପ୍ରାର୍ଥନା ପୂର୍ଣ୍ଣର ସୂତ୍ର ନୀଳ ଆଲୋକ ଜ୍ୟୋତି ଦର୍ଶନର ଇଙ୍ଗିତରୁ ଅନୁଭବ ହୁଏ । ସେମାନଙ୍କର ଅର୍ଘ୍ୟଦାନ ପଦ୍ଧତି ମଧ୍ୟ ସ୍ୱତନ୍ତ୍ର । ସୂକ୍ଷ୍ମରେ ଧବଳ ବୃତ୍ତାକାର ରେଖା ପାତ କରି ପରମବ୍ରହ୍ମଙ୍କ ନିକଟକୁ ସେହି ପିଣ୍ଡରେ ରହି ଯୋଗୀ ଯାଏ । ତିନି ଗୋଲାକାର ବୃତ୍ତ ସହିତ ଅର୍ଦ୍ଧବୃତ୍ତର ଚିତ୍ର -000U- ଯୋଗୀ ମାନସପଟ୍ଟ ତଥା ମାନସ ଚୈତନ୍ୟରେ ପରଂବ୍ରହ୍ମଙ୍କୁ ଅର୍ଘ୍ୟସ୍ୱରୂପ ସମର୍ପଣ କରନ୍ତି । କୁମ୍ଭକ ହଂଜଯୋଗୀ ସୂକ୍ଷ୍ମରେ ପୂର୍ଣ୍ଣିମା ତିଥିରେ ତ୍ରିକୂଟ ଦ୍ୱାରା ତିନୋଟି ବିନ୍ଦୁ ସହିତ ଗୋଟିଏ ଅର୍ଦ୍ଧ ବିନ୍ଦୁ ଜ୍ୟୋତି ଭଳି ଅର୍ଘ୍ୟ ସମର୍ପଣ କରିଥାଆନ୍ତି । ରେଚକ ସୂତ୍ର ଯେଉଁ ଯୋଗୀ ଧାରଣ କରି କ୍ରିୟା ସଂପାଦନ କରୁଥାଆନ୍ତି, ସେ କୁଣ୍ଡଳିନୀ ପ୍ରକ୍ରିୟାରେ ବଜ୍ରକୁଣ୍ଡଳିନୀକୁ ଜାଗ୍ରତ କରି ଆଜ୍ଞାଚକ୍ରରେ ଥିବା 'ସୁନନ୍ଦପ୍ରଜ୍ଞା' ଚେତାକୁ ଗୁରୁନିର୍ଦ୍ଦେଶାନୁଯାୟୀ ବିଧିବଦ୍ଧ ସମଗ୍ର ଅବୟବକୁ କୃଷ୍ୟ ପ୍ରାଣାୟମ ସୂତ୍ର ଦ୍ୱାରା ସାଷ୍ଟାଙ୍ଗ ପ୍ରଣାମ କରନ୍ତି । ପ୍ରଣାମ ଅବସ୍ଥାରେ ଯୋଗୀ ସୂକ୍ଷ୍ମରେ ଲାଲବର୍ଣ୍ଣର ରଶ୍ମି ମହାଶୂନ୍ୟରେ ଅନୁଭବ କରନ୍ତି । ଏହି ରଶ୍ମି ଊର୍ଦ୍ଧ୍ୱରେ ଧୂମ୍ରବର୍ଣ୍ଣ ଧାରଣ କରି ବୃତ୍ତାକାର ହୋଇଯାଏ, ମାତ୍ର ତାହାର କେନ୍ଦ୍ରବିନ୍ଦୁ କେଉଁ ଦିଗକୁ ଗତି କରିଥାଏ, ତାହା ଯୋଗୀଙ୍କର ଦର୍ଶନାନୁଭୂତିର ଆଗୋଚର ଥାଏ । କାରଣ, ସେ ଧୂମ୍ରବର୍ଣ୍ଣ ଧାରଣ କରିବା ପର୍ଯ୍ୟନ୍ତ ମାନସ ଚୈତନ୍ୟରେ ଥାଆନ୍ତି ମାତ୍ର ତା' ପରବର୍ତ୍ତୀ ପର୍ଯ୍ୟାୟରେ ଚୈତନ୍ୟରେ ରହି ପାରିନଥାନ୍ତି । ସାଧନାରେ ପୂର୍ଣ୍ଣତା ଆସି ନଥିବା ହେତୁ ସେ ତାହା ଜାଣି ପାରନ୍ତି ନାହିଁ । ପ୍ରତି ମାସ ପୂର୍ଣ୍ଣିମା ତିଥିରେ ଏପରି ସୂତ୍ରରେ ଅର୍ଘ୍ୟ ନିବେଦନ କରି ଚାଲିଲେ, ସାଧନାରେ ପୂର୍ଣ୍ଣତା ଆସେ ଓ ତାହା ଅନୁଭୂତ ହୋଇଥାଏ । ତତ୍ତ୍ୱମଣ୍ଡଳରୁ ଯୋଗୀଙ୍କର ଚୈତନ୍ୟକୁ ଆଜ୍ଞା ଓ ଆଦେଶ ମଧ୍ୟ ଆସେ । ଏହି ମଣ୍ଡଳରେ ତତ୍ତ୍ୱଗୁରୁ ରହିଥାଆନ୍ତି । ସେ ପରମବ୍ରହ୍ମଙ୍କ ନିର୍ଦ୍ଦେଶାନୁଯାୟୀ ସୂକ୍ଷ୍ମଅର୍ଘ୍ୟ ମଧ୍ୟ ଗ୍ରହଣ କରନ୍ତି ।

ପିଣ୍ଡପୁରୁଷ ମଣ୍ଡଳର 'ଅବଧୂତ ଗୃହ'ରୁ ପୃଥିବୀକୁ ଓହ୍ଲାଇ ଆସିଥିବା ଆତ୍ମାମାନେ ଧରାପୃଷ୍ଠରେ ଦେହଧାରି ଅବଧୂତ ସମ୍ପ୍ରଦାୟ ଗଠନ କରିଅଛନ୍ତି । ଏହି ସଂପ୍ରଦାୟର ଯେଉଁ ଶିଷ୍ୟ ବାସ୍ତବ କର୍ମରେ ଥାଆନ୍ତି, ତାଙ୍କର ମନ, ଚିତ୍ତ, ଚେତା ସୂତ୍ର ଦ୍ୱାରା ପଞ୍ଚ ମହାଭୂତକୁ ସୂକ୍ଷ୍ମରେ ଆୟତ୍ତ କରି ଭୂତମାନଙ୍କ ସାହାଯ୍ୟ ସହଯୋଗରେ ଶବ୍ଦ ଧ୍ୱନିର ଚଷ୍ଟାଙ୍ଗ କବଚଧ୍ୱନି ପିଣ୍ଡ ପୁରୁଷ ମଣ୍ଡଳର ଅବଧୂତ ଗୃହକୁ ପଠାଇଦିଅନ୍ତି । ଏହି ଧ୍ୱନି ସେହି ମଣ୍ଡଳର ଅବଧୂତ

ଗୁରୁଙ୍କ ନିକଟରେ ପହଞ୍ଚେ । ତାହା ଗୁରୁ ଗ୍ରହଣ କରି ପରଂବ୍ରହ୍ମଙ୍କ ନିକଟକୁ ପଠାଇଦିଅନ୍ତି । ସୂକ୍ଷ୍ମସୂତ୍ରରେ ପରମାତ୍ମାଙ୍କ ପାଖରୁ ଜ୍ୟୋତିଃରଶ୍ମି ଅବଧୂତଗୁରୁଙ୍କ ନିକଟକୁ ପ୍ରେରିତ ହୋଇଥାଏ । ଗୁରୁ ମଧ୍ୟ ସେହି ଜ୍ୟୋତିଃ ରଶ୍ମିକୁ ଧବଳ ବର୍ଣ୍ଣର ବିନ୍ଦୁଜ୍ୟୋତିଃରେ ପରିଣତ କରି ମର୍ତ୍ତ୍ୟଧାମରେ ଅପେକ୍ଷାରତ ଶିଷ୍ୟଙ୍କ ଆଜ୍ଞାଚକ୍ରକୁ ପଠାଇ ଅବଗତ କରାଇ ଥାଆନ୍ତି ।

ଯେଉଁମାନେ ଉଲଗ୍ନ ରହି ବାହ୍ୟ ଜ୍ଞାନଶୂନ୍ୟ ହୋଇ ଅହରହ ସମାଧି ଅବସ୍ଥାରେ ନିମଗ୍ନ ଥାଆନ୍ତି, ଏହା କେବଳ ସେମାନଙ୍କ ପକ୍ଷରେ ସମ୍ଭବ ହୋଇଥାଏ । ଯେଉଁ ସର୍ବଭକ୍ଷ ଅବଧୂତଯୋଗୀ ମାଛ, ମାଂସ, ମଦ୍ୟ ଆଦି ପାନାହାର କରି ଦେହଜ୍ଞାନରେ ଦିନରେ ମାତ୍ର ୬(ଛଅ)ଘଣ୍ଟା ସମାଧି ଅବସ୍ଥାରେ ରହି ଅବଶିଷ୍ଟ ୧୮(ଅଠର)ଘଣ୍ଟା ସାଧାରଣ ସ୍ତରରେ ଅତିବାହିତ କରନ୍ତି, ସେହି ଯୋଗୀ ସୌରଜଗତରେ ସୂର୍ଯ୍ୟଙ୍କର ସହସ୍ରାଂଶୁ ତେଜ ଶକ୍ତି ଅନୁଭବରେ ଆଣନ୍ତି । ସେ ସାଧନାର ଉଚ୍ଚ ସ୍ତରକୁ ଯାଇ ପାରନ୍ତି ନାହିଁ । ଏ ସମସ୍ତ ପ୍ରକ୍ରିୟା ପୂର୍ଣ୍ଣିମା ତିଥିରେ ହିଁ ସମ୍ଭବ ହୁଏ ଓ ପୂର୍ଣ୍ଣିମା ତିଥିରେ ଯୋଗୀମାନେ ପୂର୍ଣ୍ଣତା ଅର୍ଜ୍ଜନ କରନ୍ତି । ମୁହୂର୍ତ୍ତ ସାଧନା ଯୋଗ ଛାଡ଼ିଦେଲେ, ଯୋଗୀ ପୁଣି ପ୍ରାଥମିକ ସ୍ତରକୁ ଖସିଯାଇ ପ୍ରାଥମିକ ଅବସ୍ଥାରୁ ଆଗାମୀ ଦିନ ପାଇଁ ସାଧନା ପଥରେ ଅଗ୍ରଣୀ ହେବାକୁ ବାଧ୍ୟ ହୁଏ ।

ଭାନୁ ଅବଧୂତ ସଂପ୍ରଦାୟର ଯୋଗୀ ପ୍ରଭୁଙ୍କ ବିଭୂତି ଭାବି ଦେହଯାକ ପୂର୍ଣ୍ଣିମାଚନ୍ଦ୍ର କଳାରେ ମଳକୁ ବୋଳି ହୋଇ ଥାଆନ୍ତି । ସେମାନଙ୍କର ତିଳେ ହେଲେ ଘୃଣାବିକାର ନଥାଏ । କର୍ମଯୋଗ ଅଭ୍ୟାସ କରି ସୂର୍ଯ୍ୟଙ୍କୁ ସୂତ୍ରୀକା ଦୃଷ୍ଟିରେ ନିରୀକ୍ଷଣ କରି ଶ୍ୱାସ ଦ୍ୱାରା ନିୟନ୍ତ୍ରଣ ଅବସ୍ଥା ପ୍ରାପ୍ତହୋଇ ଘ୍ରାଣଶକ୍ତିର କୁ (ମନ୍ଦବାସନା-କୁବାସନା-ଦୁର୍ଗନ୍ଧ) ଘ୍ରାଣ ଗ୍ରହଣକୁ ଲୋପ କରିଥାଏ । ସୁଘ୍ରାଣର ସ୍ୱାଦ ସଞ୍ଚୟ କରି ରଖିଥାଏ । ଅବଧୂତ ସବୁରି ମଧ୍ୟରେ ବ୍ରହ୍ମଙ୍କୁ ଲୟରଖି ଚାଲିଥାଆନ୍ତି । ପୂର୍ଣ୍ଣିମାଦିନ ଅବଧୂତ ଧ୍ୟାନଯୋଗରେ ବସି ଆସନ ଭୂମିର ଦ୍ୱାଦଶ ଅଙ୍ଗୁଳ ଉଚ୍ଚତାକୁ ଭୂମିଛାଡ଼ି ଉଠିଯାଆନ୍ତି । ଏହା ଅବଧୂତଙ୍କର ଏକ ଅଦ୍ଭୁତ ଆଧ୍ୟାତ୍ମିକ କାର୍ଯ୍ୟ । ସେହି ଅବସ୍ଥାରେ ତା'ର ଚାରିପାର୍ଶ୍ୱରେ ମସ୍ତକଠାରୁ ଆସନ ପର୍ଯ୍ୟନ୍ତ ନୀଳବର୍ଣ୍ଣର ବୃତ୍ତାକାର ଜ୍ୟୋତିଃରଶ୍ମି ଦୃଶ୍ୟମାନ ହୁଏ । ଏହି ସମୟରେ କୌଣସି ସାଧାରଣ ବ୍ୟକ୍ତି ଉପସ୍ଥିତ ହେଲେ ସେ ପଞ୍ଚଭୂତରେ ମିଶିଯାଇ ପିଣ୍ଡକୁ ଅଦୃଶ୍ୟ କରିଦିଅନ୍ତି । ପୁଣି ଆବଶ୍ୟକ ମତେ ପିଣ୍ଡ ଦର୍ଶାଇଥାଆନ୍ତି । ତାଙ୍କର ଯେଉଁ ବ୍ୟକ୍ତି ପ୍ରତି ସ୍ନେହଦୟାଭାବ ଆସେ, ତାଙ୍କୁ ହିଁ କେବଳ ଦର୍ଶନ ଦିଅନ୍ତି । ଏହି ସବୁ କ୍ରିୟାକଳାପ କେବଳ ପୂର୍ଣ୍ଣିମାଦିନ ହିଁ ଘଟିଥାଏ । ପୂର୍ଣ୍ଣିମା ତିଥିରେ ପୂର୍ଣ୍ଣଚନ୍ଦ୍ରଙ୍କଠାରୁ ସ୍ୱାତୀ କାଞ୍ଚନରେଖା ପ୍ରତ୍ୟେକ ସାଧୁଙ୍କ ଠାରେ ଚାନ୍ଦ୍ରାୟଣ ସୂତ୍ରୀ ଦ୍ୱାରା ପ୍ରତିବିମ୍ବିତ ହୁଏ । ଏହାଦ୍ୱାରା ଚିତ୍ତ ଶୁଦ୍ଧ ଅବସ୍ଥାକୁ ପେରିଆସେ ।

ପିଣ୍ଡପୁରୁଷ ମଣ୍ଡଳର 'କୃତ୍ତିକାଗୃହ'ରେ ଆତ୍ମାଧାରୀ ବ୍ୟକ୍ତିକୁ ଗୋଟିଏ ମାତ୍ର ଗୁଆ ସହିତ ପୂର୍ଣ୍ଣଚନ୍ଦ୍ର ବ୍ରତ ପାଳନ ମନ୍ତ୍ର ଦିଆଯାଏ । ଏହାରି ଦ୍ୱାରା ସେ କୃତାଞ୍ଜଳି ଅର୍ଘ୍ୟ ନିବେଦନ କରିବା ପାଇଁ କୁହାଯାଏ । ଏହାଦ୍ୱାରା ଗୁରୁଙ୍କ ପ୍ରତି ନିଷ୍ଠା ଓ ଭକ୍ତିଭାବ ବଢ଼େ । ଦ୍ୱାପର ଯୁଗରେ ଶିଷ୍ୟମାନେ ଏହା ପାଇଁ ଗୁରୁଙ୍କର ପାଦଚିହ୍ନ ବା ପାଦୁକା ନେଉଥିଲେ । ଏହି ଶ୍ରେଣୀର ଆତ୍ମାର ବାଲ୍ୟ ଅବସ୍ଥାରୁ ଭାବ ସମାଧି ହୁଏ । ଚିନ୍ତନ ଶକ୍ତିଦ୍ୱାରା ବିଭୂତି ଦେଖାଯାଏ । ଏହିସବୁ ବିଭୂତି ସମୟ ସମୟରେ ଛପି ଯାଆନ୍ତି । ଜୀବଗଣପ୍ରତି ଏମାନଙ୍କର ଦୟାଭାବ ରହିଥାଏ । ଗୁରୁ ଏପରି ଶିଷ୍ୟଙ୍କର ଦ୍ୱାରସ୍ଥ ହୁଅନ୍ତି । ସେମାନଙ୍କୁ ନିଜ ଆଶ୍ରମକୁ ଡାକି ନିଅନ୍ତି । ଆଶ୍ରମର ପଦ୍ଧତି ଅନୁସାରେ ଏହି ପୂର୍ଣ୍ଣିମାଦିନ ବ୍ରହ୍ମଜ୍ଞାନ ବିଦ୍ୟାଦାନ ଆରମ୍ଭ ହୁଏ । ଏମାନଙ୍କର ବିଦ୍ୟାରମ୍ଭ ପୂର୍ଣ୍ଣିମାତିଥିରେ ହେବା ଦ୍ୱାରା ଏମାନେ ୨୧ ବ୍ରହ୍ମବିଦ୍ୟା ଜ୍ଞାନରେ ପାରଙ୍ଗମ ହୋଇ ବାହାରନ୍ତି । ପୁଣି ଚନ୍ଦ୍ରଙ୍କର ପୂର୍ଣ୍ଣକଳା ଆସିଲେ, ଗୁରୁ ଶିଶୁପୁତ୍ରକୁ 'ବ୍ରହ୍ମାଣ୍ଡ ତତ୍ତ୍ୱସୂତ୍ରୀ' ଜ୍ଞାନ ପ୍ରଦାନ କରନ୍ତି । ସୂକ୍ଷ୍ମ ଅର୍ଘ୍ୟ ପ୍ରଦାନ କରନ୍ତି । ଶିଶୁ ତାହାକୁ ପିଣ୍ଡଧାରଣ କରି ରହିଥିବା ପର୍ଯ୍ୟନ୍ତ ଚୈତନ୍ୟରେ ସାଇତି ରଖିଥାଏ । ଏହି ଶ୍ରେଣୀୟ ଶିଶୁଶିଷ୍ୟକୁ ପ୍ରବାଳ ସହ ଗୁଆ ଅର୍ଘ୍ୟଫଳ ନିର୍ବାଚନ କରିଦିଆଯାଏ, ଶିଶୁ ତାହା ଯତ୍ନରେ ସାଇତି ରଖିଥାଏ ଓ ପୂର୍ଣ୍ଣିମାଦିନ ପ୍ରଭାତ ସମୟରେ ଅଙ୍ଗରେ ଧାରଣ କରିଥାଏ । ସେହି ପୂର୍ଣ୍ଣଦିବସରେ

ଗୁରୁ ଶିଶୁଶିଷ୍ୟକୁ ସୂର୍ଯ୍ୟ ନେତ୍ରାର୍ଘ୍ୟର ସୂତ୍ର ବତାଇ ଦିଅନ୍ତି । ତପ୍ରରେ ଶିଷ୍ୟ ଗୁରୁଙ୍କର ଆଜ୍ଞାଆଦେଶ ଶିରୋଧାର୍ଯ୍ୟ କରି ଗୁରୁଙ୍କଠାରୁ ବିଦାୟ ଘେନି ଆଶ୍ରମ ପରିତ୍ୟାଗ କରେ । ଆଶ୍ରମ ତ୍ୟାଗ କଲାପରେ ଶିଶୁ ଶିଷ୍ୟ ପୂର୍ଣ୍ଣବୈରାଗ୍ୟ ବ୍ରତ ଗ୍ରହଣ କରି ତପଶ୍ଚରଣରେ ରତ ହୁଅନ୍ତି । ଏପରି ଶିଶୁଶିଷ୍ୟ ଏବେ ସୁଦ୍ଧା ସୂକ୍ଷ୍ମ ଶରୀର ଧାରଣ କରି ବିଦ୍ୟମାନ ଅଛନ୍ତି । ଏମାନେ ଗୁରୁଅର୍ଘ୍ୟକୁ ଅବମାନନା କରନ୍ତି ନାହିଁ । ମାନସରେ ନଆସିଲେ ପୁରଶ୍ଚରଣ ସୂକ୍ଷ୍ମସୂତ୍ରରେ ଗୁରୁଙ୍କଠାରୁ ମାଗି ନେଇ ତାହା ଯେତେ କଷ୍ଟକର ହେଲେ ମଧ୍ୟ ପାଳନ କରି ଚାଲନ୍ତି । ସେମାନେ ଦଣ୍ଡିତ ହେବା ପାଇଁ ଭଲ ପାଆନ୍ତି ଓ ଦଣ୍ଡବିଧାନକୁ ସମ୍ମାନ ପ୍ରଦର୍ଶନ କରନ୍ତି । ସେମାନେ ଦଣ୍ଡକୁ ସଂସ୍କାର ବୋଲି ଜ୍ଞାନ କରନ୍ତି । ଏହି ପୂର୍ଣ୍ଣଦିବସରେ ପୂର୍ଣ୍ଣଦଣ୍ଡ ବିଧାନ କରିବା ପାଇଁ ଗୁରୁଙ୍କଠାରେ ଅଳି କରନ୍ତି । ଗୁରୁ ମଧ୍ୟ ସନ୍ତୋଷ ପ୍ରକାଶ କରି ଆନନ୍ଦର ସହିତ ତାହାର ବିଧାନ ବତାଇ ଦିଅନ୍ତି । ଆଗ୍ରହ ଥିବା ହେତୁ ବିଧାନ ନିଷ୍ଠାୟ ପାଳନ କରିବ ବୋଲି ଗୁରୁ ଜାଣିଥାଆନ୍ତି । ଚାନ୍ଦ୍ରାୟଣୀ ପୁରଶ୍ଚରଣବ୍ରତ ପୂର୍ଣ୍ଣକଳାରେ କରିବା ପାଇଁ ଆଦେଶ ଦିଅନ୍ତି । କଠୋର ବ୍ରତ ହେଉ ପଛକେ ଶିଷ୍ୟ ମଧ୍ୟ ପାଳନ କରିବାକୁ ପଛାନ୍ତି ନାହିଁ । ଏହି ବ୍ରତ ୧ ବର୍ଷ ୬ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ପାଳନ କାଳରେ ଶିଷ୍ୟଗୁରୁଙ୍କ ସମ୍ମୁଖୀନ ହୁଅନ୍ତି ନାହିଁ । ପୂର୍ଣ୍ଣକାଳକୁ ଗୁରୁତ୍ୱ ଦେଇ ବ୍ରତପାଳନ ପାଇଁ ଆଗୁଆ ହୁଅନ୍ତି । ନିଷ୍ଠାର ସହିତ ଆଜ୍ଞା ପାଳନ କରି ଦେହଚାରଣରେ ରହନ୍ତି ।

❋❋❋

କରମ କରୁ ଧରମ କରୁ
ପରମ କଥା ତୁଣ୍ଡେ ନଧରୁ ।
ମୋହରେ ପଡ଼ି କୋହରେ ସଢ଼ି
ଲୁହ ନଦୀ ନିତି ଦିନ ପହଁରୁ ।।

ମୁହଁରେ କହୁଛୁ ତତ୍ତ୍ୱ ବଚନ,
ଆତ୍ମା ଚିହ୍ନି ନାହିଁ ସ୍ଥୂଳ ନୟନ ।
ଧ୍ୟାନ ଚକ୍ଷୁ ତୋର ଖୋଲିଲା ନାହିଁ,
ନିଜକୁ କେଉଁଠି ରଖିଛୁ ନେଇ ??

ତିଥି କରି ଯଥାକାଳେ ଦିଅ କୃତାଞ୍ଜଳି,
କରମ ବିପାକ ସାଇଁ ହେଳେ ଦେବେ ଜାଳି
ଗୁରୁକୃପା ଶୁଭ ଦୃଷ୍ଟି ଯିବରେ ବରଷି,
ଛୁଆଁଇ ନିଅ ଫଳକୁ ଶ୍ରୀପାଦ ପରଶି ।।

ଗୁରୁଦ୍ୱାର କର୍ମ ଧର୍ମଟି ଏକା,
ସ୍ୱୟଂ ଗୁରୁ ତୋର ବାନ୍ଧବ ସଖା ।
ଅକୁଣ୍ଠିତେ ଗୁରୁଦ୍ୱାରେ କରମ,
କର ନିରଳସେ ସାଧି ଧରମ ।।

## 'ଚରମ'ର ପୂର୍ବ ସଂଖ୍ୟାରେ ପତ୍ରସ୍ଥ ଅଚ୍ୟୁତଙ୍କ ରଚିତ 'ପରମ ଜ୍ଞାନ ଗୀତା'ର ଉଦ୍ଧୃତାଂଶର ଭାବାର୍ଥ:

ମହାପୁରୁଷ ଅଚ୍ୟୁତଙ୍କର 'ପରମ ଗ୍ୟାନ ଗୀତା' ସାଧନା ମାର୍ଗର ପଦ୍ଧତି ପ୍ରଦର୍ଶନରେ ଅନନ୍ୟ । ସାଧକମାନଙ୍କ ପାଇଁ ଉପାଦେୟ ଅନୁସରଣୀୟ ଓ ଅବଶ୍ୟ କରଣୀୟ । ଧାରା ଗ୍ରହଣ କରିଥିବା ଭାଇଭଉଣୀ ମାନଙ୍କର ଏହା ନିତାନ୍ତ ଜ୍ଞାତବ୍ୟ । ତେଣୁ ସେମାନଙ୍କର ଅବଗତି ଓ ଅବବୋଧ ନିମନ୍ତେ ତାହା 'ଚରମ' ପୃଷ୍ଠାରେ ପତ୍ରସ୍ଥ କରଯାଉଛି । ଅଭ୍ୟାସ କର୍ମଧାରାର ଧ୍ୟାନ ଜପ କାଳରେ ଏହା ସ୍ମରଣରେ ରଖି କାର୍ଯ୍ୟକାରୀ କରି ପାରିଲେ, ସୁଫଳ ଅବଶ୍ୟ ମିଳିବ ।

ଶାରୀରିକ ସୁସ୍ଥତା ଯୋଗଧ୍ୟାନ ପାଇଁ ଏକାନ୍ତ ଆବଶ୍ୟକ । ସ୍ଥୂଳ ସଂସାରରେ ରହି ସୁସ୍ଥ ଦେହ ବିନା ଧର୍ମ ସାଧନ ସହଜ ନୁହେଁ । ତେଣୁ କୁହାଯାଏ, **'ଶରୀରମାଦ୍ୟଂ ଖଳୁ ଧର୍ମ ସାଧନଂ ।'** ଜଗନ୍ନାଥ ଦାସ ମଧ୍ୟ ଭାଗବତରେ ଗାଇ ଯାଇଛନ୍ତି, **''ଏ ଦେହଥିଲେ ସର୍ବପାଇ । ଜଳେ ଯେସନ ଚନ୍ଦ୍ର ଛାଇ ।।''** ପରଂବ୍ରହ୍ମଙ୍କ ଆଜ୍ଞାରେ ଜୀବାତ୍ମା ମାତୃଗର୍ଭରେ ସ୍ଥାନ ପାଇ ଅଂଶୀୟ ବ୍ରହ୍ମହୋଇ ଜୀବ ପିଣ୍ଡ ଭିତରେ ରହି ଧରାଧାମରେ ଭୂମିଷ୍ଠ ହୁଅନ୍ତି । ଜଗତରେ ଖେଳାଲୀଳା ସାରି ମାଟିଘଟ ମାଟିରେ ମିଶିଯାଏ । ଏଠାରେ ଜୀବପିଣ୍ଡକୁ ଘଟ ବୋଲି କୁହାଯାଇଛି । ବ୍ରହ୍ମ ଏହି ସ୍ଥୂଳ ଜଗତରେ ପ୍ରତ୍ୟେକ ମନୁଷ୍ୟ, ଜୀବଜନ୍ତୁ, ପଶୁପକ୍ଷୀ, ସରୀସୃପ, କୀଟ ପତଙ୍ଗ ଠାରୁ ଆରମ୍ଭ କରି ବୃକ୍ଷଲତା, ଫଳଫୁଲ, ଏପରିକି ପ୍ରତିଟି ଧୂଳିକଣାରେ ସୁଦ୍ଧା ବିରାଜମାନ କରିଅଛନ୍ତି । ଅଚେତନ ଅବସ୍ଥା ତଥା ମାୟା ମୋହର ଭ୍ରମ ହେତୁ ଜୀବ ସେହି ବ୍ରହ୍ମଙ୍କର ସନ୍ଧାନ ନପାଇ ପ୍ରତିମା (ମୂର୍ତ୍ତି,ପିତୁଳା) ପୂଜା ପାଇଁ ପାଗଳପ୍ରାୟ ହେଉଅଛନ୍ତି । ଅବଶ୍ୟ ଧାର୍ମିକ ଉନ୍ମେଷର ପ୍ରାଥମିକ ଅବସ୍ଥାରେ ପିତୁଳା ପୂଜା ନିଷ୍ଠା ଓ ଭକ୍ତିର ସହିତ କରି ସମସ୍ତେ ଆତ୍ମଜ୍ଞାନ ବା ଆତ୍ମଦର୍ଶନର ପଥ ଉନ୍ମୁକ୍ତ କରିବା ବିଧେୟ ଓ ସ୍ୱାଭାବିକ ।

ଜୀବ ଗୁରୁଗ୍ରହଣ କରି ଯୋଗ ସାଧନ ମାର୍ଗରେ ଗତି କରିବା ପାଇଁ ନିଶ୍ଚଳ ଆସନ ଓ ମୁଦ୍ରାରେ ବସି ମେରୁଦଣ୍ଡକୁ ସଳଖ (ସିଧା) ରଖି ବ୍ରହ୍ମରନ୍ଧ୍ରରେ ଦୃଷ୍ଟି ନିବଦ୍ଧ କରି ଧ୍ୟାନ ଓ ଜପ (ମନ୍ତ୍ର ମନନ) ରତ ହେବା ଉଚିତ । ମେରୁ ଦଣ୍ଡ ସଳଖ ରଖିଲେ କୁଣ୍ଡଳିନୀ ଜାଗ୍ରତ ହୁଏ ଓ ବ୍ରହ୍ମରନ୍ଧ୍ରରେ ଲୟ ରହେ । ଏହା ପୂର୍ବରୁ ଜୀବ ଭ୍ରମରେ ପଡ଼ିଥାଏ । ମନ, ଚେତା ଓ ଚୈତନ୍ୟ ଏକ ସରଳରେଖାରେ ରହିଲେ, ଏକାଗ୍ରତା ସାଧନ ହୋଇ ଜୀବ ଏକମୁଖୀ ହୋଇଥାଏ । ଏହି ପଦ୍ଧତିରେ ଧ୍ୟାନ ଜପ ଚଳାଇ ଚାଲିଲେ ମନ ନାସାଗ୍ରରେ ସ୍ଥିର ନିଶ୍ଚଳ ଓ ଏକାଗ୍ର ହୋଇଗଲେ, ସାଧକ ନାସାଗ୍ରରେ ଧବଳ ଜ୍ୟୋତିଃ ଦର୍ଶନ କରେ । ଏହି ଅବସ୍ଥା ପରିପକ୍ୱ ହେଲେ, ତ୍ରିକୂଟ (ଆଜ୍ଞାଚକ୍ର)ରେ ଲାଲବର୍ଣ୍ଣର ଜ୍ୟୋତିଃ ଦର୍ଶନ ହୁଏ ।

ଆତ୍ମାକୁ ହଂସ ବୁଝାଯାଏ । ହଂସସୂତ୍ରୀୟ ଚାନ୍ଦ୍ରାୟଣ ବାୟୁ ଦ୍ୱାରା ନାସା ପୁଟରେ ସୂକ୍ଷ୍ମରେ ପ୍ରାଣ ସଂଯମ କଲେ, ମତି ସ୍ଥିର ହୋଇଯାଏ । ଫଳରେ ମତିରେ ଥିବା ତନ୍ତ୍ରୀଚର୍ଣ୍ଣୀୟ ସ୍ୱର ଏକତ୍ର ହୋଇ ଚାରିବର୍ଣ୍ଣ ଯଥା – ଧବଳ, ହରିଦ୍ରା, ନୀଳ ଓ ଲାଲ – ଧାରଣ କରେ । ଏହି ଅବସ୍ଥାରେ ଆତ୍ମା ପଦ୍ମ ଅର୍ଥାତ୍ ଲଲାଟ ଚକ୍ର ଉପରେ ମାଧୁରୀ ବୋଇଲେ ଧବଳ ଜ୍ୟୋତିଃ ଶିଖା ସହିତ ଖେଳ ଖେଳୁଥାଏ ।

ସଙ୍କୋଚେ ମୂଳକମଳ (ଅର୍ଥାତ୍ ମୂଳାଧାର ଚକ୍ର ବା ଗୁହ୍ୟ ଦେଶ)କୁ ଚାପ ଦେଇ ଆସନ କରି ବସିବା ସାଧିଲେ ଓ ବ୍ରହ୍ମରନ୍ଧ୍ରରେ ଲୟସ୍ଥିର କରି ଧ୍ୟାନ ଜପ ଅଭ୍ୟାସ କଲେ, ବଜ୍ର ବ୍ରହ୍ମଧାର ସ୍ୱର ସୃଷ୍ଟି ହୁଏ । ଏହା ହେଲେ, ଦେହ ଓ ମନ ସ୍ଥିର ହୋଇଯାଏ । ସେହି ବ୍ରହ୍ମରନ୍ଧ୍ରର ଦ୍ୱାର ସୂଚ୍ୟାଗ୍ରତୁଲ୍ୟ ସୂକ୍ଷ୍ମାତିସୂକ୍ଷ୍ମ । ସେହି ଦ୍ୱାର ଦେଇ ମନ ଚଳାଇ ନେଲେ ଗୋଲୋକ ମଣ୍ଡଳକୁ ଜୀବାତ୍ମା ଗତିକରେ । ମନ ନିଶ୍ଚଳ ହୋଇ ବ୍ରହ୍ମରନ୍ଧ୍ରରେ ଲାଗି ରହିଯାଏ ।

ଧିରେ ଧିରେ ସାଧନ ପ୍ରକ୍ରିୟାରେ ଅଭ୍ୟସ୍ତ, ଅନୁରକ୍ତ ଓ ଲିପ୍ତ ହୋଇଯିବା ପରେ ପରିପକ୍ୱ ଅବସ୍ଥାରେ ସାଧକର ମନ ଓ ଆତ୍ମା ବ୍ରହ୍ମରନ୍ଧ୍ର ଭେଦ କରି ଗୋଲୋକ ମଣ୍ଡଳରେ ଯାଇ ପ୍ରବେଶ କରେ । ସେଠାରେ ଅପୂର୍ବ ରହସ୍ୟପୂର୍ଣ୍ଣ ଅଭୂତପୂର୍ବ ଦୃଶ୍ୟ ଦୃଶ୍ୟମାନ ହୁଏ । ସେଠାରେ ଜୀବାତ୍ମା ପରମାତ୍ମା/ଜୀବବ୍ରହ୍ମ ନିତ୍ୟରାଧା ନିତ୍ୟକୃଷ୍ଣ ସ୍ୱରୂପରେ ନିତ୍ୟରାସ ରୂପକ ପୂର୍ଣ୍ଣାନନ୍ଦରେ ମଜ୍ଜି ରହିଅଛନ୍ତି । ଏହି ରହସ୍ୟ ପ୍ରାପ୍ତ ହେଲେ ଜୀବବ୍ରହ୍ମ ଓ ପରଂବ୍ରହ୍ମ ଏକାକାର ହୋଇ ଘଟଛାଡ଼ି ଦେହ ରକ୍ଷା କରନ୍ତି ।

ଜ୍ଞାନାଭାବରୁ ମୋହରେ ଅନ୍ଧହୋଇ ଜୀବମାନେ ପଥହୁଡ଼ି ଯାଉଛନ୍ତି । ପ୍ରତ୍ୟେକ ଜୀବପିଣ୍ଡରେ ଠାକୁରେ ସୂକ୍ଷ୍ମରେ ସ୍ୱଷ୍ଟ ରୂପରେ ବିରାଜମାନ କରିଥିଲେ ମଧ୍ୟ ସେମାନେ ପ୍ରକୃଷ୍ଟ ଉପାୟରେ ଧ୍ୟାନ ଜପ କରି ନପାରି ତାଙ୍କୁ ଦର୍ଶନ ଲାଭରୁ ବଞ୍ଚିତ ହେଉଅଛନ୍ତି । ବ୍ରହ୍ମରନ୍ଧ୍ରର ଦ୍ୱାର ଚୁଡ଼ିଆଣି ସୂତାଖିଅଠାରୁ ମଧ୍ୟ ଅଧିକ ସୂକ୍ଷ୍ମତର, କିନ୍ତୁ ସେହି ସୂକ୍ଷ୍ମାତିସୂକ୍ଷ୍ମ ପଥଦେଇ ଆତ୍ମା ଆନନ୍ଦରେ ପ୍ରବେଶ କରିଯାଇ ପାରେ । ଶୂନ୍ୟ(ଅବ୍ୟକ୍ତ) ପୁରୁଷ ଠାକୁରଙ୍କୁ ନିଜ ପିଣ୍ଡରେ ଦର୍ଶନ କରିନପାରିଲେ, ଏ ମନୁଷ୍ୟ ଜୀବନ ବୃଥା ଓ ନିଷ୍ଫଳ ।

ସ୍ଥୂଳ ଚକ୍ଷୁର ସ୍ଥୂଳ ଦର୍ଶନକୁ ଧ୍ୟାନ ଚକ୍ଷୁରେ ଭିନ୍ନ ବା ପୃଥକ୍ କରିଦେଲେ, ନିଜ ପିଣ୍ଡରେ ଜୀବ ପରମାତ୍ମା ଚରମପୁରୁଷ ଠାକୁରଙ୍କୁ ଦର୍ଶନ କରିପାରେ । ଏହି ଦର୍ଶନ ଲାଭ ପରେ ତାହା ସର୍ବଦା ଲୟରେ ସ୍ଥିର ରଖିବାକୁ ହୁଏ ଓ ଅଣାକାର ମନ୍ତ୍ର ଅର୍ଥାତ୍ ଅକ୍ଷର ବ୍ରହ୍ମ 'ଓଁ'କାରକୁ ହୃଦୟରେ ଶ୍ୱାସ ପ୍ରଶ୍ୱାସର ତାଳେ ତାଳେ ଅବିରତ ଜପ କରିବା ଏକାନ୍ତ କର୍ତ୍ତବ୍ୟ ।

❀❀❀

## ନିବେଦନ

ଅବୋଧ୍ୟ, ଅସମାହିତ, ନିଗୂଢ଼ ବ୍ରହ୍ମଜ୍ଞାନ, ପିଣ୍ଡଜ୍ଞାନ ତତ୍ତ୍ୱରେ ଋଦ୍ଧିମନ୍ତ ହେଉଥିବା ଏହି 'ଚରମ'କୁ କେହି ଶ୍ରଦ୍ଧାରେ ଗ୍ରହଣ କରୁନାହାନ୍ତି । ତାହାର କାରଣ ହେଉଛି, ବର୍ତ୍ତମାନ ପର୍ଯ୍ୟନ୍ତ ଧରାଧାମକୁ ଆସିନଥିବା ଅତ୍ୟନ୍ତ ଗୋପନୀୟ ରହସ୍ୟ ଲେଖାଯାଉଥିବାରୁ ଦେବ ମଣ୍ଡଳ ଅନ୍ତର୍ଭୁକ୍ତ ନୂତନ ଶବ୍ଦର ଅର୍ଥ ପ୍ରଚଳିତ ସାହିତ୍ୟ ଓ ଅଭିଧାନରେ ମିଳୁନାହିଁ । ତେଣୁ ବୁଝି ହେଉନାହିଁ ଭାବରେ କେହି ଶ୍ରଦ୍ଧା କରୁନାହାନ୍ତି । କିନ୍ତୁ ସମୟ ଆସୁଛି, ଯେତେବେଳେ ଏକଲକ୍ଷ ଟଙ୍କା ଦେଲେ ମଧ୍ୟ ଖଣ୍ଡିଏ 'ଚରମ' ମିଳିବ ନାହିଁ । ସେହି ସମ୍ପର୍କରେ 'ଚରମ'ର ସ୍ରଷ୍ଟା ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀ ବହୁ ପୂର୍ବରୁ ବାଣୀ ଦେଇଛନ୍ତି : **'ବୁଝୁ ନ ବୁଝୁ ପଢ଼ ଚରମ । ଧୀରେ ଧୀରେ ଭେଦିଯିବ ମରମ ।।''**

ଏଣୁ ଆମର ବିନମ୍ର ନିବେଦନ 'ଚରମ'ର ପ୍ରତ୍ୟେକ ପୁସ୍ତକୁ (ସଂଖ୍ୟା) ସଂଗ୍ରହ କରି ନିଜେ 'ଚରମ' ଜ୍ଞାନରେ ଦିବ୍ୟାନୁଭବ କରିବା ସଂଗେ ସଂଗେ ଅନ୍ୟକୁ ମଧ୍ୟ ଦିଗ୍‌ଦର୍ଶନ ଦିଅନ୍ତୁ । ତା'ହେଲେ ଅମୃତରୁ ସୃଷ୍ଟି ସମାଜରେ 'ବସୁଧୈବ କୁଟୁମ୍ବକମ୍' ପ୍ରତିଷ୍ଠିତ ହୋଇ ସୁନାର ସମାଜ ନିଶ୍ଚୟ ହେବ । ଏହା ସତ୍ୟ, ଚିରନ୍ତନ ଅଟେ ।

**"ଚରମ ପ୍ରକାଶନ ସଂଘ"**

# ପୁରାଣପୃଷ୍ଠାରୁ ଗଳ୍ପାଂଶର ସରଳ ତାତ୍ତ୍ୱିକ ବ୍ୟାଖ୍ୟା

**(ଏହି ସଂଖ୍ୟା 'ଶ୍ରୀମନ୍ଦିର'ରେ ପତ୍ରସ୍ଥ ଗଳ୍ପାଂଶ)**

## ଶିବ ପୁରାଣରୁ ଉଦ୍ଧୃତ........... ସତ୍ୟବତୀ କନ୍ୟାର ଚରିତ

ନରଶରୀରରେ ସାଧନ କ୍ରିୟାଦ୍ୱାରା ଅଚେତନ ଅବସ୍ଥାରେ ଥିବା ବୁଦ୍ଧି ଚୈତନ୍ୟ ଅବସ୍ଥାରେ ପହଞ୍ଚିଲେ ଶରୀରରେ ଥିବା 'ବୃତିହ' ସ୍ନାୟୁ ସୁପ୍ତ ଭାବ ପରିହାର କରି ଜାଗ୍ରତ ହୋଇଯାଏ । ସ୍ଥୂଳ ମତରେ ଏହି ବୃତିହ ସ୍ନାୟୁ ଓ ସେହି ସ୍ନାୟୁ ଦ୍ୱାରା ଆଚ୍ଛାଦିତ ସମସ୍ତ ଜୀବକୋଷକୁ ଋଷିଗଣ ବୋଲି କୁହାଯାଏ । ବୁଦ୍ଧି କ୍ରମାଗତ ଭାବରେ ଦୀର୍ଘଦିନ ଧରି ଚୈତନ୍ୟ ଅବସ୍ଥାରେ ରହିଲେ ଜୀବର ଚିତ୍ତ ଶୁଦ୍ଧତା ପ୍ରାପ୍ତ ହୋଇ କେବଳ ସାତ୍ତ୍ୱିକ ଭାବରେ ପରିପୁଷ୍ଟ ହୁଏ ଓ ଜାଗ୍ରତ ହୋଇଯାଏ । ଚିତ୍ତର ଉକ୍ତ ଜାଗ୍ରତ ଅବସ୍ଥାକୁ ସ୍ଥୂଳରେ ସନତକୁମାର କହନ୍ତି । ଚୈତନ୍ୟମୟ ସ୍ନାୟୁ ଓ ଜୀବକୋଷ, ସତ୍ତ୍ୱଗୁଣ ଆଧାରିତ ଜାଗ୍ରତ ଚିତ୍ତ ସଂସ୍ପର୍ଶରେ ଆସିଲେ ବ୍ରହ୍ମଆଜ୍ଞା/ଆଦେଶ ପ୍ରାପ୍ତ ପାଇଁ ଉପଯୁକ୍ତ ହୋଇ ତାହାକୁ ଅନୁଭବ ଏବଂ କାର୍ଯ୍ୟକାରୀ କରିବା ପାଇଁ ବ୍ୟାକୁଳ ହୋଇଉଠେ । ଏହି ସମୟରେ ଯେଉଁ ଆଜ୍ଞା/ଆଦେଶ ଆସେ ତାହା ଆଦୌ ଖଣ୍ଡନ ହୁଏ ନାହିଁ । ଜୀବ, ଯେତେ ବାଧା, ବିଘ୍ନ, ପରୀକ୍ଷା ଆସିଲେ ମଧ୍ୟ, ସେହି ଆଜ୍ଞା ଶ୍ରଦ୍ଧା ଓ ଦୃଢ଼ନିଷ୍ଠାର ସହ ପାଳନ କରିଥାଏ । ଉକ୍ତ ଆଜ୍ଞାକୁ ବଜ୍ରଆଜ୍ଞା ନାମରେ ସୂକ୍ଷ୍ମରେ ଯୋଗୀମାନେ ନାମକରଣ କରନ୍ତି । ସ୍ଥୂଳରେ ଏହି ବଜ୍ରଆଜ୍ଞାକୁ ନନ୍ଦୀଶ୍ୱର ବୋଲି କହନ୍ତି ।

ଉଦ୍ଧୃତ ଗଳ୍ପାଂଶରେ ଋଷିମାନେ ସନତ୍‌କୁମାରଙ୍କୁ ନନ୍ଦୀଶ୍ୱରଙ୍କ ଜନ୍ମ ବୃତ୍ତାନ୍ତ ପଚାରି, ନନ୍ଦୀଶ୍ୱର କାହିଁକି ସମସ୍ତଗଣରେ ଶ୍ରେଷ୍ଠ ହେଲେ, ତାହାର କାରଣ ଜିଜ୍ଞାସା କଲେ । ଅର୍ଥାତ୍ ବୃତିହ ସ୍ନାୟୁ କୋଷଗୁଡ଼ିକ (ଋଷିଗଣ) ଚୈତନ୍ୟମୟଚିତ୍ତ (ସନତକୁମାର)କୁ ସ୍ପର୍ଶକରି ବଜ୍ରଆଜ୍ଞା (ନନ୍ଦୀଶ୍ୱର) ଓ ତାହାର ଅଖଣ୍ଡିତ ପାଳନ ଅବସ୍ଥା ସଂପର୍କିତ ପୂର୍ଣ୍ଣଜ୍ଞାନ ପ୍ରାପ୍ତ ହେବାପାଇଁ ପ୍ରୟାସ କଲେ ।

ସୂର୍ଯ୍ୟାୟଣମଣ୍ଡଳକୁ ସୂର୍ଯ୍ୟବଂଶ ଓ ସୂର୍ଯ୍ୟାୟଣମଣ୍ଡଳରୁ ଆସିଥିବା ପ୍ରତିଜ୍ଞାବଦ୍ଧ ସ୍ଥିତିକୁ ପିଣ୍ଡରେ ଯେଉଁ ସ୍ନାୟୁ ଗ୍ରହଣ କରି ଜାଗ୍ରତ ହୋଇଥାଏ, ସେହି ସ୍ନାୟୁ ଶ୍ରେଷ୍ଠ, ଦୃଢ଼, ଅଟଳ, ଅବିଚଳ ରହି ବଜ୍ରଆଜ୍ଞା ପାଳନ ପାଇଁ ସମସ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପାଇଁ ଜୀବକୁ ପ୍ରେରଣା ଓ ସାମର୍ଥ୍ୟ ଯୋଗାଇଥାଏ । ସ୍ଥୂଳରେ ଏହି ସ୍ନାୟୁକୁ ହରିଶ୍ଚନ୍ଦ୍ର ବୋଲି କୁହାଯାଏ । ଏହି ସ୍ନାୟୁ ଥରେ ଦୃଢ଼ ଅଟଳ ଅବସ୍ଥା ପ୍ରାପ୍ତ ହୋଇଗଲେ ତାହାର ପ୍ରଭାବରେ ପିଣ୍ଡର ସମସ୍ତ ପ୍ରକୃତି ଇନ୍ଦ୍ରିୟଗଣ ବଶୀଭୂତ ହୋଇଯାଆନ୍ତି । ଉକ୍ତ ପ୍ରକୃତି ଇନ୍ଦ୍ରିୟାଦିଗଣଙ୍କୁ ସ୍ଥୂଳରେ ପଡ଼ୋଶିରାଜ୍ୟର ରାଜା ବୋଲି କୁହାଯାଏ । ସତ୍ୟ, ଶାନ୍ତି, ଦୟା, କ୍ଷମା-ଏହି ଚାରିଗୁଣ ସୂର୍ଯ୍ୟାୟଣମଣ୍ଡଳସ୍ଥ ପ୍ରତିଜ୍ଞାବଦ୍ଧ ସ୍ଥିତିକୁ ଧାରଣ କରିବାକୁ ସ୍ନାୟୁ ଓ ସ୍ନାୟୁକୋଷର ମୌଳିକ ଉପାଦାନ ଅଟେ । ଉକ୍ତ ସୁଗୁଣର ସାତ୍ତ୍ୱିକ ପ୍ରଭାବରେ ଜୀବ ପିଣ୍ଡ ମଧ୍ୟରେ ଥିବା ସମସ୍ତ କୁ-ଭାବ, ବିଚଳିତ ଅବସ୍ଥା, ଆସକ୍ତି, ଚିରଚାଞ୍ଚଲ୍ୟଭାବକୁ ଅକ୍ଳେଶରେ ପରିହାର କରିବା ପାଇଁ ସମର୍ଥ ହୁଏ । ଏହି ସମସ୍ତ ଇନ୍ଦ୍ରିୟାସକ୍ତ କୁ-ଭାବ ତ୍ୟାଗକୁ ପିଣ୍ଡ ତତ୍ତ୍ୱରେ ଦାନ ବୋଲି କହନ୍ତି । ଏଠାରେ ଆଉ ଗୋଟିଏ ବାସ୍ତବତା ଉପସ୍ଥାପନ କରିବା ଜରୁରୀ ମନେହୁଏ । ସତ୍ତ୍ୱ, ରଜ ଓ ତମ ଏହି ତ୍ରିଗୁଣ ମଧ୍ୟରେ ପ୍ରତ୍ୟେକ ଅବସ୍ଥା ଜଡ଼ିତ ହୋଇଥାଏ । ଯଥା : ସତ୍ତ୍ୱଗୁଣ - ଉକ୍ତ ଗୁଣ ମଧ୍ୟରେ ମଧ୍ୟ କେବଳ ଶୁଦ୍ଧତା ଅଂଶନେଇ ରଜ ଓ ତମର ଅଂଶ ମଧ୍ୟ ରହିଥାଏ । ଅର୍ଥାତ୍ ସତ୍ତ୍ୱରେ ଶୁଦ୍ଧସାତ୍ତ୍ୱିକ ରଜ ଓ ଶୁଦ୍ଧ ସାତ୍ତ୍ୱିକ ତମଗୁଣ ରହିଥାଏ । ସେହିପରି ରଜ ମଧ୍ୟରେ ସତ୍ତ୍ୱ, ତମ ଏବଂ ତମ ମଧ୍ୟରେ ସତ୍ତ୍ୱ, ରଜ ନିବିଡ଼ ଭାବରେ ଯୁକ୍ତ ହୋଇଥାଏ । ପୂର୍ଣ୍ଣ ସତ୍ତ୍ୱଗୁଣୀ ଜୀବ ଯେତେବେଳେ କ୍ଷିପ୍ରଗତିରେ ପୂର୍ଣ୍ଣ ବ୍ରହ୍ମତ୍ୱ ପ୍ରାପ୍ତି ଅବସ୍ଥାକୁ ଗତିକରୁଥାଏ, ସେତେବେଳେ ସତ୍ତ୍ୱଗୁଣ ମଧ୍ୟରେ ରହିଥିବା ତମଗୁଣର ସାତ୍ତ୍ୱିକ ଅବସ୍ଥା ଭୀଷଣ କ୍ରୋଧର ରୂପନିଏ ଏବଂ ତାହାରି ସାହାଯ୍ୟରେ ଜୀବର ଇନ୍ଦ୍ରିୟ ସଂଯମ ଅବସ୍ଥାର ପରୀକ୍ଷାନେଇ ତାହାକୁ ଊର୍ଦ୍ଧ୍ୱଗାମୀ ହେବାର ପଥ

ପରିଷ୍କାର କରିଦିଏ । ଏହି ପରୀକ୍ଷା କାର୍ଯ୍ୟ ଉପରଆଲୋଚିତ ସୂର୍ଯ୍ୟାୟଣ ମଣ୍ଡଳସ୍ଥ ପ୍ରତିଜ୍ଞାବଦ୍ଧ ସ୍ଥିତି ଧାରଣ କରିଥିବା ସ୍ନାୟୁ (ହରିଶ୍ଚନ୍ଦ୍ର) ମାଧ୍ୟମରେ ହୋଇଥାଏ । ସଂପୂର୍ଣ୍ଣ ଶୁଦ୍ଧତା ପ୍ରାପ୍ତ ହୋଇ ବୁଦ୍ଧି ଓ ଚେତା ଜାଗ୍ରତ ହୋଇ ଯାଇଥିବାରୁ ପରୀକ୍ଷାକାଳରେ ଉକ୍ତ ସ୍ନାୟୁକୋଷ ମାଧ୍ୟମରେ ଜୀବ ତାହାର ସମସ୍ତ ଇନ୍ଦ୍ରିୟ ଅନ୍ତର୍ଭୁକ୍ତ କୁ-ଗୁଣକୁ ତ୍ୟାଗ କରିଦିଏ ଅର୍ଥାତ୍ ଦାନ କରିଦିଏ । ସତ୍ତ୍ୱଗୁଣ ଅନ୍ତର୍ଗତ ଉକ୍ତ କ୍ରୋଧକୁ ସ୍ଥୂଳରେ ବିଶ୍ୱାମିତ୍ର ବୋଲି କୁହାଯାଏ । ସତ୍‌ମିଶ୍ରିତ କ୍ରୋଧ (ବିଶ୍ୱାମିତ୍ର) ଜୀବର ପରୀକ୍ଷା (ଇନ୍ଦ୍ରିୟ ସଂଯମତା) ନେବା ସମୟରେ ତା'ର ଏକମୁଖୀଭାବ, ଦୃଢ଼ତା ଓ ସ୍ଥିତପ୍ରଜ୍ଞ ଅବସ୍ଥାରେ ଅତ୍ୟନ୍ତ ପ୍ରୀତ ହୋଇ ଦାନ ସହିତ (ଇନ୍ଦ୍ରିୟଭୋଗ ସହିତ) ଦାର୍ଢ଼୍ୟ ତ୍ୟାଗ, ବାହ୍ୟମାୟା (ସ୍ତ୍ରୀ, ସନ୍ତାନ ଇତ୍ୟାଦି ମୋହଗ୍ରସ୍ତଭାବ)କୁ ଦକ୍ଷିଣା ଆକାରରେ ହରଣ କରନ୍ତି ଏବଂ ଜୀବକୁ ପୂର୍ଣ୍ଣ ବ୍ରହ୍ମତ୍ୱ ପ୍ରାପ୍ତି ଅବସ୍ଥାକୁ ନେଇଯାଆନ୍ତି । ଦେହ ବା ଶରୀରକୁ ରାଜ୍ୟ, ଦେହର/ପିଣ୍ଡର ବିକେନ୍ଦ୍ରିୟ ତଥା ତାହାର ସମସ୍ତ ଆନୁସଙ୍ଗିକ ଜୀବକୋଷକୁ ଦେହର ଭୂଷଣ ବା ରାଜକୋଷ ଭାବରେ ବିଚାର କରାଯାଏ । ବୁଦ୍ଧି ଓ ଚେତା ଜାଗ୍ରତ ଅବସ୍ଥା ପ୍ରାପ୍ତ ହୋଇ ପ୍ରତିଜ୍ଞା ବଦ୍ଧସ୍ଥିତିରେ ପହଞ୍ଚିଗଲେ ଜୀବର ଦେହ (ଶରୀର) ଓ ଦେହର ଭୂଷଣ, ବାହ୍ୟମାୟା ଇତ୍ୟାଦି ପ୍ରତି ଆସକ୍ତିନଥାଏ । ଉକ୍ତ ଅନାସକ୍ତ ଭାବକୁ ଦୃଢ଼ରୁ ଦୃଢ଼ତର ଅବସ୍ଥାକୁ ନେଇଯିବା ଲକ୍ଷ୍ୟରେ ବିଶ୍ୱାମିତ୍ର ପରୀକ୍ଷାସୂତ୍ର ଅବଲମ୍ବନ କରିଥାନ୍ତି । ଗଳ୍ପାଂଶର ଦ୍ୱିତୀୟ ଭାଗ ସେହି ଅବସ୍ଥାକୁ ନେଇ ବର୍ଣ୍ଣିତ ହୋଇ ହରିଶ୍ଚନ୍ଦ୍ର ଓ ବିଶ୍ୱାମିତ୍ର ଉପାଖ୍ୟାନ ଭାବରେ ଚିତ୍ରିତ ହୋଇଅଛି ।

ପିଣ୍ଡ ମଧ୍ୟରେ ଥିବା ଅଧିନି ସ୍ନାୟୁକୁ ଜୟାଦେବୀ ବୋଲି କୁହାଯାଇଛି । ଏହି ସ୍ନାୟୁ ସୂର୍ଯ୍ୟାୟଣ ମଣ୍ଡଳସ୍ଥ ପ୍ରତିଜ୍ଞାବଦ୍ଧ ସ୍ଥିତିରେ ପହଞ୍ଚିଥିବା ଜୀବକୋଷକୁ ଜଡ଼େଇ ରଖିଥିବା ସ୍ନାୟୁ (ହରିଶ୍ଚନ୍ଦ୍ର) ସହିତ ଯୁକ୍ତ ହୋଇଯାଏ । ଉକ୍ତ ଅଧିନି ସ୍ନାୟୁ ପ୍ରକୃତିଙ୍କ ସ୍ୱଚ୍ଛମାୟା ଦ୍ୱାରା ପ୍ରଭାବିତ ହୋଇ ତାଙ୍କରି ନିର୍ଦ୍ଦେଶରେ ପରିଚାଳିତ ହୋଇଥାଏ । ପ୍ରକୃତିଙ୍କର ଏହି ସ୍ୱଚ୍ଛମାୟାକୁ ପାର୍ବତୀ ବୋଲି କୁହାଯାଏ । ଅଧିନିସ୍ନାୟୁ (ଜୟାଦେବୀ) ପ୍ରକୃତିଦେବୀଙ୍କ ସ୍ୱଚ୍ଛମାୟା (ପାର୍ବତୀ)ଙ୍କ ଅଂଶବିଶେଷ ହୋଇଥିବାରୁ ତାହାଙ୍କୁ ପାର୍ବତୀଙ୍କ ସଖୀବୋଲି କହନ୍ତି । ସ୍ୱଚ୍ଛମାୟା ନିର୍ଦ୍ଦେଶରେ ଅଧିନିସ୍ନାୟୁ ଯେତେବେଳେ ପିଣ୍ଡମଧ୍ୟରେ ସୂର୍ଯ୍ୟାୟଣ ସ୍ନାୟୁର ପରୀକ୍ଷା ପାଇଁ ଜାଗ୍ରତ ହୁଅନ୍ତି, ସେହି ଅବସ୍ଥାକୁ ସ୍ଥୂଳରେ ପାର୍ବତୀଙ୍କ ଦ୍ୱାରା ଅଭିଶପ୍ତ ହୋଇ ଜୟାଦେବୀ ହରିଶ୍ଚନ୍ଦ୍ରଙ୍କର ପ୍ରଥମ ପତ୍ନୀ ଭାବରେ ବର୍ଣ୍ଣନା କରାଯାଇଛି । ଏହାହିଁ ଗଳ୍ପର ତୃତୀୟ ଭାଗସ୍ଥ ଭାବାଂଶ ।

ପିଣ୍ଡ ତତ୍ତ୍ୱରେ ଶିବ ହେଉଛନ୍ତି ଜ୍ଞାନ ଓ ବିଜ୍ଞାନ । ପ୍ରକୃତିଙ୍କ ସ୍ୱଚ୍ଛମାୟା (ପାର୍ବତୀଙ୍କ) ସହିତ ଯେତେବେଳେ ଜ୍ଞାନ, ବିଜ୍ଞାନ ମିଳିତ୍ ହୁଅନ୍ତି ସେହି ମିଳନ ଅବସ୍ଥାରେ ସ୍ୱଚ୍ଛମାୟାଙ୍କ ଶୁଦ୍ଧ, ପବିତ୍ର ସୂକ୍ଷ୍ମ ଭାବାଂଶ (ଜୟାଦେବୀ)କୁ ଅଧିନି ସ୍ନାୟୁ ଗ୍ରହଣ କରେ ଏବଂ ସେହି ଅବସ୍ଥା ଭାବର କ୍ରିୟାଶୀଳଶକ୍ତି ସାହାଯ୍ୟରେ ଜୀବମଧ୍ୟରେ ଥିବା ପ୍ରକୃତିକୁ ଉଚିତ ପଥ ପଦର୍ଶନ କରାଇ ସତ୍‌ପଥରେ ଦୃଢ଼ରହିବାର ସଂକଳ୍ପ, ପ୍ରେରଣା ଯୋଗାଇଦିଏ । ପୁନଶ୍ଚ ସ୍ୱଇଚ୍ଛା ବଳରେ ଆବଶ୍ୟକ ହେଲେ ଜୀବକୁ (ଜୀବମଧ୍ୟରେ ଥିବା ସୂର୍ଯ୍ୟାୟଣ ମଣ୍ଡଳସ୍ଥ ପ୍ରତିଜ୍ଞାବଦ୍ଧରେ ସ୍ଥିତ ସ୍ନାୟୁକୁ) ସଂପୂର୍ଣ୍ଣ ଅଚେତନ କରିଦିଏ । ଦ୍ୱିତୀୟରେ ପ୍ରକୃତି (ସ୍ୱଚ୍ଛମାୟା) ଜ୍ଞାନ, ବିଜ୍ଞାନ (ଶିବ) ସହିତ ଏକତ୍ର ହେବା ସମୟରେ ପ୍ରକୃତିଙ୍କ ମାୟାଂଶ ଅଧିନି ସ୍ନାୟୁ 'ରୋମକେ' ସ୍ନାୟୁ ସହିତ ସ୍ୱୟଂଚାଳିତ କ୍ରିୟାରେ ଯୁକ୍ତ ହୋଇଯାଏ । ଉକ୍ତ ରୋମକେ ସ୍ନାୟୁକୁ 'ରୋମକେ ଶର' ବୋଲି କହନ୍ତି । ବ୍ରହ୍ମଚର୍ଯ୍ୟ ଆଚରଣର ସ୍ୱଚ୍ଛ ଅଂଶକୁ ଧାରଣ କରିଥିବା ଜୀବକୋଷକୁ ଏହି ରୋମକେ ସ୍ନାୟୁ ବେଢ଼ି ରହିଥାଏ । ଏହି ଜୀବକୋଷର ନାମ ''ମନ୍ମଥ'' । ଅଧିନିସ୍ନାୟୁ (ଜୟା) 'ରୋମକେ ସ୍ନାୟୁ' (ରୋମକେ ଶର) ସଂସ୍ପର୍ଶରେ ଆସିବା ସମୟରେ ବ୍ରହ୍ମଚର୍ଯ୍ୟ ଆଧାରିତ ଜୀବକୋଷ (ମନ୍ମଥ) ସୁପ୍ତ ହୋଇ ବ୍ରହ୍ମଚର୍ଯ୍ୟର ଦୃଢ଼ତା ନଷ୍ଟ କରିଦିଏ । କିନ୍ତୁ ଜୀବର ପ୍ରତିଜ୍ଞାବଦ୍ଧ ସ୍ନାୟୁକୋଷ (ହରିଶ୍ଚନ୍ଦ୍ର) ଜାଗ୍ରତ ବୁଦ୍ଧି ଓ ଚେତାର ପ୍ରଭାବରେ ପ୍ରଭାବିତ ହୋଇଥିବାରୁ ତାହାରି ସୂକ୍ଷ୍ମ ପ୍ରକ୍ରିୟା ଦ୍ୱାରା ଅଧିନି ସ୍ନାୟୁ ରୋମକେସ୍ନାୟୁର କୁପ୍ରଭାବରୁ ମୁକ୍ତ ହୋଇ ଶୁଦ୍ଧ, ପବିତ୍ର ଭାବକୁ ଗ୍ରହଣ କରେ ଏବଂ ଶେଷରେ ଜ୍ଞାନ, ବିଜ୍ଞାନ (ଶିବ) ସହିତ ଯୁକ୍ତ ହୋଇଯାଏ । ଏହାହିଁ ଗଳ୍ପାଂଶର ଚତୁର୍ଥ ଭାଗର ତତ୍ତ୍ୱଭାବାଂଶ ।

ପିଣ୍ଡର କଣ୍ଠସ୍ଥଳକୁ 'କୈଳାଶ' କୁହାଯାଏ । ଏହିଠାରେ ହିଁ ପ୍ରକୃତିଙ୍କ ସ୍ୱଚ୍ଛମାୟା (ପାର୍ବତୀ), ଜ୍ଞାନ, ବିଜ୍ଞାନ(ଶିବ)ଙ୍କ ସହ ଏକତ୍ର ହୁଅନ୍ତି । ଶରୀରରେ ଥିବା ଆସୁରୀକେନ୍ଦ୍ର ହିଂସା, ପରଶ୍ରୀକାତରତା, ଅହଂକାର, ଗର୍ବ, କ୍ରୋଧ, ଆବିଳତା ଭାବକୁ ଧାରଣ କରିଥାଏ । ଏହି କେନ୍ଦ୍ରକୁ'ମଥୁରା' କୁହାଯାଏ । ଉକ୍ତ କେନ୍ଦ୍ରକୁ ବିବେକର ସୂକ୍ଷ୍ମଶୁଦ୍ଧାଂଶ ନିୟନ୍ତ୍ରଣ କରି ପରିଚାଳିତ କରୁଥାଏ । ତେଣୁ ଏହାକୁ (ବିବେକାଂଶକୁ) କେନ୍ଦ୍ର (ମଥୁରା)ର ରାଜା ବୋଲି କୁହାଯାଏ । ଆସୁରୀ କେନ୍ଦ୍ରର ଆସୁରୀକ ପ୍ରବୃତ୍ତିକୁ ଦମନକରି ମତିକୁ ଧର୍ମ ଆଡ଼କୁ ଗତିକରିବାରେ ସାହାଯ୍ୟ କରୁଥିବାରୁ ଏହି ବିବେକାଂଶକୁ 'ରାଜା ଧର୍ମକେତୁ' ବୋଲି କହନ୍ତି । ଅଧିନି ସ୍ନାୟୁ ରୋମକେ ସ୍ନାୟୁ ସହ ମିଳିତ ହୋଇ ଯେଉଁ ଅସ୍ଥିର ଭାବର ବଶବର୍ତ୍ତୀ ହୁଏ, ସେହି ସମୟରେ ସେ ଆସୁରୀକେନ୍ଦ୍ର ଆଡ଼କୁ ଢଳିଯାଏ ଏବଂ ବିବେକାଂଶର ସତ୍ତ୍ୱ, ଶୁଦ୍ଧଗୁଣ ସହ ମିଳିତ ହୋଇ ରୋମକେସ୍ନାୟୁ ପ୍ରଭାବରୁ ନିଜକୁ ମୁକ୍ତ କରିନିଏ । ଆସୁରୀକେନ୍ଦ୍ରର ସତ୍ତା ମଧ୍ୟରେ ସୂକ୍ଷ୍ମଭାବନେଇ 'ସ୍ନେହ, ମମତା, ପ୍ରେମଭାବ' ସୁପ୍ତ ଅବସ୍ଥାରେ ରହିଥାଏ । ଏହାକୁ 'ମଧୁବନ' କୁହାଯାଏ । ଅଧିନି ସ୍ନାୟୁ (ଜୟା) ବିବେକାଂଶ (ଧର୍ମକେତୁ) ଓ ତ୍ୟାଗ, ଶୁଦ୍ଧଚେତା ଯୁକ୍ତ ମାୟାଂଶ (ମଧୁମତି) ସଂସ୍ପର୍ଶରେ ଆସିବାକ୍ଷଣି ବିବେକାଂଶ ଅଧିନିସ୍ନାୟୁକୁ ଆସୁରୀକେନ୍ଦ୍ର ମଧ୍ୟରେ ଥିବା ସୁପ୍ତାଂଶ 'ସ୍ନେହ, ମମତା, ପ୍ରେମଭାବ'କୁ ଜାଗ୍ରତ କରାଇ ତା ସହିତ ଯୁକ୍ତ କରିଦିଏ ଏବଂ ସୂର୍ଯ୍ୟାୟଣମଣ୍ଡଳର ପ୍ରତିଜ୍ଞାବଦ୍ଧତା ଗ୍ରହଣ କରିଥିବା ସ୍ନାୟୁକୋଷ (ହରିଶ୍ଚନ୍ଦ୍ର) ସହିତ ମିଳିତ କରିଦିଏ । ଏହି ରହସ୍ୟକୁ ଗଳ୍ପାଂଶର ପଞ୍ଚମଭାଗ ବହନ କରିଛି ।

ଅଧିନିସ୍ନାୟୁ ପ୍ରତିଜ୍ଞାବଦ୍ଧତା ସୂର୍ଯ୍ୟାୟଣ ମଣ୍ଡଳସ୍ଥ ସୂକ୍ଷ୍ମ ସ୍ନାୟୁକୋଷରେ ଯୁକ୍ତହେବାକ୍ଷଣି ତାହାର ରୋମକେ ସ୍ନାୟୁ ପ୍ରଭାବିତ ଇନ୍ଦ୍ରିୟାଦି କୁଗୁଣ (କାମବିକାର) ନଷ୍ଟ ହୋଇ ପୂର୍ଣ୍ଣ ଶୁଦ୍ଧତା, ସ୍ୱଚ୍ଛତା ଓ ପବିତ୍ରତା ଜାଗ୍ରତ ହୋଇଯାଏ ଏବଂ ଅସଲ ସ୍ୱରୂପ ପ୍ରକାଶ ପାଏ । ଏହି ଅବସ୍ଥା ପ୍ରାପ୍ତ ହେଲେ 'ପ୍ରତିଜ୍ଞାବଦ୍ଧ ସ୍ନାୟୁ' ତାକୁ (ଅଧିନି ସ୍ନାୟୁକୁ) ପ୍ରକୃତି ଦେବୀଙ୍କ ମାୟାଂଶ ବୋଲି ଚିହ୍ନିପାରେ ଏବଂ ପ୍ରେମ, ଭକ୍ତି ଦ୍ୱାରା ତାକୁ ମାତୃତ୍ୱର ସିଂହାସନରେ ବସାଇ ପବିତ୍ର ହୋଇଯାଏ । ଏହି ସମୟରେ ଅଧିନି ସ୍ନାୟୁ ତିନିଗୋଟି ମହାଶକ୍ତିର ସୂକ୍ଷ୍ମାଂଶ ବହନ କରିଥାଏ । ଯଥା – ତପୟ ଶକ୍ତି, ଆଭୟ ଶକ୍ତି ଓ ବନୟ ଶକ୍ତି । ତପୟ ଶକ୍ତି ଜ୍ଞାନପଥ ରୁଦ୍ଧ କରିବାର ସାମର୍ଥ୍ୟ ରଖେ, ଆଭୟଶକ୍ତି ଜ୍ଞାନ ପ୍ରସାରଣ କରାଏ ଏଂ ବନୟ ଶକ୍ତି ଜ୍ଞାନ ପରୀକ୍ଷା ନେବାକୁ ଶକ୍ତିମନ୍ତ ହୋଇଥାଏ । ଉକ୍ତ ତ୍ରିଶକ୍ତିକୁ ତ୍ରିନୟନ ବୋଲି କୁହାଯାଏ । ଜାଗ୍ରତ ଅବସ୍ଥାରେ ଥିବା ବୁଦ୍ଧି ଓ ଚେତାଯୁକ୍ତ ଜୀବର 'ପ୍ରତିଜ୍ଞାବଦ୍ଧ' କୋଷ ଅଧିନି ସ୍ନାୟୁର ଏହି ତ୍ରିଶକ୍ତି ସୂକ୍ଷ୍ମ ଅବସ୍ଥାକୁ ସ୍ପଷ୍ଟ ଭାବରେ ଅନୁଭବ କରିପାରେ ଓ ସେହି ଅନୁସାରେ ସୂକ୍ଷ୍ମ ବିବେକାଂଶ ରୂପକ ଭାବଦ୍ୱାରା ପରୀକ୍ଷାରେ ଉତ୍ତୀର୍ଣ୍ଣହୋଇ ତ୍ରିନୟନର ଆଶୀର୍ବାଦ ପ୍ରାପ୍ତ ହୁଏ । ଏହାହିଁ ଗଳ୍ପାଂଶ ଷଷ୍ଠ ପରିଚ୍ଛେଦର ସରଳୀକୃତ ପିଣ୍ଡତତ୍ତ୍ୱ ଆଧାରିତ ତତ୍ତ୍ୱାଂଶ ।

ଅଧିନି ସ୍ନାୟୁର ପ୍ରତିଜ୍ଞାବଦ୍ଧ ସୂର୍ଯ୍ୟାୟଣ କୋଷ ସ୍ପର୍ଶଜନିତ କ୍ରିୟାଦ୍ୱାରା ଜ୍ଞାନବିଜ୍ଞାନ ମଣ୍ଡଳସ୍ଥ ସୂକ୍ଷ୍ମଜ୍ୟୋତି ସହ (ଶିବ) ସଂଯୋଗ ହୋଇଯାଏ । ଫଳରେ ସେହି ମଣ୍ଡଳସ୍ଥ ଜ୍ଞାନକୁ ଉକ୍ତ ସ୍ନାୟୁ ଗ୍ରହଣ କରିନିଏ । ଉକ୍ତ ଜ୍ଞାନକୁ ଧାରଣ କରି ଅଧିନି ସ୍ନାୟୁ ଜୀବକୁ ବ୍ରହ୍ମଙ୍କ ବଜ୍ରଆଜ୍ଞା/ଆଦେଶକୁ ଅଖଣ୍ଡ ଭାବରେ ପାଳନ କରିବାର ବଜ୍ରତା ବା ଦୃଢ଼ତା ପ୍ରାପ୍ତ କରାଇଦିଏ । ତେଣୁ ଅଧିନି ସ୍ନାୟୁ (ଜୟଦେବୀ) ଓ ଜ୍ଞାନବିଜ୍ଞାନ (ଶିବ)ଙ୍କ ମିଳିତ କ୍ରିୟାରୁ ପ୍ରାପ୍ତ ହେଉଥିବା 'ବଜ୍ର ଆଜ୍ଞାପାଳନ ଅବସ୍ଥା' (ନନ୍ଦୀଶ୍ୱର)କୁ ଜୟା, ଶିବ ମିଳନରେ ଜନ୍ମ ହୋଇଥିବା ପ୍ରଥମ ସନ୍ତାନ ଭାବରେ ଚିତ୍ରଣ କରାଯାଏ । ଏହି ଅବସ୍ଥାରୁ ଉତ୍ପନ୍ନ ଦ୍ୱିତୀୟ ଶକ୍ତି 'ବଜ୍ର ଶପଥ' ଭାବକୁ ବୁଝାଏ । 'ବଜ୍ର ଶପଥ'କୁ ସ୍ଥୂଳରେ 'ଭୃଙ୍ଗୀ' ବୋଲି କହନ୍ତି । କାରଣ ଉକ୍ତ ଶପଥ କଦାପି ଭଙ୍ଗ ହୁଏ ନାହିଁ । ସେହି ମର୍ମରେ ଅଧିନି ସ୍ନାୟୁ ଓ ଜ୍ଞାନ ବିଜ୍ଞାନ ମଣ୍ଡଳ ଯୋଗ ଅବସ୍ଥାର ଦ୍ୱିତୀୟ ଭାବାଂଶ 'ବ୍ରଜଶପଥ'କୁ (ଭୃଙ୍ଗୀକୁ) ଜୟା ଶିବ ମିଳନର ଦ୍ୱିତୀୟ ସନ୍ତାନ ଭାବରେ ଗ୍ରହଣ କରାଯାଏ । ଏହାପରେ ଅଧିନିସ୍ନାୟୁ ଏହି ଦୁଇତେଜ (ବଜ୍ରଆଜ୍ଞା ଓ ବଜ୍ରଶପଥର ସାମର୍ଥ୍ୟ) ବହନ କରି ପିଣ୍ଡର କଣ୍ଠଚକ୍ର ଭେଦ କରିଯାଏ ଏବଂ ଦ୍ରୁତଗତିରେ ପୂର୍ଣ୍ଣ ବ୍ରହ୍ମତ୍ୱ ପ୍ରାପ୍ତି ପାଇଁ ଜୀବକୁ ସହାୟକ ହୁଏ । ଏହାହିଁ ଗଳ୍ପାଂଶର ସପ୍ତମ ତଥା ଅନ୍ତିମ ତତ୍ତ୍ୱଭାବାଂଶ ।

❋❋❋

# ୩୯ ତମ 'ଚରମ'ରେ ପ୍ରକାଶିତ ପୁରାଣପୃଷ୍ଠାରୁ ଗଳ୍ପାଂଶର ତାତ୍ତ୍ୱିକ ମୀମାଂସା

## ରାମାୟଣରୁ.................... ତ୍ରିଜଟାର ସୀତାଙ୍କୁ ପ୍ରବୋଧନା

ପିଣ୍ଡତତ୍ତ୍ୱରେ ପିଣ୍ଡ ହିଁ ରାମାୟଣ ଭାବରେ ବିଚାର କରାଯାଏ । ପିଣ୍ଡର ନାଦଗର୍ଦ୍ଦଣ କୋଷରେ ଇନ୍ଦ୍ରିୟାଦି ଚଳନର ସୂକ୍ଷ୍ମକ୍ରିୟାକୁ ଇନ୍ଦ୍ରଜିତ କହନ୍ତି । ଶରୀର ମଧ୍ୟରେ ସୂକ୍ଷ୍ମାତିସୂକ୍ଷ୍ମ ରୂପରେ ବିରାଜିତ ପରମାତ୍ମା ଶ୍ରୀରାମ ଅଟନ୍ତି । ନିଷ୍ଠା, ଆଜ୍ଞାବହତା, ପ୍ରତିଜ୍ଞାବଦ୍ଧତା, ଅନୁମାନାଦି ଚେତନାରେ ସିଦ୍ଧ ହୋଇଥିବା ଜୀବାତ୍ମା ଲକ୍ଷ୍ମଣ ନାମରେ ପରିଚିତ ହୁଅନ୍ତି । ପରମାତ୍ମା ଶ୍ରୀରାମ ଓ ଜୀବାତ୍ମା ଲକ୍ଷ୍ମଣଙ୍କ ମଧ୍ୟସ୍ଥଳରେ ବାଧା ବା ପ୍ରାଚୀର ସଦୃଶ ଉଦୟ ହୋଇଥିବା ଶୁଦ୍ଧ, ସାତ୍ତ୍ୱିକ ମାୟା ହେଉଛନ୍ତି ଦେବୀ ସୀତା । ସୁତୀକ୍ଷ୍ଣ, ବିଚାରବନ୍ତ ବିବେକକୁ ବିଭୀଷଣ ବୋଲି କହନ୍ତି । ପ୍ରକୃତିଙ୍କ ବୈଷ୍ଣବୀମାୟାର ୨୦ତମ ଭାବାଂଶର ନାମ 'ଶଙ୍ଖଚୂର୍ଣ୍ଣୀ ମାୟା' । ଏହିଭାବାଂଶର ଆସୁରୀକ କେନ୍ଦ୍ରରେ ସତ୍ତ୍ୱଗୁଣ ଆଧାରିତ ବୋଧଶକ୍ତି, ଧୈର୍ଯ୍ୟଶକ୍ତି ଓ ଚୈତନ୍ୟ ଯଥାକ୍ରମେ ଚୁଡାମଣିମାୟା, ଗୁଞ୍ଜରୀନା ମାୟା ଓ ଜମ୍ଭାରୀ ମାୟାଭାବରେ କ୍ରିୟାଶୀଳ ହୋଇ ରହିଛନ୍ତି । ଉକ୍ତ ତିନିମାୟାଂଶ ଯେଉଁ ସ୍ନାୟୁକୋଷରେ ଏକତ୍ର ହୋଇରହନ୍ତି ସେହି ସ୍ନାୟୁକୋଷର ନାମ ତ୍ରିଜଟା । ଏହି ତ୍ରିଜଟା ସ୍ନାୟୁକୋଷ ସର୍ବଦା ଶୁଦ୍ଧ ବିବେକ ଦ୍ୱାରା ନିୟନ୍ତ୍ରିତ ହେଉଥିବାରୁ ଆଳଙ୍କରିକ ବର୍ଣ୍ଣନାରେ ଏହାକୁ ବିଭୀଷଣ (ବିବେକ)ର କନ୍ୟାବୋଲି କୁହାଯାଇଅଛି । ପିଣ୍ଡରେ ଭୋଗ ହେଉଥିବା ସତ୍ତ୍ୱ, ରଜ ଓ ତମ ଗୁଣମାନଙ୍କ ମଧ୍ୟରେ ପ୍ରତ୍ୟେକଙ୍କର ପୃଥକ ପୃଥକ ଭାବରେ ଶାନ୍ତି ସ୍ଥଳ ଅଛି । ସେହିକ୍ରମରେ ତମଗୁଣର ଆସୁରୀକ କେନ୍ଦ୍ରକୁ ବହନ କରିଥିବା ଜୀବକୋଷକୁ ରାବଣ ଏବଂ ଆସୁରିକ ଭାବ, ଅହଂକାର, 'ଭୋଗ'ର ବିଭୂଷିତ ମାୟା ତଥା ଐଶ୍ୱର୍ଯ୍ୟର ସ୍ଥୂଳ କେନ୍ଦ୍ରକୁ ଧାରଣ କରିଥିବା ଜୀବକୋଷକୁ ଲଙ୍କାପୁର କୁହାଯାଏ । ଆସୁରିକ କେନ୍ଦ୍ରରେ ଥିବା ଶାନ୍ତି ସ୍ଥାନ ଯେଉଁଠାରେ ଶୋକ ନାହିଁ, ତାହାକୁ ଅଶୋକବନ ଭାବରେ ବିବେଚନା କରାଯାଏ । ରାବଣଙ୍କର ଅନ୍ୱେଷୀ ମାୟା (ଆସୁରୀକ) ଯେଉଁ ସୂକ୍ଷ୍ମ ସ୍ନାୟୁକୋଷରେ ଗଚ୍ଛିତ ରହିଥାଏ ସେହି ସ୍ନାୟୁମାନଙ୍କୁ ରାକ୍ଷସୀଗଣ ବୋଲି କହନ୍ତି । ଏହି ସ୍ନାୟୁମାନେ ଆସୁରିକ କେନ୍ଦ୍ରର ଶାନ୍ତି ସ୍ଥଳକୁ ସର୍ବଦା ଜଗିରହି ସୁରକ୍ଷା ପ୍ରଦାନ କରୁଥାନ୍ତି । ରାବଣ ଏହିମାନଙ୍କ ମାଧ୍ୟମରେ ଆସୁରିକ ମାୟା ଅନ୍ତର୍ଗତ ଗୋପନଲୀଳା ସଂରଚନ କରି ଅଶୋକବନ (ଶାନ୍ତିସ୍ଥଳ)ରେ ବିଜେହୋଇଥିବା ସୀତାଦେବୀ (ଶୁଦ୍ଧ ସାତ୍ତ୍ୱିକମାୟା)କୁ ସୁରକ୍ଷା ପ୍ରଦାନ କରୁଥାଏ । ସେହିପରି ''କାଳକେତୁ କର୍ମ ବନ୍ଧନ ଗ୍ରହାଦି ସୂତ୍ରୀ''କୁ ପିଣ୍ଡ ମଧ୍ୟରେ ନାଗପାଶ ହିସାବରେ ବିଚାର କରାଯାଏ । ଆତ୍ମା + ପରମାତ୍ମାଙ୍କ ମିଳନ କେନ୍ଦ୍ର 'ଚୈତନ୍ୟ'କୁ ପୃଥ୍ୱୀ ବା ପୃଥିବୀ ଭାବରେ ଗ୍ରହଣ କରାଯାଏ । ଚିତ୍ତର ଦୃଢ଼ନିଦାନ ଭାବକୁ ଗରୁଡ଼ ବୋଲି କହନ୍ତି । କାରଣ ଜଗତରେ ଏହି ନିଦାନ ତ୍ରିଗୁଣକୁ ବହନ କରେ । ଗରୁଡ଼ର ଲଲାଟରେ ଟଙ୍କାର ଅର୍ଥ ଦୃଢ଼ନିଦାନ ଭାବରେ ଧ୍ୱନୀ ହରିଦ୍ରାବର୍ଣ୍ଣ ଧାରଣ କରିବାକୁ ବୁଝାଇଥାଏ । ନାଦଗର୍ଦ୍ଦଣ କୋଷର ମୂଳଧାରରୁ ପଞ୍ଚପ୍ରାଣବାୟୁ ସୃଷ୍ଟି ହୋଇଛି । କାରଣ ଜଗତର ଅଣସୂତ୍ରୀକ ଭାବର ହରିଦ୍ରାବିନ୍ଦୁ ପିଣ୍ଡରେ ଚାନ୍ଦ୍ରାୟଣ, ସୂର୍ଯ୍ୟାୟଣ, ସ୍ୱର ହୋଇ ପଞ୍ଚବାୟୁରେ ମିଶ୍ରିତ ହୋଇ ରହିଛି । ଏହାକୁ ପବନ ନାମରେ ପରିଚୟ ପ୍ରଦାନ କରାଯାଇଅଛି । ବ୍ରହ୍ମାଦି ଦେବଗଣ କହିଲେ, ପିଣ୍ଡମଧ୍ୟସ୍ଥ ଇନ୍ଦ୍ରିୟାଦି ଅଧିପତି ଓ ଚକ୍ରାଧିପତିଙ୍କୁ ବୁଝାଏ ।

ଉପରବର୍ଣ୍ଣିତ ପିଣ୍ଡତତ୍ତ୍ୱର ଆଧାରରେ ପୁରାଣର ଗଳ୍ପାଂଶଟିକୁ ସମୀକ୍ଷାକଲେ ଜଣାପଡ଼େ ଯେ, ନାଦଗର୍ଦ୍ଦଣ କୋଷରେ ସଂଘଟିତ ହେଉଥିବା ଇନ୍ଦ୍ରିୟାଦି ଚଳନକ୍ରିୟାର ସୂକ୍ଷ୍ମପ୍ରଭାବ ଦ୍ୱାରା କାଳକେତୁ କର୍ମବନ୍ଧନ ଗ୍ରହାଦିସୂତ୍ରୀ ଜାଗ୍ରତ ହୋଇ କ୍ରିୟାଶୀଳ ହୋଇଗଲା । ଏହି ସମୟରେ ଅନୁମାନାଦି ଚେତନାସିଦ୍ଧ ଜୀବାତ୍ମା (ଲକ୍ଷ୍ମଣ) ପରମାତ୍ମା (ଶ୍ରୀରାମ)ଙ୍କ ନିକଟବର୍ତ୍ତୀ ହୋଇଯାଇଥିବାରୁ ଉକ୍ତ ସୂକ୍ଷ୍ମକ୍ରିୟାଦ୍ୱାରା ମୋହଗ୍ରସ୍ଥ ହୋଇଗଲେ । ଏହାଫଳରେ ନାଦଗର୍ଦ୍ଦଣ କୋଷ କେନ୍ଦ୍ରରେ ଥିବା ଶୁଦ୍ଧସାତ୍ତ୍ୱିକ ମାୟା (ସୀତା) କମ୍ପନ ଅନୁଭବ କଲା । କମ୍ପିତ ଅବସ୍ଥା ପ୍ରାପ୍ତ ହୋଇ ମାୟା ପ୍ରତିକାର ପାଇଁ ବ୍ୟାକୁଳ ହୋଇ ଉଠିଲା । ମାତ୍ର ଜୀବାତ୍ମାକୁ ପରମାତ୍ମା ସହିତ ମିଳନକ୍ରିୟାର ସ୍ଥାୟୀତ୍ୱ ପ୍ରତିଷ୍ଠା

କରାଇନଦେବା ଉଦ୍ଦେଶ୍ୟରେ ତମଗୁଣ ଆଧାରିତ ଆସୁରୀକ କେନ୍ଦ୍ରସ୍ଥ ଜୀବକୋଷ (ରାବଣ)ର ନିର୍ଦ୍ଦେଶରେ ଆସୁରୀକ କେନ୍ଦ୍ରର ଶାନ୍ତିସ୍ଥାନ (ଅଶୋକବନ)କୁ ଅର୍ନ୍ତେୟୀମାୟାର ସୂକ୍ଷ୍ମ ସ୍ନାୟୁକୋଷମାନେ ଜାଗ୍ରତ ହୋଇ ଶାନ୍ତିସ୍ଥାନ ଓ ସେହି ସ୍ଥାନରେ କମ୍ପିତ ଅବସ୍ଥାରେ ଥିବା ସାତ୍ତ୍ୱିକ ମାୟାକୁ ଆଚ୍ଛାଦନ କରିଦେଲେ । ଫଳରେ ଶୁଦ୍ଧ, ସାତ୍ତ୍ୱିକମାୟା ବିବ୍ରତ ହୋଇ ପରମାତ୍ମାଙ୍କୁ ଚିନ୍ତାକରିବାକୁ ଲାଗିଲା । ଏହାଦ୍ୱାରା ପ୍ରକୃତିଙ୍କ ବୈଷ୍ଣବୀମାୟାର ୨୦ତମ ଭାବାଂଶ ଅନ୍ତର୍ଗତ ତ୍ରିମାୟା (ତ୍ରିଜଟା) ତୁଭାନ୍ତି, ଗୁଞ୍ଜରୀନା ଓ ଜମ୍ବାରୀ ମାୟାଂଶ ଯଥାକ୍ରମେ ବୋଧ, ଧୈର୍ଯ୍ୟ ଓ ଚୈତନ୍ୟ ଶକ୍ତି ସାତ୍ତ୍ୱିକ ଗୁଣରେ ବିସ୍ତାରିତ କରାଇ ଶୁଦ୍ଧ ସାତ୍ତ୍ୱିକ ମାୟା (ସୀତା) ସହିତ ମିଳିତ ହୋଇଗଲା । ପିଣ୍ଡର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଜୀବକୋଷ, ସ୍ନାୟୁକୋଷ ଓ ସ୍ନାୟୁଗୁଡ଼ିକ ଆସୁରୀକ ମାୟାକବଳିତ ହୋଇ ଜାଗ୍ରତ ହୋଇଯିବାରୁ ଷଡ଼ଚକ୍ରସ୍ଥିତ ପଦ୍ମ କମ୍ପିତ ହେଲା । ଇନ୍ଦ୍ରିୟାଦି ଚଳନ କ୍ରିୟା କ୍ଷିପ୍ରଗତି ଧାରଣ କଲା । ଫଳରେ ନାଦଗର୍ଦ୍ଦଣ କୋଷର ମୂଳାଧାରରୁ ପଞ୍ଚବାୟୁ ସ୍ୱର ରୂପରେ ପ୍ରବାହିତ ହୋଇ ପରମାତ୍ମାଙ୍କୁ (ଶ୍ରୀରାମ) ସ୍ପର୍ଶ କଲା । ଏହି ସ୍ପର୍ଶଦ୍ୱାରା ପରମାତ୍ମାଙ୍କ ଇଚ୍ଛାକ୍ରମେ ନାଦଗର୍ଦ୍ଦଣକୋଷରେ ସୂକ୍ଷ୍ମଭାବରେ ଥିବା ଦୃଢ଼ନିଦାନ ଭାବଚିହ୍ନ (ଗରୁଡ଼) ହରିଦ୍ରାବର୍ଣ୍ଣ ଧାରଣକଲା ଏବଂ ଏହାର କାରଣ ଜଗତରେ ରହିଥିବା ମୂଳତତ୍ତ୍ୱ ସହିତ ସଂଯୁକ୍ତ ହୋଇଗଲା । ଦୃଢ଼ନିଦାନଭାବର (ଗରୁଡ଼) ଜାଗ୍ରତ ଅବସ୍ଥା ପ୍ରାପ୍ତ ସଂଗେ ସଂଗେ ଜୀବାତ୍ମା ଓ ପରମାତ୍ମାଙ୍କୁ ଆବୋରି ରହିଥିବା 'କାଳକେତୁ କର୍ମ ବନ୍ଧନ ଗ୍ରହାଦି ସୂତ୍ରୀ' ଆପେ ଆପେ ଅପସରିଗଲା ଏବଂ ଏମାନେ ଚେତନା ଫେରିପାଇଲେ । ଦୃଢ଼ନିଦାନଭାବ (ଗରୁଡ଼) ପୁନଶ୍ଚ କାରଣ ଜଗତକୁ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ପରମାତ୍ମାଙ୍କ ଦ୍ୱିଭୁଜ ମୂରଲୀଧର ରୂପ, ତ୍ରିଭଙ୍ଗ ଭଙ୍ଗିମ ରୂପ, ଗଳାରେ ବନମାଳା, ଶିଖୀପୁଚ୍ଛବଦ୍ଧ ଚୂଡ଼ା, ଅଳକାମଣ୍ଡିତ ଶଶିଶ୍ରୀମୁଖମଣ୍ଡଳ ତଥା ପିତାମ୍ବର ପରିଧାନ ପୂର୍ବକ ଦିବ୍ୟଲାବଣ୍ୟରୂପ ଦର୍ଶନ ପାଇଁ ଇଚ୍ଛାପ୍ରକଟ କରନ୍ତେ ପରମାତ୍ମା ଶ୍ରୀରାମ ତାହାର ଇଚ୍ଛାପୂର୍ଣ୍ଣ କରି ସେହିରୂପରେ ଦର୍ଶନ ଦେଲେ ।

ପିଣ୍ଡରେ ଜୀବର ଅନୁମାନ ଚେତାକୁ ହନୁମାନ କୁହାଯାଏ । ଅନୁମାନର କାର୍ଯ୍ୟ ବହୁମୁଖୀ, ବ୍ୟାପକ, ବିସ୍ତୃତ ଅଟେ । ଜୀବ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତିମୁହୂର୍ତ୍ତରେ ଅନୁମାନ ବା କଳ୍ପନାରୂପକ କାଳର ଗତି ପ୍ରାପ୍ତ ହୁଏ । ଲକ୍ଷ୍ୟ ଦୃଢ଼ ଓ ଜିଦ୍ ଅଟଳ ରହିଲେ ଗତି ସଫଳ ହୁଏ । ଫଳରେ ଅନୁମାନ ଶୁଦ୍ଧଚେତା ସହିତ ଏକତ୍ର ହୋଇ ସିଦ୍ଧିସହ ଜୀବାତ୍ମାକୁ ମାୟା ବନ୍ଧନରୁ ମୁକ୍ତ କରାଇ ପରମାତ୍ମାଙ୍କ ସହ ମିଳନର ପଥ ପରିଷ୍କାର କରିଦିଏ । ଏହି ଅବସ୍ଥା କ୍ୱଚିତ୍ ଜୀବକୁ ପ୍ରାପ୍ତ ହୋଇଥାଏ । କିନ୍ତୁ ସାଧାରଣ ଜୀବ ପକ୍ଷେ ଉକ୍ତ ଅନୁମାନସୂତ୍ରୀ ଅନେକ ବିପଦ ସୃଷ୍ଟିକରେ । ପରୋକ୍ଷରେ ଜୀବକୁ ବିଷୟାଜଗତକୁ ମୋହିତ କରାଏ, କିନ୍ତୁ ସଫଳତା ବହୁତ କମ୍ ଆସେ । କାରଣ ଅନୁମାନର କ୍ଷୁଦ୍ରାଦି କର୍ମ ଯଥା ସନ୍ଦେହ, ଅବିଶ୍ୱାସ ଓ କପଟ ଭାବ ଯାହାକୁ **ପିଣ୍ଡରେ କପିଗଣ** ବୋଲି କହନ୍ତି ଜୀବକୁ ଧ୍ୱଂସ ମୁଖକୁ ଠେଲିଦିଏ । ଏହି କପିଗଣ ଅନୁମାନର ନିର୍ଦ୍ଦେଶରେ ପରିଚାଳିତ ହୁଅନ୍ତି ।

ଗଳ୍ପାଂଶରେ ବର୍ଣ୍ଣିତ ଦୃଢ଼ନିଦାନ ଭାବ (ଗରୁଡ଼) ପରମାତ୍ମା (ଶ୍ରୀରାମ)ଙ୍କ ମୂରଲୀଧର ରୂପ ଦର୍ଶନ କରୁଥିବାର ଦେଖି ପିଣ୍ଡରେ ସାତ୍ତ୍ୱିକଭାବରେ ଦୃଢ଼ତା ପ୍ରାପ୍ତ ହୋଇଥିବା ଏବଂ ଚେତା ଜାଗ୍ରତ କରାଇଥିବା ଅନୁମାନ (ହନୁମାନ) ସ୍ୱଭାବ (କପିସ୍ୱଭାବ) ପ୍ରଭାବରେ ପ୍ରତିହିଂସା ପରାୟଣ ହୋଇ ପ୍ରତିଶୋଧ ନେବାପାଇଁ ପ୍ରତିଜ୍ଞାବଦ୍ଧ ହେଲା । ଅପରପକ୍ଷରେ ଜୀବାତ୍ମାକୁ କବଳିତ କରିବାପାଇଁ ସମସ୍ତ ଚେଷ୍ଟା ବିଫଳ ହେବାପରେ ତମଗୁଣର ଆସୁରୀକ ଭାବକୁ ଗ୍ରହଣ କରି ରଖିଥିବା ଜୀବକୋଷ (ରାବଣ) ତାହାର ନିଶ୍ଚିତ ପରାଜୟ ଅର୍ଥାତ୍ ଜୀବାତ୍ମା ଓ ପରମାତ୍ମାଙ୍କ ମିଳନପଥରୁ ଅପସାରିତ ହେବା ଅପରିହାର୍ଯ୍ୟ ମନେକରି ଆସୁରୀ ମାୟାର ୬୪(ଚଉଷଠୀ) ଅଂଶରେ ବିଭୂଷିତ ଭୟଙ୍କର ଆସୁରୀକ ପ୍ରବୃତ୍ତି (ଯାହାକୁ ପିଣ୍ଡରେ **ଧୂମ୍ରାକ୍ଷ** ବୋଲି କହିଥାନ୍ତି) କୁ ଜାଗ୍ରତ କରାଇଦେଲା । ଏହି ପ୍ରବୃତ୍ତି ଆସୁରୀକ ଭାବ (ରାବଣ)ର ସପ୍ତମ ପ୍ରକୃତି ଭାବମାୟାକୁ ନେଇ ଗଠିତ ହୋଇଅଛି । ହତାଶହୋଇ ରାବଣ ତାହାର ଉକ୍ତ ଭାବମାୟାକୁ କ୍ରୋଧଯୁକ୍ତ କରାଇ ଜୀବାତ୍ମା, ପରମାତ୍ମା ମିଳନପଥକୁ ଅବରୋଧ କରାଇବାପାଇଁ ପ୍ରେରଣ କଲା ।

OOO

ଆମର ଲକ୍ଷ୍ୟ : ଚରମପ୍ରାପ୍ତି